



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-7 • BHUBANESWAR • TUESDAY • 1 JULY 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୭ • ଭୁବନେଶ୍ୱର • ମଙ୍ଗଳବାର • ୧ ଜୁଲାଇ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ଅହଂକାରରୁ ଅରାଜକତା

## ବିଏମ୍‌ସି ଅଧିକାରୀଙ୍କୁ ଅଫିସ୍‌ରୁ ଘୋଷାଡ଼ି ଆଣି ମରଣାନ୍ତକ ଆକ୍ରମଣ

### ସୀମା ଟପିଲା ବିଜେପିର ଗୁଣ୍ଡାରାଜ



■ ଭୁବନେଶ୍ୱର, ୩୦।୬ (ସମିସ): ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ରାଜ୍ୟ ବିକାଶର ନାରା ଦେଇ ଶାସନ କ୍ଷମତାକୁ ଆସିଥିବା ବିଜେପିର ନେତା ଓ କର୍ମୀଙ୍କ ଅହଂକାର ଶାନ୍ତିପ୍ରିୟ ଓଡ଼ିଶାକୁ ଭୟଙ୍କର ଅରାଜକତା ଭିତରକୁ ଠେଲିଦେଇଛି। ରାଜ୍ୟରେ ବିଜେପି ଶାସନର ଏକ ବର୍ଷ ମଧ୍ୟରେ ହତ୍ୟା, ଦୁଷ୍କର୍ମ ଭଳି ହିଂସା ପାଇଁ ଓଡ଼ିଶା ଏବେ ଜାତୀୟ/ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଥିବା ବେଳେ ଦିନକୁ ଦିନ ଶାସକ ଦଳର ନେତା ଓ କର୍ମୀଙ୍କ ଆପରାଧିକ ଆଚରଣ ବଢ଼ିବଢ଼ି ଚାଲିଛି। ରାଜ୍ୟ ପ୍ରଶାସନର ପରିଚାଳନାଗତ ଅବ୍ୟବସ୍ଥା ଯୋଗୁଁ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଦଳାଚକଟା ହୋଇ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାକୁ ବିଶ୍ୱବାସୀ ନିନ୍ଦା କରିଥିବାବେଳେ ସରକାରୀ କର୍ମଚାରୀଙ୍କ ଉପରେ ବଢ଼ୁଥିବା ଆକ୍ରମଣ ରାଜ୍ୟ ସରକାରଙ୍କ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି। ଏହିକ୍ରମରେ ସୋମବାର ସବୁ ସୀମା ଅତିକ୍ରମ କରିଛି ବିଜେପି ନେତା ଓ କର୍ମୀଙ୍କ ଗୁଣ୍ଡାଗର୍ଦି। ଖୋଦ୍ ରାଜଧାନୀରେ ଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଫିସରେ ପଶି କର୍ତ୍ତବ୍ୟରତ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ ତଥା ଅତିରିକ୍ତ କମିଶନରଙ୍କୁ ଅଫିସ ଭିତରୁ ପୋର୍ଟିକୋ ପର୍ଯ୍ୟନ୍ତ ଘୋଷାଡ଼ି ଘୋଷାଡ଼ି ଆଣି ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଭଳି ଘଟଣା ପରେ ରାଜ୍ୟବ୍ୟାପୀ ▶ପୃଷ୍ଠା-୭

### ଫୋନ୍ ଛଡ଼ାଇ ନେଇ ଅପ୍‌ଲୋଡ୍ କଲେ ଆପତ୍ତିଜନକ ଫଟୋ, ଭିଡିଓ

### ଧାରଣାରେ ବିଏମ୍‌ସି କର୍ମଚାରୀ, ଆଜିଠୁ କାର୍ଯ୍ୟବନ୍ଦ ଚେତାବନୀ

### ବିଜେଡିର ପ୍ରତିବାଦ; ମେୟର, ୩ ବିଧାୟକଙ୍କୁ ଉଠାଇନେଲା ପୁଲିସ


### ବିଏମ୍‌ସି ଅତିରିକ୍ତ କମିଶନର୍‌ଙ୍କ ଏତଲା ୩ ଗିରଫ



■ ଭୁବନେଶ୍ୱର, ୩୦।୬ (ସମିସ): ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଅଫିସ ଭିତରେ ଘୋଷାଡ଼ି ଘୋଷାଡି ଆକ୍ରମଣ କରିବା ଘଟଣାରେ ଖାରବେଳନଗର ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୀବନ ରାଉତ, ରଶ୍ମୀ ମହାପାତ୍ର ଏବଂ ଦେବାଶିଷ ପ୍ରଧାନ। ସେମାନଙ୍କୁ ସହିଦନଗର ଥାନା ଅଞ୍ଚଳରୁ ଗିରଫ କରାଯାଇଥିବା ପୁଲିସ କହିଛି। ଏହି ମାମଲାରେ ସମ୍ପୃକ୍ତ ସଚ୍ଚିକାନ୍ତ ସ୍ୱାଇଁ, ସଞ୍ଜୀବ ମିଶ୍ର, ଦେବୁ ଏବଂ କାର୍ତ୍ତିକ ଫେରାର ଥିବା ଜଣାପଡ଼ିଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ବିରୋଧରେ ପୁଲିସ ବିଏନ୍‌ଏସ୍ ଧାରା ୩୩୩ (ସରକାରୀ ଅଫିସ ଭିତରେ ▶ପୃଷ୍ଠା-୭

### ଦୃଢ଼ ନିନ୍ଦାକଲେ ନବୀନ

## ରାଜ୍ୟବାସୀ କେବେ କ୍ଷମା କରିବେ ନାହିଁ



■ ଭୁବନେଶ୍ୱର, ୩୦।୬ (ସମିସ): ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ କମିଶନର (ଓଏଏସ ଅଧିକାରୀ) ରତ୍ନାକର ସାହୁଙ୍କୁ ଆକ୍ରମଣ ଓ ମାଡ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମୁମ୍ବାଇରେ ଚିକିତ୍ସାଧୀନ ନବୀନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଆକ୍ରମଣର ଭିଡିଓ ମୋତେ ଚକିତ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ସରକାର ପ୍ରତି ବିଶ୍ୱାସ ଫେରାଇ ଆଣିବାକୁ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ। ପୂର୍ବତନ ରାଜ୍ୟପାଳଙ୍କ ପୁଅ ଯେପରି ଜଣେ ଅଧିକାରୀଙ୍କୁ ଆକ୍ରମଣ କରି ଦଣ୍ଡିତ ହେବାରୁ ବର୍ତ୍ତିଗଲେ, ଏହି ଘୃଣ୍ୟ କାର୍ଯ୍ୟ ସହ ଜଡ଼ିତ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସେପରି ଘଟିବାକୁ ଦିଅ। ▶ପୃଷ୍ଠା-୭

### ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଦାବି

### ରାଜ୍ୟପାଳଙ୍କ ପୁଅ ମାଡ଼ ଘଟଣା ପରି ଦଣ୍ଡରୁ ନ ବର୍ତ୍ତନ୍ତୁ ଦୋଷୀ

## ୩୦ ବର୍ଷରେ ଏଭଳି କେବେ ହୋଇ ନ ଥିଲା

### ଓଏଏସ୍ ସଂଘର ତୀବ୍ର ନିନ୍ଦା


### ମନୋବଳ ଭାଙ୍ଗିଯାଇଛି, ବିତୃଷ୍ଣା ଭାବ ସୃଷ୍ଟି ହୋଇଛି

### ପ୍ରରୋଚନାକାରୀ ବି ଗିରଫ ହେବା ଦରକାର

■ ଭୁବନେଶ୍ୱର, ୩୦।୬ (ସମିସ): ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ରାଜ୍ୟ ଓଏଏସ୍ ସଂଘ ତୀବ୍ର ବିରୋଧ କରିଛି। ଏଭଳି ଘଟଣା ପରେ ତୁରନ୍ତ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇ ଆକ୍ରମଣକାରୀ ଓ ଏଥିରେ ସଂଶ୍ଳିଷ୍ଟ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଏହି ବୈଠକ ପରେ ଓଏଏସ୍ ସଂଘର ସଭାପତି ଜ୍ୟୋତିରଞ୍ଜନ ମିଶ୍ର ▶ପୃଷ୍ଠା-୭







# ଭାରତ ବିରୋଧରେ ପୁଣି ଷଡ଼ଯନ୍ତ୍ର

## ମେଳି କରୁଛନ୍ତି ଚୀନ୍, ପାକିସ୍ତାନ, ବାଂଲାଦେଶ

ନୂଆଦିଲ୍ଲୀ, ୩୦।୬(ଏଜେନ୍ସି): ସାର୍କ (ସାଉଥ ଏସିଆ ଆସୋସିଏସନ ଫର ରିଜିଓନାଲ କୋପରେସନ)ର ବିକଳ୍ପ ସଂଗଠନ ଗଠନ କରି ଚୀନ୍, ପାକିସ୍ତାନ ଓ ବାଂଲାଦେଶ ଏବେ ଭାରତକୁ ଜବାବ ଦେବାକୁ ଚକ୍ରାନ୍ତ ଆରମ୍ଭ କରିଛନ୍ତି। ସାର୍କରେ ଭାରତ ଏକ ପ୍ରମୁଖ ସଦସ୍ୟ ଭାବେ ପ୍ରଭାବ ଜାହିର କରିଆସିଛି। କିନ୍ତୁ ପାକିସ୍ତାନର ଆତଙ୍କବାଦୀ ତଥା ଅନ୍ୟ ଭାରତ ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ଭାରତ ସାର୍କରୁ ଦୂରେଇ ଆସିଛି। ଉରି ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସାର୍କକୁ ବଏକଟ କରିଛି। ଫଳରେ ଏବେ ନୂଆ ସଂଗଠନ ଗଠନ କରିବାକୁ ଚୀନ୍ ଓ ପାକିସ୍ତାନ ଆଲୋଚନା ଆରମ୍ଭ କରିଛନ୍ତି ଓ ଏହି କଥା ଆଗକୁ ବଢ଼ିଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଏହି ଅଭିଯାନରେ ବାଂଲାଦେଶକୁ ସାମିଲ କରାଯାଇଛି। ଚୀନ୍‌ର କୁନମିଙ୍ଗ୍‌ରେ ଏହି ବୈଠକ ହୋଇଥିଲା। ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ଏହି ନୂଆ ସଂଗଠନରେ ସାମିଲ କରିବା ହିଁ ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପାକିସ୍ତାନର ଏକ୍ସପ୍ରେସ ଟ୍ରାଇବ୍ୟୁନ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ଉଲ୍ଲେଖଥାଉ କି, ୧୯୮୫ ଡିସେମ୍ବର ୮ରେ ସାର୍କ ସଂଗଠନ ଗଠନ କରାଯାଇଥିଲା। ସାର୍କରେ ୭ଜଣ ପ୍ରତିଷ୍ଠାତା ସଦସ୍ୟ ରହିଛନ୍ତି। ୨୦୦୭ରେ ଆଫଗାନିସ୍ତାନକୁ ଏଥିରେ ସାମିଲ କରାଯାଇଥିଲା।



### ୨୦୧୪ରେ ଶେଷଥର ପାଇଁ ବୈଠକ ବସିଥିଲା

୨୦୧୬ରେ ସାର୍କ କାର୍ଯ୍ୟ କରିବା ବନ୍ଦ ହୋଇଥିଲା। ୨୦୧୪ରେ ନେପାଳ ରାଜଧାନୀ କଠମାଣ୍ଡୁରେ ସାର୍କର ଶିଖର ସମ୍ମିଳନୀ ଶେଷଥର ପାଇଁ ଅନୁଷ୍ଠିତ ହୋଇଥିଲା। ଭାରତ ସାର୍କ ବଦଳରେ ଏବେ ବିମଷ୍ଟେକକୁ ଅଗ୍ରାଧିକାର ଦେବା ଆରମ୍ଭ କରିଥିଲା। ୨୦୨୦ରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ସାର୍କ ଭିଡିଓ କନଫରେନ୍ସରେ କୋଭିଡ୍-୧୯ ଜରୁରିକାଳୀନ ସ୍ଥିତି ପାଇଁ ୧୦ ମିଲିଅନ ଆମେରିକୀୟ ଡଲାର ପାଣ୍ଠି ଦେବାକୁ ଘୋଷଣା କରିଥିଲେ। ଏହାପରେ ୨୦୨୦ ନଭେମ୍ବରରେ ଇସ୍‌ଲାମାବାଦ୍‌ରେ ହେବାକୁଥିବା ସାର୍କ ବୈଠକକୁ ଭାରତ ବଏକଟ କରିଥିଲା। ଉରିରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଆକ୍ରମଣରେ ୧୭ ଜଣ ଭାରତୀୟ ସୈନିକ ମୃତ୍ୟୁବରଣ କରିଥିବାରୁ ଭାରତ ଏହି ନିଷ୍ପତ୍ତି ନେଇଥିଲା। ସେତେବେଳେ ଆଫଗାନିସ୍ତାନ, ବାଂଲାଦେଶ ଓ ନେପାଳ ମଧ୍ୟ ଆତଙ୍କବାଦ ଓ ଆଞ୍ଚଳିକ ବୈଷମ୍ୟକୁ ବିରୋଧ କରି ଏହି ବୈଠକକୁ ବଏକଟ୍ କରିଥିଲେ।

### ■ ସାର୍କ ବଦଳରେ ଗଠନ ହେବ ନୂଆ ସଂଗଠନ

ଗଠନ ହେବାକୁ ଥିବା ନୂଆ ସଂଗଠନରେ ସାମିଲ ହେବାକୁ ଭାରତକୁ ଆମନ୍ତ୍ରଣ କରାଯାଇପାରେ। କିନ୍ତୁ ଭାରତ ଏହାକୁ ପ୍ରତ୍ୟାଖାନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ସାର୍କକୁ ବାତିଲ କରି ଚୀନ୍‌ର ପ୍ରଭାବ ବିସ୍ତାର କରିବାକୁ ଏହି ନୂଆ ସଂଗଠନ ଗଠନ କରାଯାଉଛି ବୋଲି ଭାରତ ହୃଦୟଙ୍ଗମ କରିଛି। ପୂର୍ବରୁ ଚୀନକୁ ସାର୍କରେ ସାମିଲ କରିବାକୁ ପାକିସ୍ତାନ ଚାହୁଁଥିଲା। କିନ୍ତୁ ପାକିସ୍ତାନର ଏହି ଆଶା ପୂରା ହୋଇ ନଥିଲା। ତେଣୁ ଚୀନକୁ ନୂଆ ସଂଗଠନରେ ସାମିଲ କରିବାକୁ ଏବେ ବିଧିବଦ୍ଧ ଭାବେ ଚକ୍ରାନ୍ତ ଆରମ୍ଭ ହୋଇଛି ବୋଲି ଧରି ନେବାକୁ ହେବ। ତେବେ ଆଗକୁ କ'ଣ ହେଉଛି ତାହା ଦେଖିବାକୁ ବାକି ରହିଲା।

## ରାସାୟନିକ କାରଖାନାରେ ବିସ୍ଫୋରଣ
## ୧୨ ଶ୍ରମିକ ମୃତ, ୩୪ ଆହତ



ସଙ୍ଗାରେଡ୍ଡୀ, ୩୦।୬ (ଏଜେନ୍ସି): ତେଲଙ୍ଗାନା ସଙ୍ଗାରେଡ୍ଡୀ ଜିଲ୍ଲାର ପାସାମିଲାରାମ ସ୍ଥିତି ରାସାୟନିକ କାରଖାନା 'ସିଗାଚି ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ'ର ରିଆକ୍ଟରରେ ସୋମବାର ସକାଳେ ଭୟଙ୍କର ବିସ୍ଫୋରଣ ହୋଇଛି। ଏହି ଅଘଟଣରେ ୧୨ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ୩୪ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଆଇଜି ଭି ସତ୍ୟନାରାୟଣ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୬ ମୃତଦେହ ଉଦ୍ଧାର କରାଯାଇଛି। ଏଠାରେ ଓଡ଼ିଶା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗର ଶ୍ରମିକ କାମ କରୁଥିଲେ। ତେବେ ଏ ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରି ନାହିଁ। କାରଖାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦୁର୍ଘଟଣା ସମୟରେ ୧୫୦ ଜଣ କାମ କରୁଥିଲେ। ଏହାର ଆଖପାଖରେ ଆଉ ୯୦ ଜଣ ରହିଥିଲେ। ସକାଳ ୯ଟା ୨୮ରୁ ୯ଟା ୩୫ ଭିତରେ ଏହି ବିସ୍ଫୋରଣ ହୋଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ ସେଠାରେ କାମ କରୁଥିବା ଶ୍ରମିକ ଶହେ ମିଟର ଦୂରରେ ଯାଇ ପଡ଼ିଥିଲେ। ବିସ୍ଫୋରଣରେ ରିଆକ୍ଟର ୟୁନିଟ ସମ୍ପୂର୍ଣ୍ଣ ଛାରଖାର ହୋଇଯାଇଛି। ଏହାର ସୂଚନା ପାଇବା ମାତ୍ରେ ଦମକଳ ବିଭାଗ ଏବଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ପରେ ଏନ୍‌ଡିଆରଏଫ ଏବଂ ଏସ୍‌ଡିଆରଏଫ ଟିମ୍‌କୁ ଡକା ଯାଇଥିଲା।

ନିଆଁକୁ ନିୟନ୍ତ୍ରଣ କରିବା ପୂର୍ବରୁ ଏକ ପ୍ରକୋଷ୍ଠରେ ଫସି ରହିଥିବା ୧୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ତେବେ କାରଖାନା ଭିତରେ କେତେ ଶ୍ରମିକ ରହିଥିଲେ ତାହାର ସଠିକ୍ ସୂଚନା ମିଳିପାରି ନାହିଁ। କାରଣ ରେକର୍ଡ ରଖୁଥିବା ବ୍ୟକ୍ତି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ। ରିଆକ୍ଟରରେ ଦ୍ରୁତଗତିରେ ରାସାୟନିକ ପ୍ରତିକ୍ରିୟା ହେବାରୁ ବିସ୍ଫୋରଣ ହୋଇଥିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପିଏମଏନଆରଏଫ ପାଣ୍ଠିରୁ ପୀଡ଼ିତ ପରିବାରଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ମୋଦୀ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ସିଗାଚି ଏକ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀ। ଏହି କମ୍ପାନୀ ବିଭିନ୍ନ ଔଷଧ, ଭିଟାମିନ-ମିନେରାଲ୍ସ ବନାଇବା ସହିତ ଅପରେସନ ଏବଂ ପରିଚାଳନା କାର୍ଯ୍ୟ ସହ ଜଡ଼ିତ ଥିଲା। ଏହି କମ୍ପାନୀ ଏକ ପାଉଡର ମଧ୍ୟ ପ୍ରସ୍ତୁତ କରୁଥିଲା। ଏହାର ଉତ୍ପାଦ ୬୫ ଦେଶକୁ ପଠା ଯାଉଥିଲା। ଏଠାରେ ସିଫ୍ଟରେ କାମ କରୁଥିବା ଲୋକଙ୍କୁ ମୋବାଇଲ ଜମା କରିବାକୁ ପଡୁଥିଲା। ତେଣୁ ଭିତରେ କାମ କରୁଥିବା ଲୋକଙ୍କ କୌଣସି ଖୋଜଖବର ମିଳିପାରି ନାହିଁ।

### ଓଡ଼ିଶା ଶ୍ରମିକ ବି କାମ କରୁଥିଲେ

## ପାଣି ପାଇଁ ଥର୍ ମରୁଭୂମିରେ ପାକ୍ ଦମ୍ପତିଙ୍କ ଜୀବନ ଗଲା

ଜୟସାଲମେର, ୩୦।୬(ଏଜେନ୍ସି): ବେଆଇନ୍ ଭାବେ ଭାରତକୁ ଆସି ଏକ ପାକ୍ ଦମ୍ପତ୍ତି ଅନ୍ତର୍ଜାତୀୟ ସୀମାର ୧୧ କିମି ଦୂରେ ଜୟସାଲମେରର ଥର୍ ମରୁଭୂମିରେ ମୃତ୍ୟୁ ବରଣ କରିଛନ୍ତି। ଶୋଷ ତଥା ପାଣି ନ ପାଇ ଦୁହେଁ ପ୍ରାଣ ହରାଇଛନ୍ତି ବୋଲି କୁହାଯାଇଛି। ସ୍ଥାନୀୟ ଲୋକେ ଦୁହିଁଙ୍କ ମୃତଦେହ ଦେଖି ବିଏସ୍‌ଏଫ୍‌କୁ ସୂଚନା ଦେଇଥିଲେ। ଦୁହିଁଙ୍କ ଭୋଟ ପରିଚୟ ପତ୍ର ଉଦ୍ଧାର କରାଯାଇଥିଲା ଓ ସେମାନେ ପାକିସ୍ତାନର ସିନ୍ଧ୍ ରାଜ୍ୟର ବୋଲି ଜଣାପଡ଼ିଛି। ଏହି ଦୁଇଜଣ ହେଲେ ୧୭ ବର୍ଷୀୟ ରବି କୁମାର ଓ ତାଙ୍କ ପତ୍ନୀ ୧୫ ବର୍ଷୀୟା ଶାନ୍ତି ବାଇ। ପାକିସ୍ତାନର ଏକ ମୋବାଇଲ ସିମ୍ କାର୍ଡ ମଧ୍ୟ ନିକଟରୁ ଉଦ୍ଧାର କରାଯାଇଛି। ମୃତଦେହ କଳା ପଡ଼ିଯାଇଥିଲା। ଫଳରେ ଡିହାଇଡ୍ରେସନ ଓ ଶୋଷ ପାଇଁ ସେମାନ ପ୍ରାଣ ହରାଇଛନ୍ତି ବୋଲି କୁହାଯାଇଛି। ବେଆଇନ୍ ଭାବେ ଭାରତକୁ ଆସିବା ପାଇଁ ପ୍ରୟାସ କରି ଦୁହେଁ ବାଟବଣା ହୋଇଯାଇଥିଲେ। ପୋଷାକରୁ ଦୁହେଁ ନବବିବାହିତ ବୋଲି ଅନୁମାନ କରାଯାଉଛି। ଭାରତ ଆସିବାକୁ ଦୁହେଁ ଭିସା ଆବେଦନ କରିଥିଲେ। କିନ୍ତୁ ଦୁଇ ଦେଶ ମଧ୍ୟରେ ହୋଇଥିବା ଯୁଦ୍ଧ ତଥା ଅପରେସନ ସିନ୍ଦୂର ପାଇଁ ଭିସା ମିଳିବାରେ ବିଳମ୍ବ ହୋଇଥିଲା। ଜୁନ୍ ୨୧ରେ ଏହି ଦମ୍ପତ୍ତି ଘର ଛାଡିଥିଲେ। ପାକିସ୍ତାନ ସୀମାର ନିକଟବର୍ତ୍ତୀ ନୁରପୁର ଦର୍ଘାରେ ସେମାନଙ୍କ ମୋଟରସାଇକଲ ଦେଖିବାକୁ ମିଳିଛି। ପାକିସ୍ତାନରେ ଖାସ୍ କରି ସିନ୍ଧ୍‌ରେ ହିନ୍ଦୁ ମାନଙ୍କ ଉପରେ ହେଉଥିବା ଅତ୍ୟାଚାରରୁ ରକ୍ଷା ପାଇଁ ଭାରତ ଏକ ଉନ୍ନତ ଜୀବନଧାରଣ ପାଇଁ ଦୁହେଁ ଭାରତ ଆସିବାକୁ ପ୍ରୟାସ କରିଥିଲେ। ମୃତଦେହଗୁଡିକର ବ୍ୟବଚ୍ଛେଦ କରାଯିବ। ଏବେ ଦୁହିଁଙ୍କ ମୃତଦେହ ଫେରାଇ ଆଣିବାକୁ ସେମାନଙ୍କ ପରିବାର ପାକ ସରକାରଙ୍କୁ ନିବେଦନ କରିଛନ୍ତି।

## ହିମାଚଳରେ ପ୍ରବଳ ବର୍ଷା; ୨୮୫ ରାସ୍ତା ବନ୍ଦ; ୩୯ ମୃତ

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ହିମାଚଳ ପ୍ରଦେଶରେ ଗତ ୪୮ ଘଣ୍ଟା ହେଲା ପ୍ରବଳ ବର୍ଷା ଜାରି ରହିଛି। ଏହାର ପ୍ରଭାବରେ ଅନେକ ଜିଲ୍ଲାରେ ଭୂସ୍ଖଳନ ହୋଇଛି। ପାଣି ଭର୍ତ୍ତି ହୋଇଯିବାରୁ ବନ୍ୟା ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଏଥିଯୋଗୁଁ ରାଜ୍ୟର ୨୮୫ ରାସ୍ତା ବନ୍ଦ ରହିଛି। ଏହି ସବୁ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ କରିଦିଆଯାଇଛି। ମୌସୁମୀ ପରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୩୯ ଜଣ ପ୍ରାଣ ହରାଇଲେଣି। ଗତ ୨୪ ଘଣ୍ଟାରେ କେବଳ ୩ ଜଣଙ୍କ ମୃତ୍ୟୁ ହୋଇଛି। ଆଜି ସକାଳେ ମଣ୍ଡି-କୁଲୁ ଜାତୀୟ ରାଜପଥର ଥଲୌଟର ଭୁବୁ ଜୋତ ସୁଡ଼ଙ୍ଗ ନିକଟରେ ଭୂସ୍ଖଳନ ହୋଇଛି। ଏଥିପାଇଁ ଅନେକ ଗାଡ଼ି ୫ ଘଣ୍ଟା ପର୍ଯ୍ୟନ୍ତ ଫସି ରହିଥିଲା। ସେହିପରି ବର୍ଷା ଯୋଗୁଁ ସିମ୍‌ଲାର ଭଟ୍ଟାକୁପରରେ ଥିବା ଏକ ୫ ମହଲା କୋଠା ଭୁଶୁଡି ଯାଇଛି। ତେବେ କୌଣସି କ୍ଷୟକ୍ଷତି ହୋଇନାହିଁ। କାରଣ ରବିବାର ରାତିରେ ଏହାକୁ ଖାଲି କରିଦିଆଯାଇଥିଲା। ଅନ୍ୟପକ୍ଷରେ ଉତ୍ତରାଖଣ୍ଡର ସିଲାଇ ବ୍ୟାଣ୍ଡ ନିକଟରେ ବାଦଲଫଟା ବର୍ଷା ହୋଇଛି। ଏଥିରେ ୭ ଜଣ ଲୋକ ଭାସି ଯାଇଛନ୍ତି। ସେହିପରି ବିହାରରେ ବଜ୍ରପାତରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଏହା ବ୍ୟତୀତ ରାଜସ୍ଥାନ ଚୁରୁରେ ୩ରୁ ୪ ଫୁଟର ପାଣି ଜମା ହୋଇଛି। ଘରେ ଏବଂ ଦୋକାନରେ ପାଣି ପଶି ଯାଇଛି।

## ତେଲଙ୍ଗାନା ବିଜେପିରେ ବିଦ୍ରୋହ
## ଦଳ ଛାଡିଲେ ବିଧାୟକ ରାଜା ସିଂ



ହାଇଦରାବାଦ୍, ୩୦।୬(ଏଜେନ୍ସି): ତେଲଙ୍ଗାନା ବିଧାୟକ ଟି ରାଜା ସିଂ ସୋମବାର ବିଜେପିରୁ ଇସ୍ତଫା ଦେଇଛନ୍ତି। ଗୋସାମହଲ ନିର୍ବାଚନ ମଣ୍ଡଳୀର ବିଧାୟକ ରାଜା ଅସନ୍ତୋଷ ଜାହିର କରି ଏହି ନିଷ୍ପତ୍ତି ନେଇଛନ୍ତି। ସେ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟ ବିଜେପି ମୁଖ୍ୟ ଜି କିଶନ ରେଡ୍ଡୀଙ୍କୁ ନିଜର ଇସ୍ତଫା ପତ୍ର ପଠାଇଛନ୍ତି। ପୂର୍ବତନ ଏମ୍‌ଏଲ୍‌ସି ଏନ୍ ରାମଚନ୍ଦର ରାଓଙ୍କୁ ତେଲଙ୍ଗାନା ରାଜ୍ୟର ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବ ଖବର ପ୍ରକାଶ ପାଇବା ପରେ ରାଜା ଏହି ନିଷ୍ପତ୍ତି ନେଇଛନ୍ତି। ରାମଚନ୍ଦର ରାଓ ଜଣେ ହାଇକୋର୍ଟ ଓକିଲ ଓ ଲେଜିସଲେଟିଭ କାଉନସିଲର ପୂର୍ବତନ ସଦସ୍ୟ ଥିଲେ। ସେ ମଧ୍ୟ ପୂର୍ବରୁ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ, ଭାରତୀୟ ଜନତା ଯୁବ ମୋର୍ଚ୍ଚା ଓ ବିଜେପି ଲିଗାଲ ସେଲ୍‌ରେ କାର୍ଯ୍ୟ କରିଛନ୍ତି। ସେ ମଧ୍ୟ ପୂର୍ବରୁ ହାଇଦରାବାଦ୍ ପାର୍ଟିର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି। ବିଜେପି କେନ୍ଦ୍ରୀୟ ନେତୃତ୍ୱ ରାଜ୍ୟ ବିଜେପି ଅଧ୍ୟକ୍ଷ ପଦ ପାଇଁ ତାଙ୍କ ନାମ ଅନୁମୋଦନ କରିଛି। ମଙ୍ଗଳବାର ତାଙ୍କୁ ସର୍ବ ସମ୍ମତିକ୍ରମେ ଅଧ୍ୟକ୍ଷ ପଦକୁ ନିର୍ବାଚିତ କରାଯିବାର କାର୍ଯକ୍ରମ ରହିଛି। କେନ୍ଦ୍ରୀୟ ନେତୃତ୍ୱରେ ଏହି ନିଷ୍ପତ୍ତିରେ ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତା, ନେତା, ଭୋଟର ନିରାଶ ହୋଇଛନ୍ତି ବୋଲି ରାଜା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ରାଜାଙ୍କ ବିରୋଧରେ ୧୦୫ଟି ଅପରାଧିକ ମାମଲା ଦାଏର ହୋଇଛି। ଏଥି ମଧ୍ୟରୁ ୧୮ ଟି ସାମ୍ପ୍ରଦାୟିକ ମାମଲା ସାମିଲ ରହିଛି। ୨୦୨୨ରେ ତାଙ୍କୁ ପାର୍ଟିରୁ ନିଲମ୍ବିତ କରାଯାଇଥିଲା। ରାଜା ଗୋସାମହଲରୁ ୩ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ରାଜା ପୂର୍ବରୁ ନିଜର ସାମ୍ପ୍ରଦାୟିକ ଭାଷଣ ପାଇଁ ବିବାଦୀୟ ହୋଇ ପଡ଼ିଥିଲେ।



## ପୁଣି ଚର୍ଚ୍ଚାରେ ବିହାରର ମୃତ୍ୟୁପଥ

ପାଟନା, ୩୦।୬ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପୁଣି ବିହାର ଚର୍ଚ୍ଚାରେ ରହିଛି। ଏଥର ଜଳଖିଆ ଖାଇ ପଇସା ମାଗିବାରୁ ନାବାଳକ ହତ୍ୟା ପାଇଁ ନୁହେଁ, ବରଂ ଶହେ କୋଟିର ରାସ୍ତାକାମକୁ ନେଇ ମେଣ୍ଟ ସରକାରଙ୍କୁ ନିନ୍ଦା କରାଯାଉଛି। ନୂଆ କରି ନିର୍ମିତି ଏହି ଖାଲଖମା ବିହୀନ ଓସାରିଆ ରାସ୍ତାରେ କେହି ଗାଡ଼ି ଚଲାଇବାକୁ ରାଜି ହେଉନାହାନ୍ତି। କାରଣ ରାସ୍ତାରେ ଖାଲ ନୁହେଁ, ଗଛ ରହିଛି। ଗତି ରୋଧକ ଭାବେ ଦୁଇ ପାର୍ଶ୍ୱ ଏବଂ ମଝିରେ ଗଛ ସେମିତି ଛିଡ଼ା ହୋଇଛି। ଆଉ ଏହି ବିପଜ୍ଜନକ ରାସ୍ତାରେ ଗାଡ଼ି ଚଲାଇଲେ ଜୀବନ ଯିବାର ବିପଦ ରହିଛି। ଏହି ରାସ୍ତା ଠିକ୍ ଭିଡିଓ ଗେମ୍ ପରି ହୋଇଛି। ଟିକେ ନଜର ହଟିଲେ ଦୁର୍ଘଟଣା ହେବାର ଶତ ପ୍ରତିଶତ ସମ୍ଭାବନା ରହିଛି। ଏହି ଅଜବ ରାସ୍ତା ରାଜଧାନୀ ପାଟନାଠାରୁ ୫୦ କିମି ଦୂର ଜେହାନାବାଦରେ ରହିଛି। ୭.୪୮ କିମିର ପାଟନା-ଗୟା ମୁଖ୍ୟ ରାସ୍ତାର ଭିଡିଓ ଏବଂ ଫଟୋ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ରାସ୍ତା ମଝିରେ ଅନେକ ଗଛ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ କିମ୍ବା ଗୋଟିଏ ଧାଡିରେ ଗଛ ଗୁଡିକ ନ ଥିବାରୁ ପ୍ରତିଦିନ ଦୁର୍ଘଟଣା ହେଉଛି। ରାତିରାତି ଏହି ଗଛଗୁଡିକ ଉଠି ନ ଥିବାବେଳେ ଠିକାଦାର ରାସ୍ତା ନ କାଟି କାମ ସାରି ଦେଇଛନ୍ତି। ସୂଚନା ଅନୁଯାୟୀ ଜିଲ୍ଲା ପ୍ରଶାସନ ଶହେ କୋଟି ଟଙ୍କାର ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପ ପାଇଁ ଗଛ କାଟିବାକୁ ବନ ବିଭାଗକୁ ଅନୁମତି ମାଗିଥିଲା। କିନ୍ତୁ ଏହା ଦାବିକୁ ଖାରଜ କରି ଦିଆଯାଇଥିଲା। ଏହା ପ୍ରତି ବଦଳରେ ୧୪ ହେକ୍ଟର ଜଙ୍ଗଲ ଜମି ପାଇଁ କ୍ଷତିପୂରଣ ମାଗିଥିଲା। କିନ୍ତୁ ଜିଲ୍ଲା ପ୍ରଶାସନ ଏହି ଦାବି ମାନି ନ ଥିଲେ। ତେଣୁ ଭୟଙ୍କର ପଦକ୍ଷେପ ନେଇ ପ୍ରଶାସନ ଗଛକୁ ସେମିତି ମଝିରେ ଛାଡ଼ି ଦେଇଥିଲା। ଶହେ କୋଟି ଟଙ୍କାରେ ମୃତ୍ୟୁର ପଥ ତିଆରି କରିଥିଲା। ଏଥିଯୋଗୁଁ ଅନେକ ଦୁର୍ଘଟଣା ଘଟୁଛି। ଏହା ସତ୍ତ୍ୱେ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। ଏହି ରାସ୍ତାରେ ମୃତ୍ୟୁ ପାଇଁ କିଏ ଦାୟୀ ହେବ ତାହା ଏବେ ପ୍ରଶ୍ନ ଉଠୁଛି।

### ଶହେ କୋଟିର ରାସ୍ତା ମଝିରେ ଗଛ ଭର୍ତ୍ତି

## ମଣିପୁରରେ ଗୁଳିମାଡ଼; ୪ ମୃତ

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ହିଂସା ପୀଡ଼ିତ ମଣିପୁର ଚୁରାଚାନ୍ଦପୁର ଜିଲ୍ଲାର ମୋଙ୍ଗଜଙ୍ଗ ଗ୍ରାମ ନିକଟରେ ଗୁଳିମାଡ଼ ହୋଇଛି। ସୋମବାର ଦ୍ୱିପହରେ କିଛି ଅଜ୍ଞାତ ଆକ୍ରମଣକାରୀ ଚାରିପଟୁ ଘେରି ଏକ ଗାଡ଼ି ଉପରେ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ ଜଣେ ମହିଳାଙ୍କ ସମେତ ୪ ଜଣ ପ୍ରାଣ ହରାଇଛନ୍ତି। ଚୁରାଚାନ୍ଦପୁର ସହରରୁ ସାତ କିମି ଦୂରରେ ଏହି ଆକ୍ରମଣ ହୋଇଛି। ପୀଡ଼ିତ କେଉଁଆଡେ ଯାଉଥିବାବେଳେ ଆକ୍ରମଣକାରୀ ଚାରିପଟୁ ଘେରି ଅତି ନିକଟ (ପଏଣ୍ଟ-ବ୍ଲାଙ୍କ ରେଞ୍ଜ)ରୁ ଗୁଳିମାଡ଼ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ପୀଡ଼ିତଙ୍କ ପରିଚୟ ମିଳିନାହିଁ। ପୁଲିସ ୧୨ରୁ ଅଧିକ ଖାଲି କ୍ୟାଟ୍ରିଜ ଜବତ କରିଛି। ଆକ୍ରମଣକାରୀ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲେ ବୋଲି ଜଣାପଡ଼ିଛି। ଏ ପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ପୁଲିସ ଉକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରିଛି।

## ଶତ୍ରୁ ଉପରେ ନଜର ରଖିବାକୁ ଭାରତ ପଠାଇବ ୫୨ ଉପଗ୍ରହ

ନୂଆଦିଲ୍ଲୀ, ୩୦।୬(ଏଜେନ୍ସି): ଅପରେସନ ସିନ୍ଦୂର ପରେ ଶତ୍ରୁ ଉପରେ ନଜର ରଖିବା ନିହାତି ଜରୁରୀ ବୋଲି ଭାରତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଖାସ୍ ଏଥିପାଇଁ ଭାରତ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଭାରତ ଆଗାମୀ କିଛିବର୍ଷ ମଧ୍ୟରେ ୫୨ଟି ସ୍ୱତନ୍ତ୍ର ଡିଫେନ୍ସ ସର୍ଭିଲେନ୍ସ ସାଟ୍‌ଲାଇଟ୍ ଅନ୍ତରୀକ୍ଷକୁ ଛାଡିବାକୁ ନିଷ୍ପତ୍ତି ନେଇଛି। ଏହି ଉପଗ୍ରହଗୁଡିକ ମଧ୍ୟରୁ ୨୧ଟି ଇସ୍ରୋ ଓ ବାକି ୩୧ଟି ୩ଟି ବେସରକାରୀ କମ୍ପାନୀ ତିଆରି କରିବେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କ୍ୟାବିନେଟ କମିଟି ଗତବର୍ଷ ଅକ୍ଟୋବରରେ ୨୬, ୯୬୮ କୋଟି ଟଙ୍କା ବିନିମୟରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ। ଆସନ୍ତାବର୍ଷ ଏପ୍ରିଲ୍‌ରେ ପ୍ରଥମ ଉପଗ୍ରହ ଛଡ଼ା ଯିବ। ଅନ୍ୟପକ୍ଷରେ ଅପରେସନ ସିନ୍ଦୂରର ମାସେ ପରେ ପାକିସ୍ତାନ ବାହାବଲପୁରସ୍ଥିତ ଜୈସ ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କରିଦେଇଛି।

## ଟ୍ରମ୍ପ, ନେତନ୍ୟାହୁଙ୍କ ବିରୋଧରେ ଫତ୍‌ୱା

ତେହରାନ, ୩୦।୬ (ଏଜେନ୍ସି): ଇରାନର ସବୁଠୁ ବରିଷ୍ଠ ସିୟା ଧର୍ମଗୁରୁ ଗ୍ରାଣ୍ଡ ଅୟାତୁଲ୍ଲା ନାସିର ମକାରିମ ଶିରାଜି ବଡ଼ ପଦକ୍ଷେପ ନେଇଛନ୍ତି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ଫତ୍‌ୱା ଜାରି କରିଛନ୍ତି। ଉଭୟ ନେତାଙ୍କୁ ସେ ଆଲ୍ଲାଙ୍କ ଶତ୍ରୁ କହିଛନ୍ତି। ସାରା ବିଶ୍ୱର ମୁସଲମାନଙ୍କୁ ଏକାଠି ହେବାକୁ ସେ ଆହ୍ୱାନ ଦେଉଛନ୍ତି। ଇରାନ ଆକ୍ରମଣ ପାଇଁ ଏହି ଦୁଇ ନେତାଙ୍କୁ ପସ୍ତାଇବା ପାଇଁ ବାଧ୍ୟ କରାଇବାକୁ ମୁସଲମାନଙ୍କୁ କହିଛନ୍ତି। ମକାରିମ ଶିରାଜି କହିଛନ୍ତି ଯେ ଯିଏ ଇରାନର ସର୍ବୋଚ୍ଚ ନେତା କିମ୍ବା କୌଣସି ମରଜା (ଧାର୍ମିକ କର୍ତ୍ତୃପକ୍ଷ)ଙ୍କୁ କ୍ଷତି କରିବାକୁ କିମ୍ବା ଧମକାଇବାକୁ ପ୍ରୟାସ କରୁଛି ତେବେ ସେ ମୋହରିବ ଅର୍ଥାତ୍ ଯୁଦ୍ଧ ଚାହୁଁଥିବା ଅପରାଧି ହେବ। ଏଭଳି ଧମକ ଦେଇଥିବା ଦୋଷୀଙ୍କୁ ସାମ୍‌ନା କରିବାକୁ ପଡିବ।

## ଦଳିତ ନାବାଳିକାଙ୍କୁ ଆତଙ୍କୀ ଟ୍ରେନିଂ; ଦୁଇ ଗିରଫ

ପ୍ରୟାଗରାଜ, ୩୦।୬(ଏଜେନ୍ସି): ଉତ୍ତରପ୍ରଦେଶ ପ୍ରୟାଗରାଜ୍‌ରେ ଜଣେ ଦଳିତ ନାବାଳିକାଙ୍କୁ କେରଳ ନିଆଯାଇ ଆତଙ୍କବାଦୀ ଟ୍ରେନିଂ ଦିଆଯାଉଥିଲା। ବ୍ରେନ୍ ୱାସ୍ କରାଯିବା ସହ ନାବାଳିକାଙ୍କର ଜବରଦସ୍ତି ଧର୍ମ ପରିବର୍ତ୍ତନ କରାଯାଇଥିଲା। ଏହାପରେ ଜିହାଦ୍ ନାମରେ ତାଙ୍କୁ ଆତଙ୍କବାଦ ଟ୍ରେନିଂ ଦିଆଯାଇଥିଲା। କିନ୍ତୁ ସୁଯୋଗ ଦେଖି ନାବାଳିକା ଜଣକ ସେଠାରୁ ପଳାଇଆସି କେରଳର ଏକ ରେଳ ଷ୍ଟେସନରେ ପହଞ୍ଚିଥିଲେ ଓ ରେଳବାଇ ପୁଲିସ୍‌ଙ୍କୁ ସବୁକଥା କହିଥିଲେ। ଏହାପରେ କେରଳ ପୁଲିସ୍ ଏ ନେଇ ପ୍ରୟାଗରାଜ ପୁଲିସ୍‌ଙ୍କୁ ସୂଚନା ଦେଇଥିଲେ। ନାବାଳିକ ଜଣକ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇ ନିଖୋଜ ହୋଇଥିଲେ। ସେ ମଧ୍ୟ ଫୋନ କରି ଉଦ୍ଧାର କରିବାକୁ ମାଙ୍କୁ ଫୋନ୍ କରିଥିଲେ। ପୀଡିତାଙ୍କ ମାଙ୍କ ଅଭିଯୋଗ କ୍ରମେ ପୁଲିସ୍ ମହମ୍ମଦ କୈଫ୍ ଓ ତା'ର ନାବାଳିକା ସାଥିଙ୍କୁ ଗିରଫ କରିଛି।

## ସିଦ୍ଧରମୈୟା ଓ ଶିବକୁମାର ପୁଣି ଏକାଠି

ବେଙ୍ଗାଲୁରୁ, ୩୦।୬(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପୁଣି ଥରେ ଏକାଠି ହୋଇଛନ୍ତି। ଦୁହିଁଙ୍କ ମଧ୍ୟରେ ମତପାର୍ଥକ୍ୟ ନେଇ ଚର୍ଚ୍ଚା ହେଉଥିଲା। ତେବେ ଦୁହେଁ ଏହାକୁ ଖଣ୍ଡନ କରିଛନ୍ତି। ଆମ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି ଓ କୌଣସି ମତପାର୍ଥକ୍ୟ ନାହିଁ ବୋଲି ସିଦ୍ଧରମୈୟା କହିଛନ୍ତି। ଚିଳିତ ବର୍ଷ ଶେଷ ଆଡକୁ କଂଗ୍ରେସ ହାଇକମାଣ୍ଡ ରାଜ୍ୟ ସରକାରରେ ନେତୃତ୍ୱ ପରିବର୍ତ୍ତନ କରିପାରିନ୍ତ ବୋଲି ଚର୍ଚ୍ଚା ହେଉଥିଲା। ଏ ନେଇ କଂଗ୍ରେସ ହାଇକମାଣ୍ଡ ଅନ୍ତିମ ନିଷ୍ପତ୍ତି ନେବେ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି। ତେଣୁ ବର୍ତ୍ତମାନ ଏ ନେଇ କୌଣସି ଅନୁମାନ କରିବା ଠିକ୍ ହେବ ନାହିଁ ବୋଲି ସେ କହିଛନ୍ତି। ଏହା ଦ୍ୱାରା ବର୍ତ୍ତମାନ ପାଇଁ ଅତିକମ୍‌ରେ ଦୁହିଁଙ୍କ ମଧ୍ୟରେ ବିବାଦ ଥମିଛି ବୋଲି ଧରି ନେବାକୁ ହେବ। ଇତିମଧ୍ୟରେ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ସିଦ୍ଧରମୈୟା ଶିବକୁମାରଙ୍କ ହାତ ଉପରେ ଉଠାଉଥିବା ବେଳେ ଶିବକୁମାର ହସୁଥିବାର ଦେଖାଯାଉଛି।

## ଏନ୍‌କାଉଣ୍ଟର୍‌ରେ ୨ ମାଓବାଦୀ ନିହତ

**ଫୁଲବାଣୀ,୩୦।୬(ସମିସ):** ମାଓଦମନ ଅଭିଯାନରେ କନ୍ଧମାଳ ଜିଲ୍ଲା ପୁଲିସ୍‌କୁ ବଡ଼ ସଫଳତା ମିଳିଛି। ବାଲିଗୁଡ଼ା ଥାନା ପୁରାଣଜିଆବ ସଂରକ୍ଷିତ ଜଙ୍ଗଲରେ ଆଜି ଡିଭିଏଫ୍ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ଦୁଇ କୁଖ୍ୟାତ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ, କନ୍ଧମାଳ ଜିଲ୍ଲାରେ ସକ୍ରିୟ ଥିବା ମାଓବାଦୀ ଗ୍ରୁପ୍‌ର ଏସିଏମ୍ କ୍ୟାଡର୍ ଭାବେ ମଙ୍ଗୁ ଏବଂ ପାର୍ଟି ସଦସ୍ୟ ଚନ୍ଦନ। ମୃତ ଦୁଇ ମାଓବାଦୀ କେକେବିଏନ ସଙ୍ଗଠନର ସକ୍ରିୟ ସଦସ୍ୟ ଥିଲେ। ଘଟଣାସ୍ଥଳରୁ ଗୋଟିଏ ରାଇଫଲ୍,

### ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ

ରିଭଲଭର୍, ଗୁଳି ସମେତ ୱାକିଟକି, ବ୍ୟାଟେରି ଏବଂ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ ହୋଇଛି। ଏହାସହ ସମ୍ପୃକ୍ତ ଅଞ୍ଚଳରେ ପୁଲିସ ପକ୍ଷରୁ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି। ଯେଉଁ ସ୍ଥାନରେ ଏନକାଉଣ୍ଟର୍ ହୋଇଛି, ତା' ନିକଟରେ ଏକ ମାଓ ଶିବିର ରହିଥିଲା ଏବଂ ସେଥିରେ ୧୦ରୁ ୧୨ଜଣ ମାଓବାଦୀ ଥିଲେ ବୋଲି ଏସପି ହରୀଶ ବି.ସି କହିଛନ୍ତି।

ପୁରାଣଜିଆବ ଜଙ୍ଗଲ ନିକଟରେ କିଛି ମାଓବାଦୀ ଲୁଚି ରହିଥିବା ନେଇ ଜିଲ୍ଲା ଗୁଇନ୍ଦା ସୂତ୍ରରୁ ପୁଲିସକୁ ସୂଚନା ମିଳିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ଡିଭିଏଫ୍ ଯବାନ ଟିମ୍ ସମ୍ପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନ୍ କରିଥିଲେ। ଆଜି ମଧ୍ୟାହ୍ନ ପ୍ରାୟ ୧୨ଟାରେ ଯବାନଙ୍କୁ ଦେଖି ନକ୍ସଲମାନେ ଗୁଳି କରିଥିଲେ। ଯବାନଙ୍କ ପାଲଟା ଜବାବରେ ମଙ୍ଗୁ ଓ ଚନ୍ଦନର ମୃତ୍ୟୁ ଘଟିଥିଲା। ପୁଲିସ ଦୁହିଁଙ୍କ ମୃତଦେହ ଜବତ କରିବା ସହ ସମ୍ପୃକ୍ତ ଅଞ୍ଚଳରେ ଅପରେସନ୍‌କୁ ଜୋରଦାର କରିଛି।



ପାଖାପାଖି ବର୍ଷେ ପୂର୍ବେ କେକେବିଏନ୍ ଟପ୍ ମାଓନେତା ଦାସରୁ ପୁଲିସ ଗୁଳିରେ ନିହତ ହେବା ଓ ପରେ ପରେ ଜଣେ ଟପ୍-କ୍ୟାଡର୍ ସାମାୟା ମାଡକାମି ଆତ୍ମସମର୍ପଣ କରିବା ପରେ ମାଓ ସଂଗଠନ ଦୁର୍ବଳ ହୋଇପଡ଼ିଛି। ଜିଲ୍ଲାରେ କାମ କରୁଥିବା ମାଓ ସଂଗଠନଗୁଡ଼ିକରୁ କ୍ୟାଡର ଖାଲି ହେଉଥିବାରୁ ମାଓବାଦୀଙ୍କ ବଳ କମିବାରେ ଲାଗିଥିବା ଅନୁମାନ କରାଯାଉଛି।

## ରଥଯାତ୍ରା ମହାବିଭ୍ରାଟ: ପ୍ରଶ୍ନଘେରରେ ମନ୍ତ୍ରିସ୍ତରୀୟ କମିଟି

**ଭୁବନେଶ୍ୱର,୩୦।୬(ସମିସ):** ଚଳିତ ବର୍ଷ ରଥଯାତ୍ରାରେ ଗୋଟିଏ ପରେ ଗୋଟିଏ ବିଭ୍ରାଟ ବିଶ୍ୱବ୍ୟାପୀ ଜଗନ୍ନାଥପ୍ରେମୀ ବ୍ୟଥିତ କରିଛି। ଭକ୍ତଗଣ ରଥଯାତ୍ରାରୁ ଭବ୍ୟ ଏବଂ ଦିବ୍ୟ ଅନୁଭବ ନେଇ ଫେରିବେ ବୋଲି ଦେଇଥିବା କଥା ମୁଖ୍ୟମନ୍ତ୍ରୀ ରଖି ପାରି ନାହାନ୍ତି। ପୁଳାପୁଳା ବିଭ୍ରାଟ, ଅବ୍ୟବସ୍ଥା ଓ ବିଶୃଙ୍ଖଳା ସୀମା ଟପିଛି। ରଥଯାତ୍ରା ପୂର୍ବରୁ ପ୍ରସ୍ତୁତି ନେଇ ସରକାର ବହୁବାର ବୈଠକ କଲେ। ଶୃଙ୍ଖଳିତ ରଥଯାତ୍ରା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଗଲା। ମାତ୍ର ଏବେ ସବୁ ଅବ୍ୟବସ୍ଥାର ମୂଳ ମନ୍ତ୍ରୀସ୍ତରୀୟ କମିଟି ବୋଲି କୁହାଯାଉଛି।

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧକ୍ଷତାରେ ଗଠିତ ହୋଇଥିବା କମିଟିରେ ଅନ୍ୟମାନଙ୍କ ମଧ୍ୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସଦସ୍ୟ ଥିଲେ। ତେବେ କମିଟି ଗଠନ ହେବା ପରଠାରୁ ଏଯାଏଁ ଏହି ମନ୍ତ୍ରୀସ୍ତରୀୟ କମିଟିର ଭୂମିକା କଣ ବୋଲି ଏବେ ପ୍ରଶ୍ନ ଉଠିଛି। ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ ରଥଯାତ୍ରରେ ଏହି କମିଟି ସ୍ଥାନୀୟ ପ୍ରଶାସନ ସହ ଆଦୌ ସମନ୍ୱୟ ରଖି ନ ଥିଲା। ଏପରିକି ପ୍ରସ୍ତୁତି ସମୟରେ କମିଟିର ଭୂମିକା ଏକ ପ୍ରକାର ଗୌଣ ଥିବାବେଳେ ପ୍ରଶାସନକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ସରକାରଙ୍କ ପକ୍ଷରୁ କେହି ନ ଥିଲେ।

**■ କମିଟିର କାର୍ଯ୍ୟ ଓ ଭୂମିକାକୁ ନେଇ ମୁଖ୍ୟମନ୍ତ୍ରୀ ନିରାଶ**
**■ ବଳକା ଯାତ୍ରାର ସୁପରିଚାଳନା ପାଇଁ ଅଫିସର ଭରସା**

ଯାହାଫଳରେ ବାରମ୍ବାର ବିଭ୍ରାଟ ଘଟୁଥିଲେ ହେଁ ଏହା ଉପରେ ଅଙ୍କୁଶ ଲଗାଯାଇ ପାରିନାହିଁ। ଏପରିକି ଦଳୀୟ ସମର୍ଥକଙ୍କୁ ରଥଯାତ୍ରା ପାସ୍ ବାଣ୍ଟିବା ଏବଂ ରଥ ଦଉଡ଼ି ଟାଣିବାରେ ଏହି ମନ୍ତ୍ରୀସ୍ତରୀୟ କମିଟି ସଦସ୍ୟଙ୍କ ଭୂମିକା ସୀମିତ ରହିଛି ବୋଲି ଅଭିଯୋଗ ହୋଇଛି। ବିଭ୍ରାଟ ପରେ ବିଭ୍ରାଟ ଘଟିବା ପରେ ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରୀମଣ୍ଡଳର ସଦସ୍ୟଙ୍କ ଉପରେ ଭରସା କରିନପାରି ଶେଷରେ ରଥଯାତ୍ରାର ବଳକା ସୁପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ଅଫିସରଙ୍କ ଉପରେ ଭରସା କରିଛନ୍ତି। ସରକାରକୁ ଆସିବା ପୂର୍ବରୁ ବିଜେପି ଯେଉଁ ଆଇଏଏସ୍ ଅରବିନ୍ଦ ଅଗ୍ରୱାଲଙ୍କୁ ନିଶାଣ କରୁଥିଲା, ଏବେ ବିଜେପି ସରକାର ସେହି ଅଧିକାରୀଙ୍କ ଉପରେ ରଥଯାତ୍ରାର ପରିଚାଳନା ଦାୟିତ୍ୱ ନ୍ୟସ୍ତ କରି ସେତେବେଳେ ଆଣିଥିବା ଅଭିଯୋଗ ମିଥ୍ୟା ଆଧାରିତ ଥିବା ପରୋକ୍ଷରେ ସ୍ୱୀକାର କରିଛି।

ଅନ୍ୟପକ୍ଷରେ ରଥଯାତ୍ରା ବିଭ୍ରାଟ ଓ ଦଳାଚକଟା ମୃତ୍ୟୁ ଓଡ଼ିଶାକୁ ଜାତୀୟ ସ୍ତରରେ ନିନ୍ଦିତ କରିଥିବାବେଳେ ଦଳୀୟ ଶୀର୍ଷ ନେତୃତ୍ୱ ମଧ୍ୟ ରାଜ୍ୟ ସରକାରଙ୍କ କ୍ଷୁବ୍ଧ ଥିବା କୁହାଯାଉଛି। ଗତକାଲି କେନ୍ଦ୍ର ସରକାରଙ୍କ ଦୁଇଜଣ ବରିଷ୍ଠ ଅଧିକାରୀ ରାଜ୍ୟ ସରକାରଙ୍କ କିଛି ବରିଷ୍ଠ ଅଧିକାରୀଙ୍କୁ ଏ ସମ୍ପର୍କରେ ତାଗିଦ୍ କରିଥିବା ସୂଚନା ମିଳିଛି। ସେହିପରି ପ୍ରଧାନମନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି।

## ତଦନ୍ତ ଆରମ୍ଭ କଲେ ଅନୁ ଗର୍ଗ

**ପୁରୀ,୩୦।୬(ସମିସ):** ଗତ ରବିବାର ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ସୋମବାର ପୁରୀରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ଉନ୍ନୟନ କମିଶନର ଅନୁ ଗର୍ଗ। ସେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

**ଜିଲ୍ଲାପାଳ, ଏସ୍‌ପିଙ୍କୁ ମାନବାଧିକାର କମିଶନଙ୍କ ନୋଟିସ୍**

ସେ କହିଛନ୍ତି ଯେ, କେଉଁ ପରିସ୍ଥିତିରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଲା ଏବଂ ସେ ସମୟରେ ଘଟଣାସ୍ଥଳରେ କେଉଁ ସେବାୟତ, ମନ୍ଦିର କର୍ମଚାରୀ, ସୁରକ୍ଷା କର୍ମଚାରୀ ଥିଲେ, ସେମାନଙ୍କର ତଥ୍ୟ ମାଗିଛି। ଏବେ ମହାପ୍ରଭୁଙ୍କ ଯାତ୍ରା ଆହୁରି ବାକି ଅଛି। ଏବେ କିଛି କହିବା ଠିକ୍ ହେବ ନାହିଁ। ସରକାର ତଦନ୍ତ କରିବାକୁ ମାସେ ସମୟ ଦେଇଛନ୍ତି। ଏଣୁ ଯାତ୍ରା ଶେଷ ପରେ ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବ। ଏବେ ପ୍ରାଥମିକସ୍ତରରେ କେଉଁ ପରିସ୍ଥିତିରେ ଅଘଟଣ ଘଟିଲା, ତାହା କହିବା କଷ୍ଟ ହେବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି। ଅନ୍ୟପକ୍ଷରେ, ଦଳାଚକଟା ଘଟଣାରେ ରାଜ୍ୟ ମାନବାଧିକାର କମିସନ୍ ନୋଟିସ୍ କରିଛନ୍ତି। ପୁରୀ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଜବାବ ତଲବ କରିଛନ୍ତି କମିସନ। ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଗଂଜାମରେ ପୁଣି ହତ୍ୟା

### ଶୋଇଥିବା ଯୁବକଙ୍କୁ ପିଟି ମାରିଦେଲେ

**ଦିଗପହଣ୍ଡି, ୩୦।୬(ସମିସ):** ଗଞ୍ଜାମ ଜିଲ୍ଲାରେ ପୁଣି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦିଗପହଣ୍ଡି ଥାନା ଭୀଷ୍ମଗିରି ଗ୍ରାମ ଉଷାକୋଠି ସାହିର ବି. ରାମଚନ୍ଦ୍ର ପାତ୍ର ଓରଫ୍ ଟୁଲୁଙ୍କୁ ଠେଙ୍ଗାରେ ପିଟିପିଟି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ସେ ଘର ବାରଣ୍ଡାରେ ଶୋଇଥିବା ବେଳେ ଆଜି ଭୋର୍ ପ୍ରାୟ ୪ଟାରେ ତାଙ୍କ ପଡ଼ୋଶୀ କେ. ସନ୍ତୋଷ ପାତ୍ର ଓରଫ୍ ଗୁରଖା ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ସନ୍ତୋଷକୁ ଗିରଫ କରିଛି।

ମିଳିଥିବା ସୂଚନାନୁଯାୟୀ, ଗତ ରାତିରେ ଘର ସମ୍ମୁଖରେ ରହୁଥିବା କେ. ସନ୍ତୋଷ ପାତ୍ର ଓରଫ୍ ଗୁରଖା ସହ ଟୁଲୁଙ୍କ ବଚସା ହୋଇଥିଲା। ଠେଲାପେଲାରେ ସନ୍ତୋଷଙ୍କ ମା' ଆହତ ହୋଇଥିଲେ। ସନ୍ତୋଷଙ୍କ ମା' ଓ ସମ୍ପର୍କୀୟ ଉଭୟଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଭୋର୍‌ରେ ସନ୍ତୋଷ ନିଦରୁ ଉଠି ଘର ବାହାରକୁ ଆସିବା ବେଳକୁ ଟୁଲୁ ତାଙ୍କ ବାରଣ୍ଡାରେ ଶୋଇଥିବା ଦେଖିଥିଲା। ପ୍ରତିଶୋଧପରାୟଣ ହୋଇ ଏକ ଠେଙ୍ଗାରେ ଟୁଲୁଙ୍କ ମୁଣ୍ଡକୁ ବାରମ୍ବାର ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରକ୍ତଭିଜା ଠେଙ୍ଗାକୁ ସେ ନିକଟସ୍ଥ ଡ୍ରେନ୍‌ରେ ଫୋପାଡ଼ି ଗାଁରୁ ଦିଗପହଣ୍ଡି ପଳାଇଥିଲା। ସେଠାରୁ ବସ୍‌ରେ ଫେରାର୍ ହେବା ପାଇଁ ଉଦ୍ୟମ କରିବା ବେଳେ ପୁଲିସ ଟିମ୍ ତାକୁ କାବୁ କରିଥିଲା।

ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଦିଗପହଣ୍ଡି ଥାନା ଏସ.ଆଇ ଜ୍ୟୋତିରଞ୍ଜନ ବେହେରା ସଦଳବଳ ଭୀଷ୍ମଗିରି ଗ୍ରାମରେ ପହଞ୍ଚି



ବ୍ରହ୍ମପୁରରୁ ଆସିଥିବା ପୁଲିସ୍ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ସରଜମିନ ତଦନ୍ତ କରି ଫେରିଥିଲେ। ଟୁଲୁଙ୍କ ଭଉଣୀ ଜି.ସୁନୀତା ପାତ୍ର ଏନେଇ ଏତଲା ଦେବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶ ମଧ୍ୟରେ ସନ୍ଧ୍ୟାରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସନ୍ଧ୍ୟାରେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ ଭୀଷ୍ମଗିରି ଗ୍ରାମରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଥାନାରେ ଅଟକ ଅଭିଯୁକ୍ତକୁ ପଚରାଉଚରା କରି ଫେରିଛନ୍ତି।

ଭୁବନେଶ୍ୱରରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଟୁଲୁ କିଛିଦିନ ତଳେ ଗାଁକୁ ଫେରିଥିଲେ। ତାଙ୍କ ସ୍ତ୍ରୀ ଓ ୨ଟି ଝିଅ ଅଛନ୍ତି। ଗତ ଶନିବାରଠାରୁ ଟୁଲୁ ଏବଂ ତାଙ୍କ ସମ୍ପର୍କୀୟ ପକ୍ଷରୁ ଘରେ ଶ୍ରୀନୃସିଂହ ମହାପ୍ରଭୁଙ୍କ ଦେବତା ପୂଜା କାର୍ଯ୍ୟ ଚାଲିଥିଲା। ଘରେ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ସନ୍ତୋଷ ଏବଂ ତା' ପରିବାର ଲୋକଙ୍କୁ ଦେବତା କାର୍ଯ୍ୟ ପୂଜା ନିମନ୍ତେ ନିମନ୍ତ୍ରଣ କରାଯାଇନଥିଲା। ରବିବାର ରାତିରେ ସନ୍ତୋଷ ଏନେଇ ପ୍ରତିବାଦ କରିଥିଲା। ଟୁଲୁ ଏବଂ ଯୁବକଙ୍କ ମଧ୍ୟରେ ସାମାନ୍ୟ ବଚସାରୁ ମାରପିଟ ଯାଏ କଥା ଯାଇଥିଲା। ପରେ ଉଭୟଙ୍କ ସମ୍ପର୍କୀୟ ଏବଂ ଜାତି କୁଳ ମୁଖିଆଙ୍କ ହସ୍ତକ୍ଷେପ ପରେ ଘଟଣାର ଆପୋଷ ସମାଧାନ କରାଯାଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୁଲିସ କହିଛି। ଗିରଫ ସନ୍ତୋଷକୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ପୁଲିସ କହିଛି।

### ଦିଲ୍ଲୀରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

## ରଥଯାତ୍ରାକୁ ଦଳୀୟ ଉତ୍ସବ କରିଛି ବିଜେପି

**ଭୁବନେଶ୍ୱର,୩୦।୬(ସମିସ):** ଓଡିଶାରେ ବିଜେପି ସରକାରଙ୍କ କାର୍ଯ୍ୟସୂଚୀରେ ଓଡିଆ ଅସ୍ମିତାର ସର୍ବଶ୍ରେଷ୍ଠ ପ୍ରତୀକ ଶ୍ରୀଜଗନ୍ନାଥ ନାହାନ୍ତି। ଶାସନକୁ ଆସିବାର ବର୍ଷେ ହୋଇଗଲା; ରତ୍ନଭଣ୍ଡାରରେ ଗଣତିମଣତି ହେଲା ନାହିଁ କି ପରିଚାଳନା କମିଟି

**■ ବିଜେପି କାର୍ଯ୍ୟସୂଚୀରେ ଜଗନ୍ନାଥ ନାହାନ୍ତି**
**■ ମହାପ୍ରଭୁ ଜଗନ୍ନାଥଙ୍କୁ ବାରମ୍ବାର ଅସମ୍ମାନ**

ଗଠନ କରାଗଲା ନାହିଁ। ଗତବର୍ଷ ବଡଠାକୁରଙ୍କୁ ନେଇ ହୋଇଥିବା ଅଘଟଣର ତଦନ୍ତ ରିପୋର୍ଟ ଏଯାଏ ପ୍ରକାଶ ପାଇଲା ନାହିଁ। ଚଳିତ ବର୍ଷ ସରକାର ରଥଯାତ୍ରାକୁ ଏକ ଦଳୀୟ ଇଭେଣ୍ଟରେ ପରିଣତ କରିଦେଲେ। ଦଳୀୟ କର୍ମୀଙ୍କୁ ୫ ହଜାରରୁ ଅଧିକ ପାସ ବଣ୍ଟନ କରାଯିବା ଦ୍ୱାରା ମହାପ୍ରଭୁଙ୍କର ଘୋଷଯାତ୍ରାରେ ଚରମ ଅବ୍ୟବସ୍ଥା ଦେଖାଦେଲା ବୋଲି କହିଛି କଂଗ୍ରେସ।

ସୋମବାର ଦିଲ୍ଲୀରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା କହିଛନ୍ତି ଯେ ଚଳିତ ବର୍ଷ ରଥଯାତ୍ରାରେ ସାମ୍ବାଦିକମାନେ ପୁଲିସଠୁ ମାଡ ଖାଇଲେ। ଭିଆଇପିଙ୍କ ଆଗମନକୁ ଦୃଷ୍ଟିରେ ରଖି ନନ୍ଦିଘୋଷ



ରଥକୁ ଅଟକାଇ ଦିଆଗଲା। ରଥଯାତ୍ରାରେ ସମ୍ପୂର୍ଣ୍ଣ ଅରାଜକତା ପ୍ରମାଣିତ ହୋଇଛି। ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଗୁଣ୍ଡିଚା ମନ୍ଦିର ଆଗରେ ତିନିଜଣଙ୍କ ପ୍ରାଣ ଗଲା ଓ ଅନେକ ଭକ୍ତ ଗୁରୁତର ଭାବେ ଆହତ ହେଲେ। ରଥଯାତ୍ରା ଭକ୍ତ ଓ ଭଗବାନଙ୍କର ନୁହେଁ, ଏହା ଏକ ଦଳୀୟ ଉତ୍ସବରେ ପରିଣତ ହୋଇଛି। ଏପରି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ କେବଳ କ୍ଷମାଭିକ୍ଷା କରି କାମ ସାରିଦେଇଛନ୍ତି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗରେ ତାଙ୍କ ସରକାର ଭୁଲ୍ ପରେ ଭୁଲ୍ କରିଚାଲିଥିବାରୁ ମୁଖ୍ୟମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଲେ ଯାଇ ପ୍ରକୃତ ପ୍ରାୟଶ୍ଚିତ ହେବ ବୋଲି ସେ ଦାବି କରିଛନ୍ତି। ଏହାସହିତ ଏଥିସହ ନିଳାଦ୍ରୀ ବିଜେର ୧୦ ଦିନ ମଧ୍ୟରେ ଜିଲ୍ଲାଜଜଙ୍କ ଦ୍ୱାରା ଶରଧାବଳି ଦଳାଚକଟା ଘଟଣାର ତଦନ୍ତ କରାଯାଉ ବୋଲି ମଧ୍ୟ ସେ ଦାବି କରିଛନ୍ତି।

ଉକ୍ତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି କଂଗ୍ରେସ ନେତା ଅରବିନ୍ଦ ଦାସ କହିଥିଲେ, ରଥଯାତ୍ରାର ମହାବିଭ୍ରାଟ ମନୁଷ୍ୟକୃତ ହୋଇଥିବା ବେଳେ 'ସବୁ ପ୍ରଭୁଙ୍କ ଇଚ୍ଛା' ବୋଲି କହି ଆଇନମନ୍ତ୍ରୀ ଖସିଯିବାକୁ ଚେଷ୍ଟା କରୁଛନ୍ତି। 'ଅସ୍ମିତା' କଥା କହି ଶାସନକୁ ଆସିଥିବା ବିଜେପି ସରକାର, ଭିଆଇପିଙ୍କ ପାଇଁ ଶ୍ରୀଜଗନ୍ନାଥଙ୍କୁ ଅପେକ୍ଷା କରାଇବା କେଉଁ ଅସ୍ମିତାକୁ ସୂଚାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଅସଂଖ୍ୟ ଭକ୍ତ ଓ ଭଗବାନଙ୍କ ଆଧାତ୍ମିକ ସମ୍ପର୍କ ମଧ୍ୟରେ ଫାଟ ସୃଷ୍ଟି ଉଦ୍ଦେଶ୍ୟରେ ଦଳୀୟ କର୍ମୀ ଓ ଭିଆଇପିଙ୍କୁ କିଏ ପୂରାଇଲେ? ବ୍ୟବସ୍ଥାକୁ କିଏ ବିଫଳ କଲେ? ଉଭୟ ପ୍ରଶାସନ ଓ ପୁଲିସର ମନୋବଳକୁ କିଏ ନଷ୍ଟ କଲେ, ତାଙ୍କୁ କାହିଁକି ଉତ୍ତରଦାୟୀ କରାଯିବନି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଅପମିଶ୍ରିତ 'ସସ୍' କାରଖାନା ଠାବ; ମାଲିକ ଗିରଫ

**ବ୍ରହ୍ମପୁର,୩୦।୬(ସମିସ):** ସ୍ଥାନୀୟ ପିଚିପିଚା ନଗରସ୍ଥିତ ଜଗନ୍ନାଥ ବିହାର ଦ୍ୱିତୀୟ ଲାଇନରେ ଚାଲିଥିବା ଏକ 'ସସ୍' କାରଖାନା ଉପରେ ବିଇଏମ୍‌ସିର ଖାଦ୍ୟ ନିରାପତ୍ତା ବିଭାଗ ଓ ବଡ଼ବଜାର ଥାନା ପୁଲିସ



ପକ୍ଷରୁ ମିଳିତ ଚଢଉ କରାଯାଇଛି। ଚଢ଼ଉ ବେଳେ କାରଖାନାର ମାଲିକ ପ୍ରଶାନ୍ତ କୁମାର ପାଣିଗ୍ରାହୀ ବିଭିନ୍ନ ସସ୍ ଓ ମସଲା ପ୍ରସ୍ତୁତ କରିବା ପାଇଁ ଲାଇସେନ୍ସ ନେଇଥିଲେ ହେଁ ସେଠାରେ ନକଲି ତଥା ଅପମିଶ୍ରିତ ସସ୍ ଓ ମସଲା ପ୍ରସ୍ତୁତ ହେଉଥିବା ଜଣାପଡିଥିଲା। ଏପରିକି କାରଖାନା ଭିତର ପରିବେଶ ସନ୍ତୋଷଜନକ ନଥିଲା। ସସ୍ ଓ ମସଲା ପ୍ରସ୍ତୁତିରେ ଅନାବଶ୍ୟକ ତଥା ଅଦରକାରୀ ସାମଗ୍ରୀକୁ ବ୍ୟବହାର କରାଯାଇ ଭେଜାଲ କରାଯାଉଥିବା ଦେଖିବାକୁ ମିଳିଥିଲା। କିଛି ସସ୍ ଓ ମସଲାର ମାନ ନିରୂପଣ କରିବା ପାଇଁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଟେଷ୍ଟିଂ ଲ୍ୟାବକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଏମସିର ଖାଦ୍ୟ ନିରାପତ୍ତା ଅଧିକାରୀ ଲିଜା ପାଣିଗ୍ରାହୀ କହିଛନ୍ତି। ଏହି ସସ୍ କାରଖାନା ଗତ ଦୁଇ ବର୍ଷ ଧରି ଚାଲିଆସୁଥିବା ବେଳେ ଏଠାରେ ବିଭିନ୍ନ ପ୍ରକାରର ସସ୍, ମସଲା ଗୁଣ୍ଡ ଓ ଆଚାର ପ୍ରସ୍ତୁତ ହେଉଛି। ଏପରିକି ଏଠାରୁ ପ୍ରସ୍ତୁତ ସାମଗ୍ରୀକୁ ଜିଲ୍ଲା ତଥା ରାଜ୍ୟ ବାହାରକୁ ମଧ୍ୟ ପଠାଯାଉଥିବା ଜଣାପଡିଛି। ଘଟଣାରେ ପୁଲିସ କାରଖାନାର ମାଲିକ ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କୁ ଗିରଫ କରିଛି। ଏହି କାରଖାନାକୁ ସିଲ୍ କରିଦିଆଯାଇଛି।

## ଗଂଜାମରେ ପୁଣି ନାବାଳିକାକୁ ଦୁଷ୍କର୍ମ

**ବ୍ରହ୍ମପୁର, ୩୦।୬ (ସମିସ):** ଗଂଜାମରେ ପୁଣି ନାବାଳିକା ଦୁଷ୍କର୍ମ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ବାଚନମଣ୍ଡଳୀରେ ପୁଣି ଏକ ନାବାଳିକାକୁ ଦୁଷ୍କର୍ମ କରାଯାଇଛି। ଗୋଳନ୍ଥରା ଥାନା ଅଞ୍ଚଳରେ ଜଣେ ୧୧ବର୍ଷର ନାବାଳିକାକୁ ଦୁଷ୍କର୍ମ ହୋଇଛି। ୧୯ ବର୍ଷର ଜଣେ ଯୁବକ ନାବାଳିକାକୁ ଡାକି ନେଇ ଦୁଷ୍କର୍ମ କରିଥିବା ଜଣାପଡ଼ିଛି। ନାବାଳିକାକୁ ନେବା ବେଳେ ଜଣେ ବ୍ୟକ୍ତି ଦେଖି ତାଙ୍କ ଘରଲୋକଙ୍କୁ ଖବର ଦେବା ପରେ ପରିବାରଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସମ୍ପୃକ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକକୁ କାବୁ କରିଥିବା ଜଣାପଡ଼ିଛି। ପୁଲିସ୍ ସମ୍ପୃକ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୁଲିସ। ଅନ୍ୟପକ୍ଷରେ ପୁଲିସ ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା କରାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ପୂର୍ବରୁ ଗତ ୩ ତାରିଖ ରାତିରେ ମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ଏକ ଗାଁରେ ଦୁଇ ନବାଳିକା ସମ୍ପର୍କୀୟ ଭଉଣୀ ଯୋଗ ଦେଇଥିଲେ। ୪ଜଣ ଯୁବକ ଉକ୍ତ ଦୁଇ ଭଉଣୀଙ୍କୁ ଟେକି ନେଇ ଗାଁ ବାହାରେ ଏକ ପରିତ୍ୟକ୍ତ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ସେହିପରି ଗୋପାଳପୁର ବେଳାଭୂମିରେ ଗତ ୧୫ ତାରିଖରେ ଜଣେ ଯୁବତୀଙ୍କୁ ୪ ଯୁବକ ଗଣଦୁଷ୍କର୍ମ କରିଥିଲେ।

## ବଢ଼ିବନି ଇ-କେୱାଇସି ଅବଧି; ଜୁଲାଇରୁ ଚାଉଳ ବନ୍ଦ

**ଭୁବନେଶ୍ୱର,୩୦।୬(ସମିସ):** ଇ-କେୱାଇସି କରି ନ ଥିଲେ ଚଳିତ ମାସରୁ ମିଳିବନି ରାସନ ଚାଉଳ। ୩ ମାସ ଭିତରେ ଜଣାଇଲେ ପୁଣିଥରେ କାର୍ଡକୁ ସଚଳ କରାଯିବ। ନହେଲେ କାର୍ଡ ପୂରା କଟିଯିବ। ରାସନ କାର୍ଡରେ ଇ-କେୱାଇସି ଅବଧି ଆଜି ଶେଷ ହୋଇଛି। ତେଣୁ ଆଉ ଆଗକୁ ଆଉ ରାସନ କାର୍ଡ ଇ-କେୱାଇସି ଶେଷଅବଧି ଘୁଞ୍ଚିବନି ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ପ୍ରାୟ ବର୍ଷେ ହେଲା ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ହେଲେ ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ୫୮ ହଜାର ହିତାଧିକାରୀ ଇ-କେୱାଇସିଅପଡେଟ୍ କରିନାହାନ୍ତି ବୋଲି ଜଣାପଡ଼ିଛି। ତେଣୁ ବାଧ ହୋଇ ସରକାର ରାସନ କାର୍ଡ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗରିବ ଲୋକମାନେ ରାସନ କାର୍ଡର ସୁବିଧା ନିଅନ୍ତୁ; କିନ୍ତୁ ଭୂତ ରାସନ କାର୍ଡ ଚିହ୍ନଟ କରାଯିବା ମଧ୍ୟ ଜରୁରୀ। ଇ-କେୱାଇସି କରି ନ ଥିବା ହିତାଧିକାରୀମାନେ ତୁରନ୍ତ ଇ-କେୱାଇସି ନ କଲେ ୩ ମାସ ପରେ ରାସନ କାର୍ଡ ଆପେଆପେ କଟିଯିବ ବୋଲି ସେ କହିଛନ୍ତି। ମନ୍ତ୍ରୀଙ୍କ ଏଭଳି ଡେଡଲାଇନ ପରେ ବିଭିନ୍ନ ସମସ୍ୟା ପାଇଁ ଇ-କେୱାଇସି କରି ନ ଥିବା ହିତାଧିକାରୀ ଚିନ୍ତାରେ ପଡିଛନ୍ତି।

## 'ଶିଶୁ ସେବିକା'ଙ୍କୁ ମିଳିବ ମାସିକ ୩ ହଜାର

**ଭୁବନେଶ୍ୱର,୩୦।୬(ସମିସ):** ବିଦ୍ୟାଳୟରେ ଶିଶୁ ବାଟିକା ଛାତ୍ରଛାତ୍ରୀଙ୍କ ଯତ୍ନ ନେବା ପାଇଁ ସ୍ୱତନ୍ତ୍ର ଭାବେ 'ଶିଶୁ ସେବିକା'ଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉନ୍ନତ ଶୈଶବ ଶିକ୍ଷା ପାଇଁ ଶିଶୁ ସେବିକାମାନେ କାର୍ଯ୍ୟ କରିବେ। ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି) ସେମାନଙ୍କୁ ନିଯୁକ୍ତି ଦେବ। ନିଯୁକ୍ତି ସମ୍ପର୍କିତ ବିସ୍ତୃତ ମାର୍ଗଦର୍ଶିକା ଓସେପା ପକ୍ଷରୁ ପ୍ରକାଶ ପାଇବ ବୋଲି କୁହାଯାଇଛି। ଶିକ୍ଷକଙ୍କ ଅଣଶିକ୍ଷା କାର୍ଯ୍ୟ ବୋଝ କମାଇବାକୁ ଏହି ପଦକ୍ଷେପ ନିଆଯାଇଛି। ସେମାନଙ୍କୁ ରୋଷେୟା ଏବଂ ସହାୟକାଙ୍କ ସମତୁଲ୍ୟ ତଥା ମାସିକ ୩ ହଜାର ଲେଖାଏଁ ପାରିଶ୍ରମିକ ପ୍ରଦାନ କରାଯିବ। ପିଲାମାନେ ଯେପରି ଏଣେତେଣେ ବୁଲିବେ ନାହିଁ, ଶ୍ରେଣୀଗୃହ ଭିତରେ ସୁରକ୍ଷିତ ରହିବେ; ତା' ଉପରେ ସେବିକାମାନେ ନଜର ରଖିବେ। ପିଲାଙ୍କ ହାତଧୁଆ, ଖାଇବା, ଶୌଚାଳୟ ଯିବା ଏବଂ ଶ୍ରେଣୀଗୃହରେ ବସିବା କାର୍ଯ୍ୟରେ ସହାୟତା କରିବେ। ପିଲା କାନ୍ଦିଲେ କିମ୍ବା ଅଝଟ ହେଲେ ବୁଝାଇବେ। ବହି, ଖେଳଣା ଆଦି ବିଭିନ୍ନ ଶିକ୍ଷା ସହାୟକ ଜିନିଷ ଯୋଗାଇ ସେମାନଙ୍କ ଶୈକ୍ଷିକ ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି କୁହାଯାଇଛି।

## ଅଗଷ୍ଟ ପହିଲାରୁ ଆର୍‌ଆଇ, ଅମିନ ନିଯୁକ୍ତି ପରୀକ୍ଷା

**ଭୁବନେଶ୍ୱର,୩୦।୬(ସମିସ):** ବିବାଦୀୟ ହୋଇପଡ଼ିଥିବା ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ମୁଖ୍ୟ ପରୀକ୍ଷା ତାରିଖ ପ୍ରକାଶ ପାଇଛି। ଅଗଷ୍ଟ ପହିଲାରୁ ପରୀକ୍ଷା ଆରମ୍ଭ ହୋଇ ମାସେ ଯାଏଁ ଅର୍ଥାତ୍ ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ହେବ। ଏନେଇ ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷେ ଅନ୍‌ଲାଇନ୍ ପରୀକ୍ଷାକୁ ପରୀକ୍ଷାର୍ଥୀମାନେ ବିରୋଧ କରୁଥିବା ବେଳେ ମେନ୍ ପରୀକ୍ଷା ମଧ୍ୟ ଅନ୍‌ଲାଇନ୍‌ରେ କରିବାକୁ ନିଷ୍ପତ୍ତି ପରେ ପୁଣିଥରେ ଅସନ୍ତୋଷ ବଢ଼ିଛି।

**ଅନ୍‌ଲାଇନ୍ ପରୀକ୍ଷାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ**

ଅନ୍‌ଲାଇନ୍‌ରେ ହୋଇଥିବା ପ୍ରିଲିମନାରି ପରୀକ୍ଷାରେ ହେରଫେର୍ କରି ଚାକିରି ବିକ୍ରି ମସୁଧା କରାଯାଉଥିବା ଅଭିଯୋଗ ହୋଇଥିଲା। ଆଶାୟୀମାନେ ବ୍ୟାପକ ଆନ୍ଦୋଳନ କରିବା ସହ ଅଫ୍‌ଲାଇନ୍ ପରୀକ୍ଷା ଦାବି କରିଥିଲେ। କମ୍ପ୍ୟୁଟର୍ ସେଣ୍ଟର୍‌ରେ ମାଉସ୍ ଆପେଆପେ ଚାଲିବା, ସବୁଠି ପରୀକ୍ଷା ସରିବା ପରେ କିଛି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହେବା, ପରୀକ୍ଷା କେନ୍ଦ୍ରରୁ ନକଲି ମାଲିକ ଗିରଫ ହେବା, କଳାତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା ଆଦି ଘଟଣା ଅନ୍‌ଲାଇନ୍ ପରୀକ୍ଷାର ବିଶ୍ୱସନୀୟତା ପ୍ରତି ସନ୍ଦେହ ବଢ଼ାଇଥିଲା। ରାଜ୍ୟସାରା ତୀବ୍ର ଆନ୍ଦୋଳନ ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଛି। ସମ୍ପ୍ରତି ମେନ୍ ପରୀକ୍ଷାକୁ ପୁନଃ ଅନ୍‌ଲାଇନ୍‌ରେ କରିବାକୁ ନେଇ ଆଶାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଆଶାୟୀ ସୁନୀଲ କୁମାର ମିଶ୍ରଙ୍କ କହିବା ଅନୁଯାୟୀ, ବାରମ୍ବାର ବିରୋଧ ସତ୍ତ୍ୱେ ଅନ୍‌ଲାଇନ୍ ପରୀକ୍ଷା ନିଷ୍ପତ୍ତି ନିରୁତ୍ସାହିତ କରୁଛି। ଗୋଟିଏ ସିଫ୍ଟରେ ଅଫ୍‌ଲାଇନ୍ ପରୀକ୍ଷା କରିବାକୁ ସେ ଦାବି କରିଛନ୍ତି। ସେହିପରି ଅଗ୍ରୀମ ନେଇଥିବା ପିଲାଙ୍କୁ ଚାକିରି ଦେବା ପାଇଁ ଅନ୍‌ଲାଇନ୍ ପରୀକ୍ଷା କରାଯାଉଥିବା ଷ୍ଟୁଡେଣ୍ଟସ୍ ଏଗ୍‌ନେଷ୍ଟ କରପ୍‌ସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ ଆଣିଛନ୍ତି।

## ଭିଜିଲାନ୍ସ ଜାଲରେ ମୃତ୍ତିକା ସଂରକ୍ଷଣ ଯୁଗ୍ମ ନିର୍ଦ୍ଦେଶକ

**ରାୟଗଡ଼ା/ଭବାନୀପାଟଣା,୩୦।୬(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି। ସେ ରାୟଗଡ଼ା ଜଳ ବିଭାଜିକା ମିସନର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ବେଳେ ଠକେଇ କରିଥିବା ଅଭିଯୋଗ ହୋଇଥିଲା। କୋର୍ଟଙ୍କ ଅନୁମତିରେ ଆଜି ଭିଜିଲାନ୍ସ ଏକକାଳୀନ ଦୟାନିଧିଙ୍କ ବାସଭବନ ସମେତ ୮ଟି ସ୍ଥାନରେ ଚଢ଼ଉ କରିଛି। କଳାହାଣ୍ଡି ଜୁନାଗଡ଼ରେ ଥିବା ଘର,

**■ ୮୪ ଏକର ଜମି, ଦୁଇ କୋଠା, ଗୋଟିଏ ଫ୍ଲାଟ୍ ଠାବ**
**■ ବାବୁଙ୍କ ନାମରେ ରହିଛି ୪୬ ଏକରର ୨ଟି ଫାର୍ମ ହାଉସ୍**
**■ ୩୧୨ ଗ୍ରାମ ସୁନା, ବ୍ୟାଙ୍କରେ ୫୮ ଲକ୍ଷ ଜମା**

ଧର୍ମଗଡ଼ରେ ଥିବା ଶ୍ୱଶୁର ଘର, ଗୋଠପାଟଣାରେ ଥିବା ଆପାର୍ଟମେଣ୍ଟ, ଚନ୍ଦ୍ରଶେଖରପୁରରେ ଥିବା ଏଲ୍‌ଆଇଜି ଘର, ମାଝିଗୁଡ଼ା ଛକରେ ଥିବା ଗୋଟିଏ ନିର୍ମାଣାଧୀନ କୋଠା, ନବରଙ୍ଗପୁର, ଛୁଟିଆଗୁଡ଼ାରେ ପତ୍ନୀଙ୍କ ନାମରେ ଥିବା ୨ଟି କୋଠା ଏବଂ ଭୁବନେଶ୍ୱର ଅଫିସରେ ଚଢ଼ଉ କରିଥିଲା।

ଚଢ଼ଉ ବେଳେ ତାଙ୍କର ଗୋଠପାଟଣାରେ ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍, ମାଝିଗୁଡ଼ାରେ ଗୋଟିଏ ନିର୍ମାଣଧୀନ ଘର, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡରେ ଗୋଟିଏ ଘର, ନବରଙ୍ଗପୁରରେ ଗୋଟିଏ ସପିଂ କମ୍ପ୍ଲେକ୍ସ ଠାବ ହୋଇଛି। ସେହିପରି ନବରଙ୍ଗପୁରରେ ବିଜ୍ରାଗୁଡ଼ା ଏବଂ ନବରଙ୍ଗପୁର ଫଟାକୋଟରେ ୪୬ ଏକରର ଦୁଇଟି ଫାର୍ମ ହାଉସ ରହିଛି। ଏଥିରେ ୪୬ଲକ୍ଷ ୧୨ହଜାର ୬୬୫ ଟଙ୍କା ବିନିଯୋଗ ହୋଇଛି। ନବରଙ୍ଗପୁରରେ ୨୭ ଏକର ଜମି ରହିଥିବା ବେଳେ ଭବାନୀପାଟଣା ଟାଉନ୍‌ରେ



୧୧ ଏକର ଜମି ରହିଛି। ଏହି ଜମିର ଆକଳନ ଭିଜିଲାନ୍ସର ଟେକ୍ନିକାଲ ଟିମ୍ କରୁଛି। ତାଙ୍କ ଘରୁ ୩୧୨ ଗ୍ରାମ ସୁନା ଠାବ ମିଳିଥିବା ବ୍ୟାଙ୍କରେ ୫୮ ଲକ୍ଷ ୪୧ହଜାର ୪୨୨ ଟଙ୍କା ଜମା ରହିଛି। ଗୋଟିଏ ଚାରି ଚକିଆ ବେନାମୀ ଗାଡ଼ି ଥିବା ବେଳେ ଗୋଟିଏ ଦୁଇ ଚକିଆ ଗାଡି ଠାବ କରାଯାଇଛି। ଆହୁରି ମଧ୍ୟ ୯ଲକ୍ଷର ଘରର ଆସବାବପତ୍ର ରହିଛି। ଠାବ କରାଯାଇଥିବା ସମ୍ପତ୍ତିର ହିସାବ ମାଗିଥିଲେ ମଧ୍ୟ ସେ ସଠିକ ଉତ୍ତର ଦେଇ ନପାରିବାରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଉଠାଇ ନେଇ ପଚରାଉଚରା କରୁଛି। ଅସନ୍ତାକାଲି ଗିରଫ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।




**ଅପାରଗତା ଲୁଚାଇବାକୁ ଜୁଲୁମ**

# ରଥଯାତ୍ରା ପାଇଁ ପୁରୀବାସୀ ବନ୍ଦୀ

**■ ଘରୁ ବାଇକ୍ କାଢ଼ିଲେ ପୁଲିସ୍‌ର ଗାଳି**
**■ ସାହିଗଳିରୁ ଉଠିନି ବ୍ୟାରିକେଡ୍**

ପୁରୀ,୩୦।୬(ସମିସ): ରଥଯାତ୍ରା କ'ଣ ପୁରୀବାସୀଙ୍କ ପାଇଁ ଅଭିଶାପ? ଶୃଙ୍ଖଳିତ ଘୋଷଯାତ୍ରା ପାଇଁ ପ୍ରଶାସନ ଯେତେବେଳେ ଯାହା କହୁଛି ସେମାନେ ମାନୁଛନ୍ତି। ସବୁଥିରେ ସରକାର ଏବଂ ପ୍ରଶାସନକୁ ସହଯୋଗ କରିଆସୁଛନ୍ତି। ଏହାସତ୍ତ୍ୱେ ସେମାନଙ୍କୁ ମୁକ୍ତ ଭାବେ ଯା'ଆସ କରିବାକୁ ଦିଆଯାଉନାହିଁ। ସାହି ଗଳିକନ୍ଦିରେ ପଡ଼ିଛି ଲୁହା ବ୍ୟାରିକେଡ୍। ଏକପ୍ରକାର ବନ୍ଦୀ ଜୀବନ କାଟୁଛନ୍ତି ପୁରୀବାସୀ। ଘରୁ କୌଣସି କାମ ପାଇଁ ବାଇକ୍ ବାହାର କଲେ, ସେମାନଙ୍କୁ ପୁଲିସ ଜୁଲମ୍‌ର ଶିକାର ହେବାକୁ ପଡୁଛି। ପୁଲିସ୍ ସେମାନଙ୍କୁ କଡ଼ା ଭାଷାରେ ଗାଳି କରୁଛି।

ଚଳିତବର୍ଷ ଟ୍ରାଫିକ୍ ନିୟମ ପୁରୀ ସହରବାସୀଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି। ବିଗତ ବର୍ଷମାନଙ୍କରେ ଏଭଳି ସ୍ଥିତି ନଥିଲା ବୋଲି ସେମାନେ କହିଛନ୍ତି। ପ୍ରତିବର୍ଷ ରଥଯାତ୍ରା ହେଉଛି। ଶୃଙ୍ଖଳିତ ଏବଂ ସୁରକ୍ଷିତ ରଥଯାତ୍ରା ପାଇଁ ପ୍ରତିବର୍ଷ ସରକାର ଏବଂ ଜିଲ୍ଲା ପ୍ରଶାସନ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଥା'ନ୍ତି। ଯେହେତୁ ରଥଯାତ୍ରାରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ, ଟ୍ରାଫିକ୍ ସୁପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ। ବିଶେଷକରି ରଥଟଣା ଏବଂ ଠାକୁରମାନେ ରଥ ଉପରେ ଥିଲେ ବିଶେଷ କଟକଣା ରହିଥାଏ। ମହାପ୍ରଭୁ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କଲା ପରେ କଟକଣା କୋହଳ ହୁଏ। ମେଡିକାଲ ଛକରୁ ଗୁଣ୍ଡିଚା ମନ୍ଦିର ଆଡ଼କୁ ଗାଡ଼ି ଚଳାଚଳ ଉପରେ କଟକଣା ରହିଥାଏ। କିନ୍ତୁ ପାସ୍‌ଧାରୀଙ୍କ ଗାଡ଼ି ଶରଧାବାଲିକୁ ଛଡ଼ାଯାଏ। ଏମିତି ବି ବାଇକ୍ ଚଳାଚଳ ଏକପ୍ରକାର ସ୍ୱାଭାବିକ ରୁହେ। ପୁନଶ୍ଚ ବାହୁଡ଼ା ଏବଂ ସୁନାବେଶରେ ପୂର୍ଣ୍ଣ କଟକଣା ଲାଗେ।

ଚଳିତବର୍ଷ କିନ୍ତୁ ଟ୍ରାଫିକ୍ କଟକଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରତିବର୍ଷ ରଥଯାତ୍ରା, ବାହୁଡ଼ା ଏବଂ ସୁନାବେଶକୁ ଛାଡ଼ିଦେଲେ ପୌର ବସ୍‌ଷ୍ଟାଣ୍ଡକୁ ନିୟମିତ ଚଳାଚଳ କରୁଥିବା ବସ୍ ବି ଆସୁଥିଲା। ହେଲେ ଏ ବର୍ଷ ତାହାକୁ ବି ବନ୍ଦ କରିଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମହାପ୍ରଭୁ ଗୁଣ୍ଡିଚା ମନ୍ଦିରକୁ ବିଜେ କରିସାରିଥିଲେ ହେଁ ଗୁଣ୍ଡିଚା ମନ୍ଦିର ଏବଂ ବଡ଼ଦାଣ୍ଡକୁ ସଂଲଗ୍ନ କରୁଥିବା ସାହିଗଳିରୁ ବ୍ୟାରିକେଡ୍ ହଟିନାହିଁ। ବସ୍‌ଷ୍ଟାଣ୍ଡ ଭିତରକୁ ବାଇକ୍ ଛଡ଼ାଯାଉ ନ ଥିବା ବେଳେ ଗୁଣ୍ଡିଚା ମନ୍ଦିର ସଂଲଗ୍ନ ସାହିବାସିନ୍ଦା ଏକପ୍ରକାର ବନ୍ଦୀ ଜୀବନ କାଟୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ସେମାନଙ୍କ ବାଇକ୍ ଚଳାଚଳ ଉପରେ ସତେଯେମିତି ନିଷେଧାଜ୍ଞା ଜାରି କରାଯାଇଛି। କେହି ଯଦି କୌଣସି କାମରେ ଘରୁ ବାଇକ୍ କରୁଛି, ତେବେ ବ୍ୟାରିକେଡ୍ ପାଖରେ ଜଗିଥିବା ସୁରକ୍ଷା କର୍ମୀ ତାଙ୍କୁ ନାଲିଆଖି ଦେଖାଉଛନ୍ତି। କାରଣ କହିଲେ ବି ସେମାନେ ଶୁଣିବାକୁ ନାରାଜ। କାଁଭାଁ ଯଦି କେହି ବାଇକ୍ ପାସ୍ ଖଣ୍ଡିଏ ପାଇଛନ୍ତି ତାକୁ ଦେଖାଇଲେ ବି ଅନେକଙ୍କୁ ମନା କରିଦିଆଯାଉଛି। ଏମିତିକି, ବେଳେବେଳେ ସୁରକ୍ଷା କର୍ମୀ ଖରାପ ଭାଷା କହୁଥିବା ମଧ୍ୟ ଅଭିଯୋଗ କରିଛନ୍ତି। କିନ୍ତୁ ଭିଆଇପିଙ୍କ ଗାଡ଼ିକୁ ସାତଖୁଣ ମାଫ୍। ସେମାନଙ୍କୁ ଆତିଥ୍ୟତାର ସହିତ ପାଛୋଟି ନେଉଛନ୍ତି ବାବୁ।

ଆଇନଜୀବୀ ଦିଲ୍ଲୀପ ବରାଳ କହିଛନ୍ତି, କ'ଣ ପାଇଁ ଏତେ କଟକଣା। ବିଗତ ବର୍ଷମାନଙ୍କରେ ବି ରଥଯାତ୍ରା ହେଉଥିଲା। ୨୦୧୫ ନବକଳେବର ବର୍ଷରେ ଅଧିକ ଭକ୍ତ ଆସୁଥିଲେ। ସେତେବେଳେ ଏମିତି ଟ୍ରାଫିକ୍ ଯନ୍ତ୍ରଣା ଭୋଗୁ ନଥିଲେ ସହରବାସୀ। ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ସାଧାରଣ ଲୋକଙ୍କ ଉପରେ ଦାଉ ସାଧୁଛି ବୋଲି ସେ କହିଛନ୍ତି। ତେବେ ଏଭଳି ଅଭିଯୋଗ ସଂକ୍ରାନ୍ତରେ ଟ୍ରାଫିକ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଫୋନ୍ କଲେ ମଧ୍ୟ ଉଠାଉ ନ ଥିବାରୁ ସେମାନଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

**ରାଜ୍ୟରେ ଜଙ୍ଗଲରାଜ**

# ରାଜ୍ୟରେ ଜଙ୍ଗଲରାଜ

**■ ବିଜେପି କର୍ମୀଙ୍କୁ ଡରିଲେଣି ସରକାରୀ କର୍ମଚାରୀ**
**■ ଏଏସ୍‌ଓ ବୈକୁଣ୍ଠଙ୍କୁ ପରେ ଓଏଏସ୍ ରତ୍ନାକରଙ୍କୁ ମାଡ଼**
**■ ବର୍ଷେ ପରେ ବି ଏଏସ୍‌ଓ ବୈକୁଣ୍ଠଙ୍କୁ ମିଳିଲାନି ନ୍ୟାୟ**
**■ 'ପାନଖିଆ ଛେତଲା ପାଟିଆ'ଙ୍କ ପ୍ରତି ସତର୍କ କରାଇଥିଲେ ଅରୁଣ**

ଭୁବନେଶ୍ୱର,୩୦।୬(ସମିସ): ରାଜ୍ୟରେ ଭୁଶୁଡ଼ିଛି ସମ୍ପୂର୍ଣ୍ଣ ଆଇନଶୃଙ୍ଖଳା ସ୍ଥିତି। ଖୋଦ୍ ରାଜଧାନୀ ଭୁବନେଶ୍ୱରର ବିଏମ୍‌ସି ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଓଏଏସ୍ ଅଧିକାରୀ ତଥା ବିଏମସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ମାଡ଼ ମାରିବା ଓ ତାଙ୍କୁ ଅପହରଣ ପାଇଁ ଉଦ୍ୟମ କରିବା ଭଳି ଘଟଣା ସାରା ଦେଶରେ ଏବେ ଚହଳ ପକାଇଛି।

ଗତବର୍ଷ ରଥଯାତ୍ରା ସମୟରୁ ଆରମ୍ଭ ହୋଇଥିବା ବିଜେପି କର୍ମୀ ଓ ସମର୍ଥକଙ୍କ ନିୟମ ଭାଙ୍ଗିବା ଧାରା ଇତିମଧ୍ୟରେ ରାଜ୍ୟରେ ଅରାଜକତା ସୃଷ୍ଟି କରିଛି। ଗତବର୍ଷ ରଥଯାତ୍ରା ସମୟରେ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲେ ମଧ୍ୟ ଆକ୍ରମଣକାରୀ ତଥା ତତ୍‌କାଳୀନ ରାଜ୍ୟପାଳଙ୍କ ପୁଅଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାରେ ସରକାର ସାହସ ଜୁଟାଇ ପାରି ନାହାନ୍ତି। ଏହି ଘଟଣାକୁ ନେଇ ବିରୋଧୀ ବିଜେଡି, କଂଗ୍ରେସ ଉଭୟ ବିଧାନସଭା ଓ ରାଜରାସ୍ତାରେ ତୁମ୍ବିତୁଫୋନ କରିବା ସହିତ ବହୁ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ରାଜ୍ୟପାଳ ପୁଅଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ହେଲେ ସରକାର ଏହି ଘଟଣାରେ କେବଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନକୁ କାଗଜକଲମ ଭିତରେ ସୀମିତ ରଖିଦେଇଛନ୍ତି। ଯାହାର ପରିଣାମ ସ୍ୱରୂପ ଆଜି ବିଏମସିର ଜଣେ ବରିଷ୍ଠ ଓଏଏସ୍‌ଙ୍କୁ ଆକ୍ରମଣ କରାଯାଇଛି। ସବୁଠୁ ବଡ଼ କଥା ହେଉଛି ଯେ ଏଭଳି ଘଟଣାରେ ବିଜେପି ନେତାଙ୍କ ସିଧାସଳଖ ସମ୍ପୃକ୍ତି ରହୁଛି। ଏସ୍‌ଏସଓ ବୈକୁଣ୍ଠଙ୍କୁ ମାଡ଼ ମାରିଥିବା ତତ୍‌କାଳୀନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ହୋଇଥିବାରୁ ପୁଲିସ୍ ତାଙ୍କ ହାତ ଦେବାକୁ ସାହସ କରିପାରିଲା ନାହିଁ ବୋଲି ଏବେ ପର୍ଯ୍ୟନ୍ତ ସରକାରଙ୍କୁ କୁହାଯାଉଛି। ଆଉ ଆଜି ବିଏମ୍‌ସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ମଧ୍ୟ ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ପ୍ରରୋଚନା ଏବଂ ବିଜେପି କର୍ପୋରେଟର୍ ଅପରୂପ ନାରାୟଣ ରାଉତଙ୍କ ସହଯୋଗୀମାନେ ମିଶି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ଏହାପୂର୍ବରୁ ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ ସାହୁ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇ ବିଜେପି କର୍ମୀ ଓ ନେତାଙ୍କୁ ଆୟତ୍ତରେ ରଖିବାକୁ ପରାମର୍ଶ ଦେଇଥିଲେ। ଉଭୟ ଗୃହ ଭିତରେ ଓ ଗୃହ ବାହାରେ ବିଜେପିର 'ପାନ ଖିଆ ଛେତଲା ପାଟିଆ' କର୍ମୀମାନେ କିପରି ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି ତାହା କହିଥିଲେ। ଏଭଳି ସ୍ଥିତି ଦ୍ୱାରା ସାରା ରାଜ୍ୟରେ ବର୍ତ୍ତମାନ ସରକାରୀ କର୍ମଚାରୀଙ୍କ ମନୋବଳ ଭାଙ୍ଗୁଥିବା ବେଳେ ସେମାନେ ଭଲଭାବେ କାମ କରିପାରୁ ନାହାନ୍ତି। ଯାହାଫଳରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେଉଛି। ରାଜ୍ୟ ସରକାରଙ୍କ ପାଇଁ ସରକାରୀ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ବଡ଼ ଆହ୍ୱାନ ସୃଷ୍ଟି କରିଥିବା ବେଳେ ବିଭିନ୍ନ ସରକାରୀ କର୍ମଚାରୀ ସଂଘ ମଧ୍ୟ ନିଜର ସୁରକ୍ଷା ଦାବି କରି ବାରମ୍ବାର ସରକାରଙ୍କୁ ଦାବି ପତ୍ର ଦେଉଛନ୍ତି। ପୂର୍ବରୁ ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କ ମାଡ଼ ଘଟଣାରେ ଏଏସ୍‌ଓ ସଂଘ ହସ୍ତକ୍ଷେପ କରିବା ସହିତ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲା। ଏବେ ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ପରେ ଆଇଏସ୍ ଏବଂ ଓଏଏସ୍ ସଂଘ ମଧ୍ୟ ସରକାରଙ୍କ ଉପରେ ଖଡ୍‌ଗହସ୍ତ ହୋଇଛନ୍ତି।

**ରଥଯାତ୍ରାରେ ଦଳାଚକଟା**

# ଦୁଇ ବର୍ଷରେ ଗଲାଣି ୪ ଜୀବନ

**■ ଅଘଟଣ ପାଇଁ ବାସ୍ତବରେ ଦାୟୀ କିଏ?**
**■ ଦଣ୍ଡ ଦିଆଯାଉଛି କାହାକୁ?**

ପୁରୀ,୩୦।୬(ସମିସ): ଏଥର ଐତିହାସିକ ଓ ଅବିସ୍ମରଣୀୟ ରଥଯାତ୍ରା ହେବ ବୋଲି କହିଥିଲେ ରାଜ୍ୟ ସରକାର। ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ଦମ୍ଭୋକ୍ତି କରିଥିଲେ ମୁଖ୍ୟମନ୍ତ୍ରୀ। ହେଲେ ଚଳିତ ଘୋଷଯାତ୍ରାରେ ଐତିହାସିକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଶରଧାବାଲିରେ ଦଳାଚକଟାରେ ତିନି ଭକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ପ୍ରଶାସନିକ ଅବ୍ୟବସ୍ଥା ଓ ସମନ୍ୱୟର ଅଭାବ ଯୋଗୁଁ ଏତେବଡ଼ ଅଘଟଣ ଘଟିଲା। କେବଳ ଚଳିତବର୍ଷ ନୁହେଁ, ଗତବର୍ଷ ରଥଯାତ୍ରାରେ ବି ଦଳାଚକଟା ହୋଇ ଜଣଙ୍କ ଜୀବନ ଯାଇଥିଲା। ଲଗାତର ଦୁଇବର୍ଷ ଧରି ଘୋଷଯାତ୍ରାରେ ୪ ଜଣଙ୍କ ଜୀବନ ଯିବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ଏହି ଦୁଇବର୍ଷରେ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଅସୁସ୍ଥ ହୋଇ ହସ୍ପିଟାଲରେ ମଧ୍ୟ ଭର୍ତ୍ତି ହୋଇଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ବାସ୍ତବରେ ଏହି ଅଘଟଣ ପାଇଁ ଦାୟୀ କିଏ? କେବଳ କ'ଣ ଅଧିକାରୀ? କାହିଁକି ଉତ୍ତରଦାୟୀ ହେବେନି ନେତା ମନ୍ତ୍ରୀ?

ରଥଯାତ୍ରା ଆରମ୍ଭରୁ ଉପୁଜିଛି ବିଭ୍ରାଟ। ରଥ ନିର୍ମାଣଠାରୁ ଗଡ଼ିବା ପର୍ଯ୍ୟନ୍ତ ନାନା ପ୍ରକାର ବିଭ୍ରାଟ ଦେଖିବାକୁ ମିଳିଛି। ଚଳିତବର୍ଷ ରଥଯାତ୍ରାକୁ ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ବହୁ ବୈଠକ ବସିଛି। ମନ୍ତ୍ରୀସ୍ତରୀୟ କମିଟି ଏକାଧିକଥର ସମୀକ୍ଷା କରିଥିବାବେଳେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ହୋଇଛି ମାନସମନ୍ଥନ। ମୁଖ୍ୟମନ୍ତ୍ରୀ ବି ଏଥର ତ୍ରୁଟିଶୂନ୍ୟ ରଥଯାତ୍ରା କରିବା ଉପରେ ଜୋର୍ ଦେଇଥିବା ବେଳେ ଐତିହାସିକ ଓ ଅବିସ୍ମରଣୀୟ ରଥଯାତ୍ରା ହେବ ବୋଲି କହିଥିଲେ ରାଜ୍ୟ ସରକାର। ହେଲେ ଠିକଣା ବେଳକୁ ସବୁ ପ୍ରସ୍ତୁତି, ସବୁ ଯୋଜନା ଫେଲ୍ ମାରିଛି। ମାଳମାଳ ଅଘଟଣ ଘଟି ଚାଲିଛି। ସବୁଠୁ ଦୁଃଖର ବିଷୟ ହେଉଛି, ଦଳାଚକଟାରେ ଭକ୍ତଙ୍କ ଜୀବନ ବି ଚାଲିଯାଉଛି। ମନୁଷ୍ୟକୃତ ତ୍ରୁଟି ପାଇଁ ଅଘଟଣ ଘଟୁଥିଲେ ହେଁ ଭଗବାନଙ୍କୁ ଆଳ କରାଯାଉଛି। ସବୁ ମହାପ୍ରଭୁଙ୍କ ଇଚ୍ଛା, ନିଜ ବିଫଳତାକୁ ଲୁଚାଇବା ପାଇଁ ଚେଷ୍ଟା କରିଛନ୍ତି ମନ୍ତ୍ରୀ ଓ ଅଧିକାରୀ।

ସବୁଠୁ ଉଦ୍‌ବେଗର ବିଷୟ ହେଉଛି, ଗତବର୍ଷ ରଥଯାତ୍ରାରେ ଦଳଚକଟା ହୋଇଥିଲା। ତାଳଧ୍ୱଜ ରଥଟଣା ବେଳେ ମରୀଚିକୋଟ ଛକ ପୂର୍ବରୁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। କିଛି ଶ୍ରଦ୍ଧାଳୁ ପଛକୁ ମାଡ଼ି ଆସିଥିଲେ। ଫଳରେ କିଛି ଭକ୍ତ ତଳେ ପଡ଼ିଯାଇଥିଲେ। ସେମାନଙ୍କ ଉପରେ ଅନ୍ୟମାନେ ଚଢ଼ିଯାଇଥିଲେ। ସ୍ୱେଚ୍ଛାସେବୀ ଏବଂ ଅନ୍ୟ ଶ୍ରଦ୍ଧାଳୁ ସେମାନଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ଜଣଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ତୁରନ୍ତ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଥିଲେ ବଲାଙ୍ଗିରର ଲଳିତ ବଗର୍ତ୍ତି। ତେବେ ଗତବର୍ଷ ଏହି ଅଘଟଣରୁ ଅଧିକାରୀ ଏବଂ ରଥଯାତ୍ରା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ନେତା-ମନ୍ତ୍ରୀ କିଛି ଶିକ୍ଷା କରି ନ ଥିଲେ। ଫଳସ୍ୱରୂପ ଏ ବର୍ଷ ଶରଧାବାଲିରେ ଦଳାଚକଟା ଘଟି ୩ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଗଲା।

ଏହି ଅଘଟଣ ପରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ନେଇ ଏବେ ସବୁଠି ଚର୍ଚ୍ଚା। ବାସ୍ତବରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଯାହା ଘଟିଲା, ସେଥିପାଇଁ କ'ଣ କେବଳ ଜିଲ୍ଲାପାଳ, ଏସ୍‌ପି ଦାୟୀ? କାହିଁକି ଦାୟୀ ରହିବେ ନାହିଁ ଯେଉଁମାନଙ୍କୁ ରଥଯାତ୍ରାର ଶୃଙ୍ଖଳା ଦାୟିତ୍ୱ ଦିଆଯାଇଥିଲା। ମନ୍ତ୍ରୀସ୍ତରୀୟ କମିଟି କରୁଥିଲା କ'ଣ? ଏହାର ଅଧ୍ୟକ୍ଷ ଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେହିପରି କମିଟିର ସଦସ୍ୟ ଥିବା ଆଇନ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ପରିବହନ ମନ୍ତ୍ରୀ ଏବଂ ଆଇନ ବିଭାଗର ପ୍ରିନ୍ସପାଲ ସେକ୍ରେଟାରୀଙ୍କର କ'ଣ ଦାୟିତ୍ୱ ନ ଥିଲା ଏହି ପ୍ରଶ୍ନ ଏବେ ପଚାରୁଛନ୍ତି ସାଧାରଣ ଜନତା। ଯଦି ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏଥିପାଇଁ ଦାୟୀ କରି ବଦଳି କରାଗଲା ସମାନ ଭାବେ ମନ୍ତ୍ରୀସ୍ତରୀୟ କମିଟି ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ସାଧାରଣରେ ଦାବି କରାଯାଉଛି।

**■ ରଥଯାତ୍ରା ଦଳଚକଟା ଘଟଣା**

## ପୁରୀ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଜବାବ ତଲବ

କଟକ, ୩୦।୬ (ସମିସ): ପୁରୀ ରଥଯାତ୍ରାରେ ଦଳାଚକଟାରେ ୩ଜଣ ପ୍ରାଣ ହରାଇବା ଘଟଣାକୁ ନେଇ ରୁଜୁ ମାମଲାକୁ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁରୀ ଏସପି ଓ ଜିଲ୍ଲାପାଳଙ୍କୁ ଜବାବ ତଲବ କରିଛନ୍ତି। ଆଗକୁ ଯେପରି ଘଟଣାର ପୁନରାବୃତ୍ତି ନହୁଏ, ସେଥିପାଇଁ ସଜାଗ ରହିବାକୁ ଉଭୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ ପାଇଁ କହିଛନ୍ତି କମିସନ।

ପ୍ରକାଶଥାଉକି, ଗତ ୨୯ତାରିଖ ରବିବାର ଦିନ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ଘଟି ୩ଜଣ ପ୍ରାଣ ହରାଇଥିବା ବେଳେ ୭ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିଲେ। ସ୍ୱାଧୀନ ଭାବେ କମିସନ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରିବା ସହ ଦୋଷୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ କ୍ଷତିପୂରଣ ରାଶି ମୃତକଙ୍କ ପରିବାରକୁ ତୁରନ୍ତ ପ୍ରଦାନ ପାଇଁ ପ୍ରାର୍ଥନା କରାଯାଇଛି।

# ବାଇଓମେଟ୍ରିକ୍ ଦେଉନାହାନ୍ତି କଲେଜ ଅଧ୍ୟକ୍ଷ

**■ ତାଗିଦ୍ କଲା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ**
**■ ବାରମ୍ବାର ତାଗିଦ୍; ହେଉନି କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର,୩୦।୬(ସମିସ): କଲେଜ ଅଧ୍ୟକ୍ଷ ଦେଉନାହାନ୍ତି ବାଇଓମେଟ୍ରିକ୍ ଉପସ୍ଥାନ। ଉଚ୍ଚଶିକ୍ଷା ବିଭାଗର ନିୟମକୁ କରୁଛନ୍ତି ବେଖାତିର। ଗୋଟିଏ ପଟେ ବିଭାଗ ପକ୍ଷରୁ ବାଇଓମେଟ୍ରିକ ଉପସ୍ଥାନ ନେଇ କଡ଼ା ନିର୍ଦ୍ଦେଶ ଦିଆଯାଉଛି। କଲେଜରେ ଅନ୍ୟୂନ ୭ ଘଣ୍ଟା ରହିବାକୁ ତାଗିଦ୍ କରାଯାଉଛି। ପିଲାଙ୍କୁ ପାଠ ପଢ଼ାଇବାକୁ ଗୁରୁତ୍ୱ ଦେଇ ନିର୍ଦ୍ଦେଶନାମା ଜାରି ହେଉଛି। ହେଲେ ଖୋଦ୍ କଲେଜ ଅଧ୍ୟକ୍ଷମାନେ ଏହାକୁ ମାନୁନାହାନ୍ତି। ଅନଧିକୃତ ଭାବେ ଅନୁପସ୍ଥିତ ରହୁଛନ୍ତି।

ଅପରପକ୍ଷେ ଅନ୍ୟ କର୍ମଚାରୀମାନେ ବାଇଓମେଟ୍ରିକ୍ ନଦେଲେ ନାଲିଆଖି ଦେଖାଉଛନ୍ତି। ବିଭାଗ ପାଖରେ ଏପରି ବହୁ ଅଭିଯୋଗ ପହଞ୍ଚିବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ସୋମବାର ପୁଣି ତାଗିଦ୍ କରି ବାଇଓମେଟ୍ରିକ୍ ନିୟମକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି।

ଅଧ୍ୟକ୍ଷଙ୍କ ସମେତ ବହୁ ଅଧ୍ୟାପକ ଓ କର୍ମଚାରୀ ବାଇଓମେଟ୍ରିକ୍ ଉପସ୍ଥାନ ସଠିକ୍ ଭାବେ ଦେଉନଥିବା ବିଭାଗ ବହୁ ପୂର୍ବରୁ ଅବଗତ ଅଛି। ଗତ ଫେବୃଆରୀ ପ୍ରଥମ ସପ୍ତାହରେ ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଏକାମ୍ର କଲେଜକୁ ଅଚାନକ ଗସ୍ତ କରିଥିଲେ। ଅପରାହ୍ଣରେ ବହୁ ଅଧ୍ୟାପକ ଓ କର୍ମଚାରୀ କଲେଜରେ ନ ଥିଲେ। ଯାହାକୁ ନେଇ ବିଭାଗ ତନାଘନା କରିବା ସହ ଫେବୃଆରୀ ୧୫ ତାରିଖରେ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରବେଶ ଓ ପ୍ରସ୍ଥାନ ସମୟରେ ଫିଙ୍ଗରପ୍ରିଣ୍ଟ ଦେବାକୁ କଲେଜଗୁଡ଼ିକୁ ଦାଗିଦ୍ କରିଥିଲେ। ବାରମ୍ବାର ତାଗିଦ୍ ସତ୍ତ୍ୱେ ବାଇଓମେଟ୍ରିକ୍ ନିୟମ ଉଲ୍ଲଂଘନ କରୁଥିବା ଅଧ୍ୟକ୍ଷ ଓ କର୍ମଚାରୀଙ୍କ ବିରୋଧରେ କାହିଁକି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଉନି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**■ ଉଦ୍‌ବେଗ ସହ ସନ୍ତୃପ୍ତଙ୍କ ପ୍ରଶ୍ନ**

## ଓଡ଼ିଶାରେ ଆଉ କିଏ ସୁରକ୍ଷିତ ?

ଭୁବନେଶ୍ୱର,୩୦।୬(ସମିସ): ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରେ ଆକ୍ରମଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର । ସାମାଜିକ ଗଣମାଧ୍ୟମ ଏକ୍ସରେ ଓଡ଼ିଶାରେ ଆଜି କିଏ ସୁରକ୍ଷିତ ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ନାରୀ ଏବଂ ଛାତ୍ରୀମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବା ଯାତ୍ରୀମାନଙ୍କର ମୃତ ଶରୀର ତାଙ୍କ ପରିବାର ବର୍ଗଙ୍କୁ ନେବାକୁ ପଡ଼ିଲା। ଆଜି ଜଣେ ପଦସ୍ଥ ସରକାରୀ କର୍ମଚାରୀଙ୍କୁ କଥାକଥିତ ବିଜେପିର ସଦସ୍ୟମାନେ, କିଛି କର୍ପୋରେଟରଙ୍କ ସାମ୍ନାରେ ଘୋଷାରି ନେଇ ତାଙ୍କ ଜୀବନ ନେବାପାଇଁ ଚେଷ୍ଟା କରିଛନ୍ତି। ସମସ୍ତଙ୍କ ସାମ୍ନାରେ ତାଙ୍କୁ ମାଡ଼ ମାରିଛନ୍ତି । ତେଣୁ ଯେଉଁ ବିଶୃଙ୍ଖଳିତ ଲୋକମାନେ ରତ୍ନାକର ସାହୁଙ୍କର ଉପରେ ଆକ୍ରମଣ କରିଛନ୍ତି, ସେମାନଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତାର କଠୋର ଧାରାରେ କାର୍ଯ୍ୟାନୁଷ୍ଠାନ ସରକାର ଗ୍ରହଣ କରନ୍ତୁ। ପ୍ରତ୍ୟେକ ଦିନ ଓଡ଼ିଶା ସାରା ଦେଶରେ ନିନ୍ଦିତ ହେଉଛି, ଓଡ଼ିଆ ଅସ୍ମିତା ମାଟିରେ ମିଶିଛି ବୋଲି ସେ କହିଛନ୍ତି ।

**■ ପୁରୀର ବିଭିନ୍ନ ରୁଟରେ କଡ଼ାକଡ଼ି ଏନଫୋର୍ସମେଣ୍ଟ**

## କଟିଲାଣି ୧୮୦୦ ଇ-ଚାଲାଣ

କଟକ,୩୦।୬(ସମିସ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପରିବହନ ବ୍ୟବସ୍ଥାକୁ ଶୃଙ୍ଖଳିତ ରଖିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା କଡ଼ାକଡ଼ି ଏନ୍‌ଫୋର୍ସମେଣ୍ଟ କରାଯାଇଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଅମାନିଆ ଗାଡ଼ି ଚାଳକଙ୍କ ବିରୋଧରେ ୧୮୦୦ଟି ଇ-ଚାଲାଣ କଟାଯାଇଥିବା ଜଣାପଡ଼ିଛି। ଆଗକୁ ବାହୁଡ଼ା ଏବଂ ସୁନାବେଶରେ ମଧ୍ୟ ଏହି ଏନ୍‌ଫୋର୍ସମେଣ୍ଟ ଜାରି ରହିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ୩୧୬ ଏବଂ ପୁରୀରୁ କୋଣାର୍କ, କୋଣାର୍କରୁ ପିପିଲି ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ୍) କାର୍ଯ୍ୟକ୍ଷମ ହୋଇଛି। ପୁରୀ ଆରଟିଓ ଅଧୀନରେ ୭ଟି ସ୍ପେଶାଲ ଟିମ ଗଠନ କରାଯାଇ, ବିଭିନ୍ନ ରୁଟ୍‌ରେ ନିୟମିତ ଏନ୍‌ଫୋର୍ସମେଣ୍ଟ କରାଯାଉଛି। ବିନା ହେଲମେଟରେ ଗାଡ଼ି ଚାଳନା, ଭୁଲ୍ ରୁଟରେ ଗାଡ଼ି ଚାଳନା, ଦ୍ରୁତଗତି ଏବଂ ଦୁଇ ଚକିଆରେ ଦୁଇରୁ ଅଧିକ ବସିବା ଭଳି ସଡ଼କ ସୁରକ୍ଷା ନିୟମର ଉଲ୍ଲଙ୍ଘନ କ୍ଷେତ୍ରରେ ଏହି ଇ-ଚାଲାଣ କଟାଯାଇଥିବା ଜଣାପଡ଼ିଛି।

## ଉଦ୍ଦେଶ୍ୟମୂଳକ ଭାବେ ପ୍ରାଧ୍ୟାପକଙ୍କୁ ବଦଳି

ଭୁବନେଶ୍ୱର,୩୦।୬(ସମିସ): ଉଚ୍ଚ ନ୍ୟାୟାଳୟରେ ପଦୋନ୍ନତି ମାମଲା ବିଚାରାଧୀନ ଥିବାବେଳେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଟକ ଜିଲ୍ଲା ବାଲୀସ୍ଥିତ ଧବଳେଶ୍ୱର ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ବିଭାଗର ସ୍ୱତନ୍ତ୍ର ସଚିବ ପ୍ରମୋଦ ମିଶ୍ର ସୋମବାର ଅବସର ନେଇଥିବାବେଳେ ଉଦ୍ଦେଶ୍ୟମୂଳକ ଭାବେ ଏପରି କରିଥିବା ଅଭିଯୋଗ ହୋଇଛି। ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ବହୁ ଅଧ୍ୟାପକଙ୍କୁ ମଧ୍ୟ ବଦଳି କରାଯାଇଛି। ଏପରିକି କଲେଜର ଅଧ୍ୟକ୍ଷାଙ୍କୁ ଅଧ୍ୟାପିକା ଭାବେ ଅନ୍ୟତ୍ର ବଦଳି କରିବା, ବରିଷ୍ଠଙ୍କୁ ଅଣଦେଖା କରି କନିଷ୍ଠଙ୍କୁ ଅଧ୍ୟକ୍ଷ କରବା, ପରିଚିତ ଲୋକଙ୍କୁ ବଦଳି କରିବା ସହ ଆକ୍ରୋଶମୂଳକ ଭାବେ ଅନେକ ଆବେଦନକୁ ଖାରଜ କରିବା ଏବଂ ମୃତ ଅଧ୍ୟାପକଙ୍କୁ ଅଧ୍ୟକ୍ଷ କରିବା ପରି ଅନେକ ତ୍ରୁଟିପୂର୍ଣ୍ଣ ଓ ବିବାଦୀୟ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଶ୍ରୀ ମିଶ୍ରଙ୍କ ନାମରେ ଓପିଏସ୍‌ସି ପରୀକ୍ଷା ଫଳ ଓ ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତି ବେଳେ ବ୍ୟାପକ ଅନିୟମିତତା କରିଥିବା ଅଭିଯୋଗ ରହିଛି। ଏଣୁ ଏହି ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଦାବି ହୋଇଛି।

## ବିଶ୍ୱବିଦ୍ୟାଳୟରେ ରେସନାଲାଇଜେସନ୍ ଯୁକ୍ତିଯୁକ୍ତ ନୁହେଁ

ଭୁବନେଶ୍ୱର, ୩୦।୬(ସମିସ): ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ପଦ ସଂଗତିକରଣ (ରେସନାଲାଇଜେସନ୍) ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ କହିଛନ୍ତି ଯେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟରେ ଶିକ୍ଷକ ପଦର ସଂଗତିକରଣ କରି ସ୍କୁଲ ବ୍ୟବସ୍ଥା ପ୍ରଚଳନ ପାଇଁ ତରବରରିଆ ନିଷ୍ପତ୍ତି ନେଇଛନ୍ତି। ଏହା ଅନୁଚିତ ଓ ବିଶ୍ୱବିଦ୍ୟାଳୟକୁ ବୋଝ। ମାତ୍ର ଦୁଇ-ତିନିଜଣ କୁଳପତି ଏପରି ପଦକ୍ଷେପ ପାଇଁ ଅତ୍ୟନ୍ତ ଆଗଭର ହୋଇଛନ୍ତି। ଖର୍ଚ୍ଚ କାଟ୍ କରିବା ଆଳରେ ଶିକ୍ଷକମାରଣ ନୀତି ତଥା ଜୋର୍‌ଜବରଦସ୍ତ ନିୟମ ଲଦିଦେବାର ପ୍ରୟାସ ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ନିମ୍ନଗାମୀ କରିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ନିଷ୍ପତ୍ତି ପୂର୍ବରୁ ଶିକ୍ଷକ, ସିନେଟ ଓ ସିଣ୍ଡିକେଟ ସଦସ୍ୟଙ୍କ ସହିତ ଆଲୋଚନା କରିବା ଆବଶ୍ୟକ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଛନ୍ତି। ସଙ୍ଘର ସଭାପତି ପ୍ରଫେସର ଧର୍ମବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଫେସର ମନୋରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

**୧୧ରେ ରାହୁଲଙ୍କ ଓଡ଼ିଶା ଗସ୍ତ**

# ଅନ୍ତରୀଣ ଜିଲ୍ଲା ସଭାପତି ନିଯୁକ୍ତ କଲା କଂଗ୍ରେସ

**■ ୩୨ ସାଂଗଠନିକ ଜିଲ୍ଲାକୁ ମିଳିଲା ସଭାପତି**
**■ ୩ ଜିଲ୍ଲା ଦାୟିତ୍ୱରେ ଷ୍ଟିୟରିଂ କମିଟି**
**■ ଏଆଇସିସି ମୋହର ପରେ ଚୂଡ଼ାନ୍ତ ତାଲିକା**

ଭୁବନେଶ୍ୱର,୩୦।୬(ସମିସ): ରାଜ୍ୟର ୩୨ଟି ସାଙ୍ଗଠନିକ ଜିଲ୍ଲା ପାଇଁ ଅନ୍ତରୀଣ ସଭାପତିଙ୍କ ନାଁ ଘୋଷଣା କରିଛି କଂଗ୍ରେସ। ପିସିସି ସଭାପତି ଏହି ୩୨ଟି ସାଂଗଠନିକ ଜିଲ୍ଲା ପାଇଁ କାର୍ଯ୍ୟକାରୀ ସଭାପତିଙ୍କ ନାଁ ଘୋଷଣା କରିଥିବା ବେଳେ ଅନ୍ତତଃପକ୍ଷେ ଘୋଷିତ ତାଲିକା ଏଆଇସିସିକୁ ପଠାଯାଇଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଆସନ୍ତା ୧୧ତାରିଖରେ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତକୁ ଦୃଷ୍ଟିରେ ରଖି ସମ୍ଭବତଃ ପିସିସି ସଭାପତି ଏହି ତାଲିକା ଘୋଷଣା କରିଥିବା ନେଇ ଚର୍ଚ୍ଚା ହେଉଛି।

ଘୋଷିତ ତାଲିକା ଅନୁଯାୟୀ, ଇଂ ଅମ୍ବିକା ପ୍ରସାଦ ଭଟ୍ଟଙ୍କୁ ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ମିଳିଥିବା ବେଳେ ସଞ୍ଜୀବ ଗିରି ବାଲେଶ୍ୱର, ହରଦୀପ ସିଂ ବରଗଡ଼, ଅସିତ ପଟ୍ଟନାୟକ ଭଦ୍ରକ, ବିଶ୍ୱଜିତ ଦାସ ଭୁବନେଶ୍ୱର, ନବକୁମାର ମିଶ୍ର ବୌଦ୍ଧ, ସୋଫିଆ ଫିରଦୋସ୍ କଟକ ନଗର, ପ୍ରଦୀପ୍ତ କୁମାର ଦାସ କଟକ, ସେମ୍ ହେମ୍ବ୍ରମ ଦେବଗଡ଼, ଛବିରାଜ ବିଶ୍ୱାଳ ଢେଙ୍କାନାଳ, ଦାଶରଥୀ ଗମାଙ୍ଗୋ ଗଜପତି, ଦେବକାନ୍ତ ଶର୍ମା ଗଞ୍ଜାମ (ପୂର୍ବ), ନଟବର ବାରିକ ଜଗତସିଂହପୁର, ମନୋଜ ରାଉତ ଯାଜପୁର, ଜୀବନ ସାର୍ଥକ ଦାସ ଝାରସୁଗୁଡ଼ା, ଜଳଧର ନାୟକ କଳାହାଣ୍ଡି, ଚନ୍ଦ୍ର ପରିଡ଼ା କନ୍ଧମାଳ, ପ୍ରଫୁଲ୍ଲ ଦାସ କେନ୍ଦ୍ରାପଡ଼ା, ସଙ୍ଗୀତା ସିଂହ କେନ୍ଦୁଝର, ରାଜୀବ ପଟ୍ଟନାୟକ ଖୋର୍ଦ୍ଧା, ଶଶିଭୂଷଣ ପାତ୍ର କୋରାପୁଟ, ଶ୍ରୀନିବାସ ରାଓ ମାଲକାନଗିରି, ଅରବିନ୍ଦ ଦାସ ମୟୂରଭଞ୍ଜ(ପୂର୍ବ), ଭୁବନ ବିହାରୀ ସାହୁ ମୟୂରଭଞ୍ଜ (ପଶ୍ଚିମ), ସତ୍ୟବ୍ରତ ନାୟକ ନୟାଗଡ଼, ଘାସିରାମ ମାଝୀ ନୂଆପଡ଼ା, ରାଜେଶ ମିଶ୍ର ପୁରୀ, ଦୁର୍ଗପ୍ରସାଦ ପଣ୍ଡା ରାୟଗଡ଼ା, ଜ୍ଞାନେନ୍ଦ୍ର ଦାସ ରାଉରକେଲା, ଦୁର୍ଗା ପାଢ଼ୀ ସମ୍ବଲପୁର, ବିନୋଦ ପାତ୍ର ସୋନପୁର, ନିର୍ମଳ ନାୟକ ସୁନ୍ଦରଗଡ଼ ଜିଲ୍ଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ନିଯୁକ୍ତ ହୋଇଥିବା ବେଳେ ବଲାଙ୍ଗିର, ଗଞ୍ଜାମ (ପଶ୍ଚିମ) ଓ ନବରଙ୍ଗପୁର ଜିଲ୍ଲାର ସଭାପତି ଭାବେ ଷ୍ଟିୟରିଂ କମିଟି ଦାୟିତ୍ୱ ନିର୍ବାହ କରିବା ନେଇ ପିସିସି ସଭାପତିଙ୍କ ପକ୍ଷରୁ ଜାରି ପ୍ରେସ୍‌ବାର୍ତ୍ତାରେ ସୂଚନା ଦିଆଯାଇଛି।

**ରବି ଧାନ ସଂଗ୍ରହକୁ ନେଇ ବିଜେଡିର ଉଦବେଗ**

# ମଣ୍ଡିରେ ପଡ଼ିଛି ପ୍ରାୟ ଦେଢ଼ ଲକ୍ଷ ଟନ୍ ଧାନ

**■ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ରଖିଲା ତିନି ସୂତ୍ର ଦାବି**
**■ ଟୋକନ ଅବଧି ଆଉ ଏକମାସ ବୃଦ୍ଧି ଲାଗି ପ୍ରସ୍ତାବ**
**■ ସରକାର କିଣନ୍ତୁ ଚାଷୀଙ୍କ ପାଖରେ ଥିବା ବଳକା ଧାନ**

ଭୁବନେଶ୍ୱର,୩୦।୬(ସମିସ): ରବି ଧାନ ସଂଗ୍ରହକୁ ନେଇ ରାଜ୍ୟର ଚାଷୀ ଭାଇମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ସୋମବାର ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଚାଷୀ ମାନଙ୍କୁ ପ୍ରଦାନ କରାଯାଇଥିବା ଟୋକନର ଅବଧି ଆଜି ଅର୍ଥାତ ୩୦ ଜୁନରେ ଶେଷ ହେଉଥିବାବେଳେ ଧାନ କିଣା କାର୍ଯ୍ୟ କିନ୍ତୁ ଶେଷ ହୋଇନାହିଁ। ଏବେବି ବହୁ ଚାଷୀ ନିଜର ଧାନ ବିକ୍ରି କରିପାରି ନାହାନ୍ତି। ତେଣୁ ଟୋକନ ଅବଧିକୁ ଆଉ ଏକ ମାସ ବୃଦ୍ଧି କରାଯାଉ ଓ ଚାଷୀଙ୍କ ପାଖରେ ଥିବା ବଳକା ରବି ଧାନକୁ ସରକାର କିଣନ୍ତୁ ବୋଲି ଦଳ ଦାବି କରିଛି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ରବି ଧାନ କିଣା ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଅବଧି ଆଜି ଶେଷ ହେଉଥିବା ବେଳେ ପ୍ରାୟ ୧,୫୬,୦୨୯ ମେଟ୍ରିକ ଟନ ଧାନ ରାଜ୍ୟର ବିଭିନ୍ନ ମଣ୍ଡିରେ ପଡି ରହିଛି । ଏହି ଧାନ ଉଠିବ କି ନାହିଁ, ସେ ନେଇ ସ୍ୱଚ୍ଛତା ନଥିବା କାରଣରୁ ଚାଷୀ ଭାଇମାନେ ଚିନ୍ତାରେ ଅଛନ୍ତି। ଟୋକନ ମାଧ୍ୟମରେ କିଣାଯାଉଥିବା ଧାନ ଛଡା ଚାଷୀଭାଇ ମାନଙ୍କ ପାଖରେ ବଳକା ଧାନ ରହିଛି, ଏହି ବଳକା ଧାନକୁ କିଣିବା ପାଇଁ ସରକାର ପ୍ରତିଶ୍ରୁତି



ଦେଇଥିଲେ। ମାତ୍ର ଟୋକନ ଧାନ ଉଠିପାରି ନଥିବା ବେଳେ ବଳକା ଧାନର ସ୍ଥିତି କ'ଣ ରହିବ, ସେ ନେଇ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ଜାରି କରାଯାଇନାହିଁ।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଅବଧି ଶେଷ ହେବା ପୂର୍ବରୁ ଟୋକନ ପାଇଥିବା ଚାଷୀଙ୍କ ଆଖି ସ୍କାନ କାମ ଶେଷ ହୋଇଗଲେ ଧାନ ପରେ ଉଠାଯିବ । ମନ୍ତ୍ରୀଙ୍କ ଏହି ବିବୃତ୍ତି ରାଜ୍ୟର ଚାଷୀ ଭାଇ ମାନଙ୍କ ପାଇଁ କିଛିଟା ଆଶ୍ୱସ୍ତି ଆଣିଛି । ସେଥିପାଇଁ ଯୋଗାଣ ମନ୍ତ୍ରୀଙ୍କୁ ଆମେ ସାଧୁବାଦ ଜଣାଉଛୁ; କିନ୍ତୁ ମନ୍ତ୍ରୀଙ୍କ ବିବୃତ୍ତି କେତେଦୂର କାର୍ଯ୍ୟକାରୀ ହେବ ସେନେଇ ଆମର ସନ୍ଦେହ ରହିଛି। କାରଣ ମନ୍ତ୍ରୀଙ୍କ ବିବୃତ୍ତି ଅନୁଯାୟୀ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତୀୟ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ତେଣୁ ରାଜ୍ୟର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଟୋକନ ଅବଧିକୁ ଏକ ମାସ ବୃଦ୍ଧି କରାଯାଉ । ସରକାର ଏଥିନେଇ ବିଧିବଦ୍ଧ ଭାବେ ଏକ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ସଞ୍ଜୟ କହିଛନ୍ତି।

ସେହିପରି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ଧାନ କିଣାରେ କଟନୀ ଛଟନି, ବର୍ଷାରେ ଧାନ ଓଦା ହୋଇଯିବା ଓ ମଣ୍ଡିରେ ଧାନ ପ୍ରଦାନ ପାଇଁ ଅପେକ୍ଷା କରିବାକୁ ପଡୁଥିବା କାରଣରୁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ପାଖରେ ପ୍ରାକ ମୌସୁମୀ ଆଗମନର ସୂଚନା ରହିଥିଲେ ମଧ୍ୟ ଏହାର ମୁକାବିଲା ପାଇଁ କୌଣସି ପ୍ରସ୍ତୁତି ହୋଇନଥିଲା। ଅବଧି ଶେଷ ହେବାକୁ ଆଉ ମାତ୍ର କିଛି ଘଣ୍ଟା ବାକି ଥିଲାବେଳେ ଅନେକ ଚାଷୀଙ୍କ ଧାନ ସଂଗ୍ରହ ହୋଇପାରିନାହିଁ। ଯେଉଁମାନଙ୍କ ଧାନ କିଣା ବାକି ଅଛି, ଯେଉଁ ଧାନ ମଣ୍ଡିରେ ଅପେକ୍ଷାରେ ଥିବା ସମୟରେ ଓଦା ହୋଇଯାଇଛି ଏବଂ ଚାଷୀଙ୍କ ପାଖରେ ଥିବା ବଳକା ଧାନ ସଂଗ୍ରହ ହେବ କି ନହେବ, ସେ ନେଇ କିଛି ସ୍ୱଚ୍ଛତା ନାହିଁ । ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ୩ଟି ଦାବି ରଖାଯାଇଛି । ଚାଷୀଙ୍କ ସ୍ୱାର୍ଥକୁ ସରକାର ଅଣଦେଖା କଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ନାୟକ କହିଛନ୍ତି।

୩୦/୬/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ: ଟ. ୪,୮୫,୭୩୨/-, ସୁନା: ୦୦.୧୦୦ ଗ୍ରାମ୍, ରୁପା: ୧୦.୦୦୦ ଗ୍ରାମ୍

# ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଆନ୍ଦୋଳନ

ବ୍ରହ୍ମଗିରି,୩୦।୬(ସମିସ)

ସୋମବାର ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ବ୍ରହ୍ମଗିରି ବ୍ଲକ୍ ବିଭିନ୍ନ ସୋସାଇଟିର ଚାଷୀମାନେ ମିଳିତ ଭାବରେ ଭିନ୍ନଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିଛନ୍ତି। ପ୍ରଥମେ କିଛି ଚାଷୀ ପୁରୀ-ସାତପଡ଼ା ୩୧୬ ନମ୍ବର ଜାତୀୟ ରାଜପଥ ଜଗନ୍ନାଥ ରୋଡ୍‌ଠାରେ ଧାନ ବସ୍ତା ରଖି ରାସ୍ତାକୁ ଅବରୋଧ କରିଥିଲେ। ତା'ପରେ ବ୍ଲକ୍ ଛକ ନିକଟରେ ଚାଷୀମାନେ ରାଜରାସ୍ତାକୁ ମଧ୍ୟ ଅବରୋଧ କରିଥିଲେ। ଅନ୍ୟ କିଛି ଚାଷୀ ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତାର ରାଏବିଧାର ଛକଠାରେ ରାସ୍ତା ଅବରୋଧ କରିଥିଲେ। ସୋମବାର ବ୍ରହ୍ମଗିରି ବ୍ଲକ୍‌ର ସମଗ୍ର ଚାଷୀକୂଳ ନିଜର ଧାନ ବିକ୍ରୟ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ରାଜ୍ୟ ସରକାରଙ୍କ ତରଫରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଚାଷୀମାନଙ୍କୁ ଦିଆଯାଇଥିବା ଟୋକନ ଆଦି ରହିଥିଲା। ହେଲେ ମିଲରମାନେ ଧାନ ନେବାର ଟାର୍ଗେଟ୍ ନାହିଁ କହି ମଣ୍ଡିକୁ ଆସିଲେ ନାହିଁ। ଯେହେତୁ ଟୋକନ୍ ସୋମବାର ସାରିଯାଉଛି ସେଥିପାଇଁ ଚାଷୀମାନେ ସରକାରଙ୍କ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏପରିକି ଧାନ ନ ଉଠିବା ପର୍ଯ୍ୟନ୍ତ ସମସ୍ତେ ରାଜରାସ୍ତରେ ବସିରହିବେ ବୋଲି ଚାଷୀମାନେ କହିଛନ୍ତି। ଜଗନ୍ନାଥ ରୋଡ୍‌ରେ ବସିଥିବା ଚାଷୀ ପାଖକୁ ଜିଲ୍ଲା ପ୍ରଶାସନ ତରଫରୁ ଉପଜିଲ୍ଲାପାଳ ରାଜକିଶୋର ଜେନା ଆସି ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଅନ୍ୟ ଦୁଇଟି ସ୍ଥାନରେ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀମାନେ ଆସିନାହାନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାଜରାସ୍ତ ଅବରୋଧ ହୋଇ ରହିଛି।

ସେପଟେ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କଲେ। ଏହାକୁ ନେଇ ଚାଷୀମାନେ ବେଶ୍ ଖୁସି ହୋଇ ଯାଇଥିଲେ। ଉତ୍ସାହିତ ହୋଇ ଚାଷ କରିଥିଲେ। ହେଲେ ଏବେ ବିକ୍ରି କରିବାବେଳେ ଦୁର୍ଦ୍ଦଶା ଭୋଗୁଛନ୍ତି। ମଣ୍ଡିରେ ଅନେକ ଅବ୍ୟବସ୍ଥାରେ ଧାନ ରଖିଥିବା ଦେଖିବାକୁ ମିଳୁଛି। ମିଲରମାନେ ଧାନ ଉଠାଉ



ନାହାନ୍ତି। କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ି ରହୁଛି। ଏଭଳି ସ୍ଥିତିରେ ବ୍ରହ୍ମଗିରି ବ୍ଲକ୍‌ରେ କ୍ୱିଣ୍ଟାଲ ପିଛା ୧୦ କେଜି କଟ୍‌ନୀ ଛଟ୍‌ନୀ କରାଯାଉଛି। ଯାହାକୁ ନେଇ ଚାଷୀ ଅସନ୍ତୋଷ ତେଜିବାରେ ଲାଗିଥିଲା। ମିଲ୍‌ରମାନେ ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଗତ ୨୩ ତାରିଖରେ ରାଜ୍ୟ ସରକାରଙ୍କ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବ୍ରହ୍ମଗିରି ଆସିଥିଲେ। ଏଠାରେ ଘୋଷଣା କରିଥିଲେ ଯେ ଖୁବ୍‌ଶୀଘ୍ର ବାହାର ଜିଲ୍ଲାରୁ ୧୭ଟି ମିଲର ଆସି ଧାନ ନେବାପାଇଁ କହିଥିଲେ। ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଚାଷୀମାନେ କହିଛନ୍ତି। ଧାନ ନ ଉଠିବା ପର୍ଯ୍ୟନ୍ତ ଆମ୍ଭେମାନେ ରାଜରାସ୍ତାରୁ ହଟିବୁ ନାହିଁ ବୋଲି ଚାଷୀ ନେତାମାନେ କହିଛନ୍ତି। ଏହି ଆନ୍ଦୋଳନରେ ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ନିର୍ମଳ ଜେନା, ବାଳକୃଷ୍ଣ ପେଣ୍ଟଇ, ଯୁଧିଷ୍ଠିର ନାୟକ, ମେରୁ ପ୍ରଧାନ, ଚକ୍ରଧର ବାରିକି, ଅଖାରି ବାରାଳ, ପ୍ରମୋଦ ପ୍ରଧାନ, ଅକ୍ଷୟ ଜେନା, ପ୍ରତାପ ସାହୁଙ୍କ ସମେତ ଶହ ଶହ ଚାଷୀ ଉପସ୍ଥିତ ଥିଲେ।

## ‘ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ କ୍ଷେତ୍ରରାଜ ଶ୍ରୀଜଗନ୍ନାଥ’ ପୁସ୍ତକ ଲୋକାର୍ପିତ



**ପୁରୀ,୩୦।୬(ସମିସ):** ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ପରିଡ଼ାଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ ‘ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ କ୍ଷେତ୍ରରାଜ ଶ୍ରୀଜଗନ୍ନାଥ’ ରବିବାର ଶରଧାବାଲିରେ ତିନିରଥ ସମ୍ମୁଖରେ ଲୋକାର୍ପିତ ହୋଇଯାଇଛି। ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ପୁସ୍ତକର ପ୍ରଥମ ସଂଖ୍ୟା ସମର୍ପଣ କରାଯାଇଛି। ଶ୍ରୀ ପରିଡ଼ା କହିଛନ୍ତି, ଏହି ଆଧ୍ୟାତ୍ମିକ ପୁସ୍ତକରେ ମହାପ୍ରଭୁଙ୍କ ଦିବ୍ୟଲୀଳା ସ୍ଥାନ ପାଇଛି। ଦାସିଆ ବାଉରୀଙ୍କଠାରୁ ଆରମ୍ଭ କରି ଅନ୍ୟ ଭକ୍ତଙ୍କ ଭକ୍ତିଭାବର ଅନନ୍ୟ ନିଦର୍ଶନର ଅବତାରଣା ଦିଆଯାଇଛି। ମହାପ୍ରଭୁଙ୍କ ବିଭିନ୍ନ ମଣ୍ଡପ, ବାଇଶି ପାହାଚ ମାହାତ୍ମ୍ୟର ଅବତାରଣା ସ୍ଥାନିତ ହୋଇଛି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଏସ୍‌ସିଏସ୍ କଲେଜରର ଅବସରପ୍ରାପ୍ତ ପ୍ରିନ୍ସପାଲ ଡ. ଭଗବାନ ଜୟସିଂହ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଲେଖକ ବଦ୍ରି ମିଶ୍ର, ଡ. ଅଭିମନ୍ୟୁ ଭୂୟାଁ, ଡ. କାର୍ତ୍ତିକ ଦାସ, ଡ. ସରୋଜ ହାତୀ, ବିପିନ ବିହାରୀ ଦଳାଇ, ବିରେନ୍ଦ୍ର ମହାନ୍ତି, ଶ୍ୟାମପ୍ରକାଶ ସେନାପତି, କାହ୍ନୁଚରଣ ପ୍ରଧାନ, ଗୁଣନିଧି ବରାଳ, ଅସୀମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରଥଯାତ୍ରାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ ଓ ପାନୀୟ ବଣ୍ଟନ

**ପୁରୀ,୩୦।୬(ସମିସ):** ରଥଯାତ୍ରା ଅବସରରେ ପୁଲିସ ପ୍ରଶାସନ ସହିତ ହାତ ମିଶାଇ ସେବା କାର୍ଯ୍ୟରେ ‘ନିଖିଳ ଓଡ଼ିଶା ସ୍ୱେଚ୍ଛାସେବୀ ମହାସଂଘ’ ନୟୋଜିତ ହୋଇ ବଡ଼ଶଙ୍ଖଠାରେ ଭକ୍ତମାନଙ୍କର ସେବା କାର୍ଯ୍ୟକ୍ରମ କରିଥିଲେ। ଏହି ସେବା କାର୍ଯ୍ୟକ୍ରମକୁ ମୁଖ୍ୟ ପରିଚାଳକ ଭାବେ ମହାସଂଘର ସଭାପତି ସୁଜାତା ପଶାୟତ ଓ ସମ୍ପାଦକ ଅନ୍ତର୍ଯ୍ୟାମୀ ବରାଳ ପରିଚାଳନା କରିଥିଲେ। ଭିଡ଼ ନିୟନ୍ତ୍ରଣ କରିବା ସହ ଶୃଙ୍ଖଳା ଖାଦ୍ୟ, ପାନୀୟ ବଣ୍ଟନ ଏବଂ ଭକ୍ତଙ୍କ ଦେହ ଅସୁସ୍ଥ ହୋଇ ପଡ଼ିଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ସେବା ଯୋଗାଇ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଜଗା ଚାକର ସଂଘ’ ପକ୍ଷରୁ ରଥଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବିଭିନ୍ନ ସେବା ପ୍ରଦାନ ନିମନ୍ତେ ବଡ଼ଶଙ୍ଖ ନିକଟସ୍ଥ ବାଘଆଖଡ଼ା ମଠରେ ସଂଘର ସମସ୍ତ ଭାଇ-ଭଉଣୀ ଏକତ୍ରିତ ହୋଇଛନ୍ତି। ବିଶେଷ ଭାବେ ରଥଯାତ୍ରା ସମୟରେ ପରିବେଶ ଓ ପରିମଳକୁ ସୁସ୍ଥ ରଖିବା ପାଇଁ ଅନୁଷ୍ଠାନର ଚାକରମାନେ ବଡ଼ଦାଣ୍ଡକୁ ସଫେଇ ମଧ୍ୟ କରୁଛନ୍ତି। ସଂଘର ସଭାପତି ପ୍ରକାଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ଲଳିତ ମୋହନ ସାହୁ, ଉପସଭାପତି ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଦିନତମାମ ଜଳସିଞ୍ଚନ, ଛାୟା ସେବା, ଝାଡୁ ସେବା, ପାନୀୟ ଜଳ ସେବା, ଗୁଆ ଘିଅରେ ପ୍ରସ୍ତୁତ ଖାଦ୍ୟ ବଣ୍ଟନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି। ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନେ ଅନୁଷ୍ଠାନ ସମ୍ମୁଖରେ ଭକ୍ତମାନଙ୍କୁ ପାଣି, ଟାଟା ଗ୍ଲୁକୋଜ୍ ଓ ବିସ୍କୁଟ ବଣ୍ଟନ କରିଥିଲେ। ଏହି ବଣ୍ଟନ ବାଳାଶ୍ରମରେ ଶିଶୁ ମଙ୍ଗଳ ସମିତି, ୟୁନିସେଫ୍, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ। ଶିଶୁମାନେ ବାଣ୍ଟିବାର ପରମ୍ପରାରେ ନିଜକୁ ଅନ୍ତର୍ଭୁକ୍ତ କରିବା ଏକ ଅନନ୍ୟ ଓ ଅଭିନବ ପ୍ରୟାସ ଯାହାଦ୍ୱାରା ଶିଶୁମାନଙ୍କ ସହଭାଗିତା ନିଶ୍ଚିତ ହେବ। ସେମାନଙ୍କ ଜୀବନ କୌଶଳ ଶିକ୍ଷାରେ ଅଭିବୃଦ୍ଧି ହେବା ସହିତ ସାମାଜିକ ଦାୟିତ୍ୱ ନିର୍ବାହର ସୁଯୋଗ ପାଇଛନ୍ତି ବୋଲି ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର କହିଛନ୍ତି। ଏପରି କାର୍ଯ୍ୟକ୍ରମ ଆଗକୁ ବଜାୟ ରଖିବାକୁ ପ୍ରଚେଷ୍ଟା କରାଯିବ ବୋଲି କହିଛନ୍ତି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ।

## ଗଛରେ କାର୍ ଧକ୍କା ହୋଇ ମହିଳା ଆହତ

**ନୟାହାଟ,୩୦।୬(ସମିସ):** ଲିମ୍ବ ଗଛରେ ଏକ କାର୍ ଧକ୍କା ହେବା ଫଳରେ ଏଥିରେ ବସିଥିବା ଜଣେ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଉକ୍ତ କାର୍‌କୁ ଜବତ କରିଛନ୍ତି। ପ୍ରକାଶ ଯେ, ସୋମବାର ସକାଳୁ ନୟାହାଟ ଫାଣ୍ଡି ଅନ୍ତର୍ଗତ ପାଣିଛତ୍ର ଛକଠାରେ ଜଙ୍ଗଲବୋରି ଆର୍‌ଆଇ ଅଫିସ ନିକଟରେ ଥିବା ଏକ ଲିମ୍ବ ଗଛରେ ଭାରସାମ୍ୟ ହରାଇ କାର୍‌ଟି ପିଟି ହୋଇଯାଇଥିଲା।

● ନାବାଳିକାକୁ ଯୌନ ନିର୍ଯାତନା ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

**ପୁରୀ,୩୦।୬(ସମିସ):** ୨୦୨୨ ମସିହାରେ ଚନ୍ଦନପୁର ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ବାଲିପାଟଣାର ଲୁଲୁ ଲାମା (୩୨)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ଅଭିଯୁକ୍ତ ଲୁଲୁ ଜଣେ ନାବାଳିକାକୁ ନିର୍ଯାତନା ଦେଇଥିବା ପୀଡ଼ିତାଙ୍କ ପରିବାର ପକ୍ଷରୁ ୨୦୨୨ ସେପ୍ଟେମ୍ବର ୨୧ରେ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୨୨୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। ସେହିବର୍ଷ ନଭେମ୍ବର ୧୯ ତାରିଖରେ ଏହାର ଚାର୍ଜସିଟ୍ ଦାଖଲ ହୋଇଥିଲା। ତେବେ ସାକ୍ଷୀଙ୍କ ବୟାନକୁ ଆଧାର କରି ବୁଧବାର ଅଦାଲତ ଏହି ରାୟ ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ପୀଡ଼ିତାକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୁହାଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।

● ସବ୍‌ରେଜିଷ୍ଟ୍ରାରଙ୍କ ମନମୁଖି କାର୍ଯ୍ୟ ଓ ଦୁର୍ବ୍ୟବହାର ପ୍ରତିବାଦ

## ମୋହରିରଙ୍କ କଲମଛାଡ଼ ଆନ୍ଦୋଳନ



କୁଣ୍ଢେଇ,୩୦।୬(ସମିସ)

କାକଟପୁର ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଦିନକୁ ଦିନ ସବ୍‌ରେଜିଷ୍ଟ୍ରାରଙ୍କ ମନମୁଖି କାର୍ଯ୍ୟ ଓ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ମୋହରିରମାନେ ସୋମବାରଠାରୁ କଲମଛାଡ଼ ଆନ୍ଦୋଳନରେ ବସିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ, ଗ୍ରାମାଞ୍ଚଳରେ ଥିବା ଚାଷଜମିର ଆଂଶିକ ବିକ୍ରି ଓ ଘରବାରି ବୃତ୍ତି ୫୫୦୦ ବର୍ଗମିଟର ପର୍ଯ୍ୟନ୍ତ ବିନା ଲେ-ଆଉଟ୍‌ରେ ପଞ୍ଜୀକରଣ କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ପୂର୍ବରୁ ଖର୍ଦ୍ଦି କରାଯାଇଥିବା ଦଲିଲ୍‌ରୁ ଦଲିଲ୍ ପଞ୍ଜୀକରଣ କରାଯାଇପାରିବ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏହାକୁ କାକଟପୁର ସବ୍‌ରେଜିଷ୍ଟ୍ରାର ଓଡ଼ିଶା ସରକାରଙ୍କ ଆଇନକୁ ନ ମାନି ୧୦୦ ଡେସିମିଲରୁ କମ୍ ଚାଷଜମି ଓ ୧୩ ଡେସିମିଲ୍‌ରୁ କମ୍ ଜମିର ପଞ୍ଜୀକରଣ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। ପ୍ରତ୍ୟେକ ଦଲିଲ୍ ପୂର୍ବରୁ ସମସ୍ତ କାଗଜପତ୍ର ଯାଞ୍ଚ ନ କରି ରେଜିଷ୍ଟ୍ରି କରିବାକୁ ମୋହରିରମାନଙ୍କୁ ତାଗିଦ୍ କରୁଛନ୍ତି। ଇଜମାଇଲି ଖାତାଭୁକ୍ତ ସମ୍ପତ୍ତିରୁ କୌଣସି ଅଂଶୀଦାର ତାଙ୍କ ଅଂଶ ପୂର୍ବରୁ ବିକ୍ରୟ କରିଥିଲେ ଅନ୍ୟ ଅଂଶୀଦାରକୁ ନିଜ ଅଂଶ ବିକ୍ରୟ କରିବାକୁ ସୁଯୋଗ ଦେଉନାହାନ୍ତି। ଅନେକ ସମୟରେ ନିଜ ପଦର ଅପବ୍ୟବହାର କରି ଦଲିଲ୍‌କୁ ଫେରସ୍ତ କରିବା ସହିତ ଉପରିସ୍ଥ ଅଫିସରଙ୍କ ପାଖକୁ ନେଇଯାଅ ବୋଲି ଧମକ ଦେଉଛନ୍ତି। ସବ୍‌ରେଜିଷ୍ଟ୍ରି ଅଫିସରେ ମୋହରିରମାନଙ୍କର କୌଣସି ଆବଶ୍ୟକତା ନାହିଁ। ସାଧାରଣ ଲୋକମାନଙ୍କୁ ଆସିବାକୁ ଦିଅ ବୋଲି କହି ମୋହରିରମାନଙ୍କୁ ଲାଞ୍ଛିତ ଓ ଅପମାନିତ କରୁଛନ୍ତି। ଉତ୍ତରାଧିକାରୀ ପ୍ରମାଣପତ୍ର ମୁତାବକ ରେଜିଷ୍ଟ୍ରି ସମୟରେ ସମସ୍ତ ସଦସ୍ୟ ଦଲିଲ୍‌ରେ ମଞ୍ଜୁର ଦେବାକୁ ବାଧ୍ୟ କରୁଛନ୍ତି। ଏହିଭଳି ଅନେକ ନିୟମ କାନୁନ୍ ମନଗଢ଼ା ଦର୍ଶାଇ ହଇରାଣ ହରକତ କରାଇବା ଯୋଗୁଁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ଘଟୁଛି। ଏହାକୁ ତୀବ୍ର ବିରୋଧ କରି ମୋହରିରମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମଛାଡ଼ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ଜମି ବିକ୍ରି, ଖର୍ଦ୍ଦିରେ ବ୍ୟାପକ ଅସୁବିଧା ସୃଷ୍ଟି ହଉଛି। ମୋହରିରମାନେ ଉପରିସ୍ଥ ଅଧିକାରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ପତ୍ର ଦେଇ ନିଜ ଜିଦ୍‌ରେ ଆନ୍ଦୋଳନରେ ବସିଛନ୍ତି। ଏହି ଆନ୍ଦୋଳନରେ ସଙ୍ଘ ସଭାପତି ଅମୀୟ କୁମାର ମହାନ୍ତି, ସମ୍ପାଦକ ପ୍ରବୀଣ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ସୁକାନ୍ତ ସେନାପତିଙ୍କ ସମେତ ହେମନ୍ତ ରାଉତ, ସଞ୍ଜୀବ ମହାନ୍ତି ପ୍ରମୁଖ ୧୫ରୁ ଉର୍ଦ୍ଧ୍ୱ ମୋହରିର ସାମିଲ ହୋଇଛନ୍ତି। ତୁରନ୍ତ ପୁରୀ ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ନୟାହାଟରେ ନାହିଁ ଗୋଶାଳା; ରାସ୍ତାରେ ବୁଲୁଛନ୍ତି ଗୋରୁ

**ନୟାହାଟ,୩୦।୬(ସମିସ):** ନୟାହାଟ ଏକ ସମ୍ବେଦନଶୀଳ ଅଞ୍ଚଳ ଏବଂ ବ୍ୟାବସାୟିକ ପେଣ୍ଠସ୍ଥଳୀ ଅଟେ। ଏଠାରେ ବିଭିନ୍ନ ସମୟରେ ବୁଲା ଗାଇଗୋରୁମାନଙ୍କ ପାଇଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ନୟାହାଟ ଅଞ୍ଚଳରେ ଗୋଶାଳା ନ ଥିବାରୁ ନୟାହାଟ ବଜାରରେ ବୁଲାବୁଲି କରିବା ଫଳରେ ବିଶେଷକରି ବାଇକ୍ ଚାଳକ ରାସ୍ତାରେ ଯିବା ସମୟରେ ହଠାତ୍ ଗାଇଗୋରୁ ପଶିଆସିବା ସମୟରେ ଦୁର୍ଘଟଣା ଘଟି ମୃତ୍ୟୁ ମୁଖରେ ପଡ଼ିଥା'ନ୍ତି। କିଛି ଘରୋଇ ଲୋକ ଗୋରୁମାନଙ୍କୁ ନ ବାନ୍ଧି ଓ ଖାଇବାକୁ ନ ଦେଇ ବଜାରକୁ ଛାଡ଼ିଦେବା ଫଳରେ ସେମାନେ ରାସ୍ତା ଉପରେ ବୁଲାବୁଲି କରିବା ଫଳରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ିଥା'ନ୍ତି। କେତେକ ଘରୋଇ ଲୋକ ମାଈ



ବାଛୁରୀ ରଖି ଅଣ୍ଡିରା ବାଛୁରୀ ଛାଡ଼ିଦେବା ଫଳରେ ସେମାନେ ଷଣ୍ଢ ହୋଇ ବଡ଼ ହେବା ପରେ ଲୋକମାନଙ୍କୁ ଶିଙ୍ଗରେ ଆକ୍ରମଣ କରି କ୍ଷତବିକ୍ଷତ କରୁଛନ୍ତି। ନୟାହାଟ ଅଞ୍ଚଳରେ ଗୋଶାଳା ଖୋଲାଗଲେ ଟ୍ରାଫିକ୍ ସମସ୍ୟା କମନ୍ତା ଓ ଲୋକମାନେ ଯା'ଆସ ସୁରୁଖୁରୁରେ ହୋଇପାରନ୍ତା ବୋଲି ସାଧାରଣରେ ଦାବି କରିବା ସହିତ ବିଭିନ୍ନ ରାଜନେତା ମଧ୍ୟ ଦାବି କରିଛନ୍ତି।

## ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

**ପୁରୀ,୩୦।୬(ସମିସ):** ପୁରୀ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ(କେଭି)ରେ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ୩୮ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୧୫୯ ଜଣ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଏହାକୁ ପୁରୀ କେଭି ଅଧ୍ୟକ୍ଷ ବିମ୍‌ଲେଶ କୁମାର ଦୁବେ ଉଦ୍‌ଘାଟନ କରିଛନ୍ତି। ଚେସ୍ ଏକ ବୁଦ୍ଧିର ଖେଳ ହୋଇଥିବାରୁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଉପାଦେୟ ବୋଲି ସେ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଦୁଆରୀ ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତୃପ୍ତିମୟୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ତ୍ରିଲୋଚନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଆସନ୍ତା ବୁଧବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## କନିଷ୍ଠ କିରାଣିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



**ଚାରିଛକ,୩୦।୬(ସମିସ):** ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର କନିଷ୍ଠ କିରାଣି ଶଙ୍ଖଲତା ମିଶ୍ର ସୋମବାର ତାଙ୍କ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାତ ମିଶ୍ର, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ସନାତନ ପାତ୍ର, ସାଂସଦଙ୍କ ନିମାପଡ଼ା ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, କବିରାଜ କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. କେଦାରନାଥ ସାହୁ, ପୂର୍ବତନ ଗ୍ରନ୍ଥାଗାରିକ ପଣ୍ଡିତ ମୂରଲୀଧର ଭାରତୀ ପ୍ରମୁଖ ଯୋଗଦେଇ ତାଙ୍କର ଅବସର ପରବର୍ତ୍ତୀ ଜୀବନ ସୁଖ ଶାନ୍ତିରେ କଟୁ ବୋଲି କାମନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଅଶୋକ ବିଶ୍ୱାଳଙ୍କ ସମେତ ଅବସରପ୍ରାପ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଶ୍ରୀମତୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ। କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ଶ୍ରୀଲେଖା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଶରଧାବାଲି ଦଳାଚକଟା ଘଟଣା

## ପ୍ରଭାତୀ ପରିଡ଼ାଙ୍କ ଗିରଫ ଦାବି

**ପୁରୀ,୩୦।୬(ସମିସ):** ଶରଧାବାଲିରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ଏବଂ ରଥଯାତ୍ରାରେ ବହୁ ଭକ୍ତ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ମହାପ୍ରଭୁଙ୍କ ରଥଯାତ୍ରା ଦେଖିବାକୁ ଆସି ଯଦି ଜୀବନ ଚାଲିଯାଉଛି ତେବେ ସରକାର ଏବଂ ପ୍ରଶାସନ କରୁଛନ୍ତି କ'ଣ। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଥିବାବେଳେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଗିରଫ କରିବା ପାଇଁ ଦାବି କରିଛି ପୁରୀ ଜିଲ୍ଲା ଯୁବ ଆଇନଜୀବୀ ଫୋରମ୍। ଏ ନେଇ ସୋମବାର ଫୋରମ୍ ପକ୍ଷରୁ କୁମ୍ଭାରପଡ଼ା ଥାନାରେ ଏତଲା ଦିଆଯାଇଛି।



ଏଥିରେ ଦର୍ଶାଯାଇଛି ଯେ, ଗତ ୨୭ ତାରିଖ ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଶହ ଶହ ଶ୍ରଦ୍ଧାଳୁଙ୍କ ହାତଗୋଡ଼ ଭାଙ୍ଗିବା ସହିତ ଅନେକ ଅଚେତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଶୁଣିବାକୁ ମିଳିଥିଲା। ପୁନଶ୍ଚ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପ୍ରଶାସନିକ ବ୍ୟବସ୍ଥାର ଅଭାବରୁ ଦଳାଚକଟା ଘଟି ୩ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଲେ। ଅନେକ ଭକ୍ତ ଆହତ ହୋଇ ମେଡିକାଲରେ ଭର୍ତ୍ତି ହେଲେ। ଏହା ପ୍ରଶାସନିକ ଅବହେଳା ଜନିତ ମୃତ୍ୟୁ। ତେଣୁ ରଥଯାତ୍ରା ସୁପରିଚାଳନା ଏବଂ ଶୃଙ୍ଖଳିତ ଲାଗି ସରକାର ଗଠନ କରିଥିବା ମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିରୀହ ଭକ୍ତଙ୍କ ମୃତ୍ୟୁ ପାଇଁ ପ୍ରତ୍ୟକ୍ଷ ଭାବେ ଦାୟୀ। ତେଣୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ। ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଏହି ହତ୍ୟାକାଣ୍ଡରେ ସଂଶ୍ଳିଷ୍ଟ ସମସ୍ତଙ୍କୁ ଗିରଫ କରାଯାଉ ବୋଲି ଏତଲାରେ ଦର୍ଶାଯାଇଛି। ଯୁବ ଆଇନଜୀବୀ ଫୋରମ୍‌ର ଆବାହକ କାଳୀପ୍ରସାଦ ନାୟକ ଏବଂ ସଂଯୋଜକ ଶ୍ରୀକାନ୍ତ ପରିଜା ଏହି ଏତଲା ପ୍ରଦାନ କରିଛନ୍ତି।

# ମା' ଉକୁଳେଇ ପୀଠକୁ ସଂଯୋଗ ରାସ୍ତା ମରଣଯନ୍ତା

ଅସ୍ତରଙ୍ଗ,୩୦।୬(ସମିସ)



ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ର ପ୍ରସିଦ୍ଧ ଠାକୁରାଣୀ ମା' ଉକୁଳେଇଙ୍କ ପୀଠକୁ ସଂଯୋଗ କରୁଥିବା ରାସ୍ତାଟି ଦୀର୍ଘ ଦିନ ଧରି ମରାମତି ଅଭାବରୁ ଖାଲଖମା ସୃଷ୍ଟି ହେବା କାରଣରୁ ବର୍ଷା ପାଣି ଜମି ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ ମା'ଙ୍କ ଦର୍ଶନ ପାଇଁ ଶହ ଶହ ଶ୍ରଦ୍ଧାଳୁ, ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟାପକଙ୍କ ସହିତ କଲେଜ କର୍ମଚାରୀ, ଚାଷୀ ଭାଇମାନେ ଯାତାୟାତ କରିଥା'ନ୍ତି। ଅସ୍ତରଙ୍ଗ ଅଞ୍ଚଳର ୧୫ ଗ୍ରାମ ପଞ୍ଚାୟତକୁ ବିଦ୍ୟୁତ୍ ଯୋଗାଉଥିବା ସରକାରୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ମଧ୍ୟ ରହିଥିବାବେଳେ ବିଦ୍ୟୁତ୍ ଉପଭୋକ୍ତାମାନେ ଏହି ରାସ୍ତା ଦେଇ କାର୍ଯ୍ୟାଳୟକୁ ଯିବାଆସିବା କରିଥା'ନ୍ତି। ଏତଦ୍ ବ୍ୟତୀତ ମା' ଉକୁଳେଇ ଠାକୁରାଣୀଙ୍କ ପୀଠକୁ ପ୍ରତ୍ୟେକ ଦିନ ବହୁ ଦୂରଦୂରାନ୍ତରୁ ଭକ୍ତମାନଙ୍କ ଆଗମନ ହୋଇଥାଏ। ତେବେ ଏହି ରାସ୍ତା ଏବେ ମରାମତି ଅଭାବରୁ ନଷ୍ଟ ହୋଇଯାଇଛି। ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ରାସ୍ତାର ଶୋଚନୀୟ ଅବସ୍ଥା ପାଇଁ ଜରୁରୀ ସମୟରେ ଆମ୍ବୁଲାନ୍ସଟିଏ ଯିବାଆସିବା କରିବା କଷ୍ଟକର। ଅଞ୍ଚଳରେ ଥିବା ଜନବସତିକୁ ପୂର୍ବ ସରପଞ୍ଚଙ୍କ ସମୟରେ ଏକ କଂକ୍ରିଟ ଢଳେଇ ରାସ୍ତା କରାଯାଇଥିଲା; ମାତ୍ର ଏହା ବର୍ତ୍ତମାନ ନଷ୍ଟ ହେଇଗଲାଣି। ଯଦି ତୁରନ୍ତ ମରାମତି କରା ନ ଯାଏ, ତାହେଲେ ୧୫ ପରିବାରଙ୍କ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯିବ।

ଏହି ରାସ୍ତା ଉପରେ ପ୍ରତ୍ୟେକ ଦିନ ଭକ୍ତ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ନିର୍ଭର କରନ୍ତି। ମାତ୍ର ସବୁଠୁ ଦୁଃଖର ବିଷୟ ଯେ, ଅସ୍ତରଙ୍ଗର ଅଧିଷ୍ଠାତ୍ରୀ ଦେବୀଙ୍କ ପୀଠକୁ ଗମନାଗମନ ବ୍ୟବସ୍ଥା ଉପରେ କାହାର ଦୃଷ୍ଟି ପଡୁନାହିଁ। ଏ ବାବଦରେ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରାଙ୍କୁ ପଚାରିବାରୁ, ଏ ସଂକ୍ରାନ୍ତରେ କେନ୍ଦ୍ରାପଟି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରିପୋର୍ଟ ମଗାଯିବ। ଆଉ ଆବଶ୍ୟକସ୍ଥଳେ ଘଟଣାସ୍ଥଳକୁ ଯାଇ ତର୍ଜମା କରିବା ସହ ଯେଉଁ ବିଭାଗ ଅଧୀନରେ ଥିବ ଏହାକୁ ଯେତେଦୂର ସମ୍ଭବ ମରାମତି କରାଯିବ ବୋଲି କହିଛନ୍ତି। ମାତ୍ର ବର୍ତ୍ତମାନ ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ ସମେତ ନିର୍ବାଚିତ ସରପଞ୍ଚଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

## ‘ସେଭ୍ କୋଷ୍ଟାଲ ଲାଇଫ୍’ର ଖାଦ୍ୟ ଓ ସର୍ବତ ବଣ୍ଟନ



**ପୁରୀ,୩୦।୬(ସମିସ):** ପବିତ୍ର ଘୋଷଯାତ୍ରା ଅବସରରେ ସ୍ୱେଚ୍ଛାସେବୀ ସଂଗଠନ ସେଭ୍ କୋଷ୍ଟାଲ ଲାଇଫ୍ ତରଫରୁ ଦୁଇଟି ଜାଗାରେ ଶ୍ରଦ୍ଧାଳୁମାନଙ୍କୁ ସେବା ପ୍ରଦାନ କରାଯାଇଥିଲା। ଗୋଟିଏ ବାଲିଘାଇ ଛକରେ ଓ ଅନ୍ୟଟି ମଙ୍ଗଳାହାଟ ଛକ ନିକଟରେ। ଏହି ଦୁଇଟି ସ୍ଥାନରେ ଭକ୍ତଙ୍କୁ ଖାଦ୍ୟ ଏବଂ ସର୍ବତ ବଣ୍ଟନ କରାଯାଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଭିନ୍ନ ସଂଗଠନ ପୁରୀ ସହର ଏବଂ ଏହା ସଂଲଗ୍ନରେ ସେବା ଦେଉଥିଲେ। ହେଲେ ସେଭ୍ କୋଷ୍ଟାଲ୍ ଲାଇଫ୍ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ସହର ଉପକଣ୍ଠରେ ବ୍ୟବସ୍ଥା କରିଥିଲା। ଏଥିରେ ୨୦୦୦ରୁ ଅଧିକ ଶ୍ରଦ୍ଧାଳୁ ସେବା ପାଇପାରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଆମ ସମ୍ବିଧାନ କେବଳ ଆଇନଜ୍ଞଙ୍କ ଏକ ଦସ୍ତାବେଜ ନୁହେଁ, ଏହା ଭାରତୀୟ ଜନଜୀବନର ବାହକ ଏବଂ ସର୍ବକାଳୀନ ପ୍ରେରଣାର ଉତ୍ସ
-ଡ. ବିଆର ଆମ୍ବେଦକର

## ଜଗନ୍ନାଥ ବୁଝିବେ

ଅନେକ ମାନବକୃତ ତ୍ରୁଟି କାରଣରୁ ଚଳିତ ବର୍ଷ ରଥଯାତ୍ରା ଇତିହାସରେ ଏକ ଅବାଞ୍ଛିତ ଅଧ୍ୟାୟ ଲେଖିହୋଇଗଲା । ସୂର୍ଯ୍ୟାସ୍ତ ପରେ ରଥ ଟଣା ହେବା ପରି ନୀତି ବହିର୍ଭୂତ କାର୍ଯ୍ୟଠାରୁ ଆରମ୍ଭ କରି ନନ୍ଦିଘୋଷ ରଥ ମାତ୍ର ଚକେ ଘୁଞ୍ଚି ରହିଯିବା, ସୁଭଦ୍ରାଙ୍କ ରଥର ଚକ ନ ଗଡ଼ିବା, ନିମନ୍ତ୍ରିତ ସାମ୍ବାଦିକମାନଙ୍କୁ ପୁଲିସ ମାଡ଼ ମାରିବା, ବଡ଼ଦାଣ୍ଡରେ ୭୦୦ରୁ ଊର୍ଦ୍ଧ୍ୱ ଭକ୍ତ ଆହତ ହେବା ଆଦି ଘଟଣାଗୁଡ଼ିକୁ ବଳି ପଡ଼ିଲା ଶରଧାବାଲିରେ ଦଳଚକଟା ଯୋଗୁଁ ତିନିଜଣଙ୍କ ମୃତ୍ୟୁ ଘଟଣା । ସମଗ୍ର ଘଟଣାବଳୀକୁ ଅନୁଧ୍ୟାନ କଲେ ସମନ୍ୱୟରେ ଅଭାବ ସ୍ପଷ୍ଟ ବାରି ହୋଇପଡୁଛି । ରଥଯାତ୍ରାରେ ଯେ ଅତୀତରେ କୌଣସି ଅଘଟଣ ଘଟିନାହିଁ କିମ୍ବା ଭକ୍ତଙ୍କ ଜୀବନ ଯାଇନାହିଁ କିମ୍ବା ରଥ ଟଣା କାର୍ଯ୍ୟ ବିଳମ୍ବ ହୋଇନାହିଁ ତାହା ନୁହେଁ, କିନ୍ତୁ ଅତୀତ ଓ ବର୍ତ୍ତମାନ ମଧ୍ୟରେ ଅନେକ ଫରକ ରହିଛି । ଏବେ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଉଚ୍ଚପଦାଧିକାରୀଙ୍କ ମାଳ ମାଳ ବୈଠକ ବସୁଛି । ଅର୍ଥବଳ ଓ ଲୋକବଳ ପୂର୍ବାପେକ୍ଷା ଯଥେଷ୍ଟ ବଢ଼ିଛି । ଏବେ ପୁଣି ବୈଷୟିକ ଜ୍ଞାନକୌଶଳ ଭିଡ଼ ପରିଚାଳନା ଓ ସମନ୍ୱୟ ରକ୍ଷା କରିବାରେ ଏକ ଆଶୀର୍ବାଦ ରୂପେ ଉଭା ହୋଇଛି । ଏହାସତ୍ତ୍ୱେ ରଥଯାତ୍ରାରେ ଚଳିତ ଥର ଘଟିଥିବା ବିଶୃଙ୍ଖଳା ଆଦୌ କ୍ଷମଣୀୟ ନୁହେଁ ।

ପ୍ରୟାଗରାଜର ମହାକୁମ୍ଭ ମେଳା ଶୈଳୀରେ ଏଥର ଏଆଇ ଜରିଆରେ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ ହେବ ବୋଲି ରାଜ୍ୟ ପ୍ରଶାସନ ଜୋର ଦେଇ କହିଥିଲେ । ଭିଡ଼ ନିୟନ୍ତ୍ରଣ ହେବା ଦୂରେ ଥାଉ ଏଥର ଚରମ ବିଶୃଙ୍ଖଳା ରେକର୍ଡ ସୃଷ୍ଟି କରିଦେଲା । ରଥଯାତ୍ରା ଦିନ ବଡ଼ଦାଣ୍ଡରେ ଏବଂ ଶନିବାର ରାତିରେ ଶରଧାବାଲିରେ ଯେଉଁଭଳି ଦଳଚକଟା ଭଳି ପରିସ୍ଥିତି ସୃଷ୍ଟି ଏବଂ ଜୀବନହାନି ହେଲା ତାହା ସହିତ ପ୍ରୟାଗରାଜ ଦଳଚକଟା ଜନିତ ମୃତ୍ୟୁକୁ ତର୍ଜମା କଲେ ଉଭୟ ରାଜ୍ୟ ସରକାରଙ୍କ ଭିଆଇପି ସଂସ୍କୃତିର ବ୍ୟାକୁଳତା ଜଳଜଳ ଦେଖାଯାଉଛି । ରଥ ମୋଡ଼ ନେବା ଅଭୂତପୂର୍ବ ନୁହେଁ । କିନ୍ତୁ ରାଜନେତା ଅନୁଗୃହୀତ ଭିଆଇପି ସଂସ୍କୃତି ଜନିତ ଭିଡ଼ ହିଁ ରଥ ପରିଚାଳନାରେ ବିଭ୍ରାଟ ଓ ଭିଡ଼ ନିୟନ୍ତ୍ରଣରେ ଜଟିଳତା ସୃଷ୍ଟି କରିଦେଲା । ତିନି ରଥର କର୍ଡନ ଭିତରେ ଓ ବାହାରେ ରେକର୍ଡ ସଂଖ୍ୟକ ପାସ୍‌ଧାରୀ ରହିବାରୁ ରଥ ଆଗକୁ ଗଡ଼ିବାରେ ବାଧା ସୃଷ୍ଟି ହେଲା । ଶରଧାବାଲିରେ ତିନିରଥ ଓ ଗୁଣ୍ଡିଚା ମନ୍ଦିର ଭିତରେ ଯେତିକି ଖାଲିସ୍ଥାନ ରହିବା କଥା ସେଥିରୁ ଅଧିକାଂଶ କର୍ଡନ ଭିତରକୁ ଚାଲି ଆସିଥିବାରୁ ଏବଂ ଶୀଘ୍ର ପହୁଡ଼ ହୋଇଯିବାରୁ ଭକ୍ତମାନେ ଅଣଓସାରିଆ ଜାଗାରେ ଠାକୁରଙ୍କ ପହୁଡ଼ ଖୋଲିବା ସମୟକୁ ଅପେକ୍ଷା କରି ରହିଥିଲେ । ଏହାଭିତରେ ଚାରମାଳ ନେଇ ଟ୍ରକ୍‌ଟିଏ ପଶି ଆସିବାରୁ ଦଳଚକଟାରେ ତିନିଜଣଙ୍କ ପ୍ରାଣ ଗଲା । ଭିଡ଼ ଭିତରେ ଟ୍ରକ୍ ପ୍ରବେଶ ପାଇଁ କିଏ ଅନୁମତି ଦେଲା ତାହା ଭିନ୍ନ ପ୍ରଶ୍ନ । କିନ୍ତୁ ତା'ଠାରୁ ଆହୁରି ବିଡ଼ମ୍ବନା ହେଲା ସେହି ସଂକୀର୍ଣ୍ଣ ପଥରେ ଭକ୍ତଙ୍କ ପ୍ରବେଶ-ପ୍ରସ୍ଥାନ ପାଇଁ ଗୋଟିଏ ମାତ୍ର ରାସ୍ତା ଥିଲା ଏବଂ ସେଥିରୁ ଅର୍ଦ୍ଧେକ ଭିଆଇପିମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାରିକେଡ୍ ଦ୍ୱାରା ଅବରୋଧ ଥିଲା ।

ଚଳିତ ରଥଯାତ୍ରାରେ ରାଜ୍ୟ ସରକାର ଓ ପ୍ରଶାସନର ଭିଆଇପି ସଂସ୍କୃତି ଏତେ ପ୍ରବଳ ଥିଲା ଯେ ତା' ଆଗରେ ଶ୍ରୀଜଗନ୍ନାଥ ସଂସ୍କୃତି ମଧ୍ୟ ବଳି ପଡ଼ିଗଲା । ନନ୍ଦିଘୋଷ ରଥ ବଡ଼ଦାଣ୍ଡରେ ଗଡୁଥିବା ବେଳେ କିଛିଦୂର ଆଗରେ ଛତିଶଗଡ଼ର ଏକ ଇନୋଭା ଗଡୁଥିଲା । ଆଇନ ମନ୍ତ୍ରୀ ଖାଲିପାଦରେ ବଡ଼ଦାଣ୍ଡରେ ଚାଲୁଥିବାର ଖବର ପ୍ରସାରଣରେ ମୁଖର ମୁଖ୍ୟସ୍ରୋତର ଗଣମାଧ୍ୟମର କ୍ୟାମେରା କିନ୍ତୁ ଶ୍ରୀକ୍ଷେତ୍ରରେ ଏଭଳି ଭିଆଇପି ସଂସ୍କୃତିର ଆଧିପତ୍ୟ ଦେଖିବାକୁ ସକ୍ଷମ ହୋଇ ନଥିଲା । ଏ ପ୍ରକାର ଅବ୍ୟବସ୍ଥା ପୁଲିସ ପ୍ରଶାସନର ଆଖିରୁ ଏଡ଼ାଇଗଲା ନା ଚରମ ଦାୟିତ୍ୱହୀନତାର ପ୍ରମାଣ ଛାଡ଼ିଦେଇଗଲା ସେ ବିଷୟରେ ଉଠୁଥିବା ପ୍ରଶ୍ନକୁ ଯଦି ରାଜନୀତିକରଣ କହି ସରକାର ଦାୟିତ୍ୱ ଖସାଇବାକୁ ଚାହିଁବେ ତେବେ ତାଙ୍କ କଥା କେବଳ ଜଗନ୍ନାଥ ହିଁ ବୁଝିବେ । ପୂର୍ବଦିନର ଭିଡ଼ଜନିତ ବିଶୃଙ୍ଖଳା ସତ୍ତ୍ୱେ ଶରଧାବାଲିରେ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅବହେଳା କରିଥିଲେ ଏବଂ ସରକାର ସେ ବିଷୟରେ ଜାଣିବାକୁ ଇଚ୍ଛା ମଧ୍ୟ କଲେ ନାହିଁ । ଅଘଟଣ ଘଟିବା ପରେ ଲୋକଙ୍କ ସରକାର ବୋଲି କହୁଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଯେପରି ସୁରକ୍ଷା ବ୍ୟବସ୍ଥା ବଢ଼ିଲା କିମ୍ବା ଜନୈକ ଶିଳ୍ପପତିଙ୍କ ପରିବାର କିପରି ରଥସ୍ପର୍ଶ କରିବେ ସେ ଦିଗରେ ପୁଲିସ୍ ପ୍ରଶାସନ ଯେତେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିଥିଲା, ତାହାର କାଣିଚିଏ ଯଦି ଶରଧାବାଲିରେ ଦେଖିବାକୁ ମିଳିଥା'ନ୍ତା ତେବେ ଏଭଳି ଅଘଟଣ ଘଟି ନଥା'ନ୍ତା ।

ନୂଆ କରି ଶାସନ ଗାଦିରେ ବସିଥିବା ବିଜେପି ସରକାର କେବଳ ଦଳୀୟ ପ୍ରଚାର ସର୍ବସ୍ୱ ସଭା ସମିତିରେ ଏତେ ମାତିଲେ ଯେ ବର୍ଷେ ପୂରିଯାଇଥିଲେ ମଧ୍ୟ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ଅଣଦେଖା ହୋଇରହିଗଲା । 'ଦାନା' ବାତ୍ୟା ପରିଚାଳନାରେ ତ୍ରୁଟି ଓ ସମନ୍ୱୟର ଅଭାବ ସରକାରଙ୍କ ଅନଭିଜ୍ଞତାକୁ କିଛି ପରିମାଣରେ ଦର୍ଶାଇଥିଲା । ଗତବର୍ଷ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି ବେଳେ ଚାରମାଳ ଉପରେ ବଡ଼ଠାକୁର ବଳଭଦ୍ର ପଡ଼ିଯିବା ଘଟଣାକୁ ମଧ୍ୟ ରାଜ୍ୟବାସୀ ନୂଆ ସରକାର କହି କ୍ଷମା କରିଦେଲେ । ମଣିଷମାତ୍ରକେ ତ୍ରୁଟି ହେବା ସ୍ୱାଭାବିକ । କିନ୍ତୁ ତ୍ରୁଟି କିଭଳି ପୁନରାବୃତ୍ତି ନ ହେବ ତାହା ହିଁ ବିଶେଷ ମହତ୍ତ୍ୱ ରଖେ । ଗତଥର ରଥଯାତ୍ରାରେ ଅଘଟଣ ପରେ ସରକାର ଯଦି ତ୍ରୁଟି ସୁଧାରିବାରେ ଗୁରୁତ୍ୱ ଦେଇଥା'ନ୍ତେ ତେବେ ଚଳିତ ଥର ଅଘଟଣ ଗତବର୍ଷଠାରୁ ଟପି ଯାଇନ ଥା'ନ୍ତା । କିନ୍ତୁ ସରକାରଙ୍କ ଖାମ୍‌ଖିଆଲି ସ୍ୱଭାବରୁ ସେବକମାନଙ୍କ ଭିତରେ ସମନ୍ୱୟ ରକ୍ଷା କରୁଥିବା ପରିଚାଳନା କମିଟିର ପୁନର୍ଗଠନ ହେଲାନାହିଁ, ଯାହାର ପ୍ରତିଫଳନ ଏଥର ରଥଯାତ୍ରାରେ ଘଟିଲା । ବଳଭଦ୍ର ପଡ଼ିଯିବା ଘଟଣାରେ ତଦନ୍ତ ରିପୋର୍ଟରେ କ'ଣ ଥିଲା, କ'ଣ କାର୍ଯ୍ୟାନୁଷ୍ଠାନ ହେଲା ତାହା ଧର୍ମକୁ ଆଖିଠାର ହୋଇ ରହିଗଲା । ଦୀଘାକୁ ପୁରୀ ଶ୍ରୀମନ୍ଦିରରୁ ଦାରୁ ଚୋରାଚାଲାଣ ଅଭିଯୋଗର ବିଚାର କରି ସରକାର 'ସାପ ମରିବନି କି ବାଡ଼ି ଭାଙ୍ଗିବନି' ଭଳି ପଦକ୍ଷେପ ନେଲେ । ଅଣସର ନୀତିର ମୋଦକ ଚୋରି ହୋଇ ମାରା ମୋଦକ ପୂଜା ହେବା ଘଟଣାରେ ସରକାର ପୁଣି ଥରେ ନିରବଦ୍ରଷ୍ଟା ସାଜିଲେ । ଏହିସବୁ ଉଦାହରଣକୁ ନେଲେ ସଦ୍ୟତମ ଅଘଟଣର ତଦନ୍ତ ମଧ୍ୟ କୁଆଡ଼େ ଯିବ ତାହା ଅନୁମାନ କରିହେଉଛି ।

ମାନବକୃତ ଅପରାଗତା, ଦାୟିତ୍ୱରେ ଅବହେଳା, ନିଷ୍ପତ୍ତିଗତ ତ୍ରୁଟି ଆଦିକୁ ଈଶ୍ୱରଙ୍କ ଇଚ୍ଛା ବା ଭଗବାନଙ୍କ ଲୀଳା କହି ଅଣଦେଖା କରିଚାଲିଲେ, ତାହା ଈଶ୍ୱରଙ୍କ ଦରବାରରେ ଦୋଷ ହେଉ କି ନ ହେଉ ଇତିହାସ କେବେ କ୍ଷମା ଦେବ ନାହିଁ । ତ୍ରୁଟି ଯେଉଁଠି ଏବଂ ଯାହାର ଥାଉ ନା କାହିଁକି ବ୍ୟବସ୍ଥାର ସର୍ବୋଚ୍ଚ ସ୍ଥାନରେ ଥିବା ବ୍ୟକ୍ତି ଯଦି ତାହାର ଉତ୍ତରଦାୟିତ୍ୱ ନ ନିଅନ୍ତି ତେବେ ତାହା ଅକ୍ଷମଣୀୟ ପଦବାଚ୍ୟ ନିଶ୍ଚୟ । ପୁରୀ ଶ୍ରୀକ୍ଷେତ୍ରରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପରିଚାଳନାଗତ ତ୍ରୁଟିରୁ ଯେଉଁଭଳି ଭାବେ ଅଘଟଣମାନ ଘଟିଚାଲିଲା ତାହା କେବଳ ଅକ୍ଷୟମଣୀୟ ନୁହେଁ, ଐତିହାସିକ ତ୍ରୁଟି ପଦବାଚ୍ୟ । ଚଳିତ ବର୍ଷ ରଥଯାତ୍ରା ସ୍ମରଣୀୟ ଓ ଦିବ୍ୟ ଅନୁଭବ ସମ୍ପନ୍ନ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । କିନ୍ତୁ ଦେଖଣାହାରୀଙ୍କ ଅନୁଭବ ତ ଦିବ୍ୟ ହେଲା ନାହିଁ, ଅଘଟଣ ଓ ଅପରାଗତା ପାଇଁ କାଳଖଣ୍ଡରେ ସ୍ମରଣୀୟ ହୋଇ ରହିଯିବ । ଏବେ ଓଡ଼ିଶାବାସୀଙ୍କ ଅନ୍ତଃସ୍ୱରର ଗୁଞ୍ଜନ ଶୁଭୁଛି - ଜଗନ୍ନାଥ ବୁଝିବେ!

# ଏଆଇର ଦୁର୍ଦ୍ଦମନୀୟ ଅବତାର

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ)ର ସମ୍ଭାବ୍ୟ ଭଲ ଓ ମନ୍ଦ ଦିଗ ତଥା ପ୍ରଭାବକୁ ନେଇ ଏ ଗଲା ପାଞ୍ଚବର୍ଷ ଭିତରେ ଭିନ୍ନ ଭିନ୍ନ ମଞ୍ଚରେ ନାନା ମୁନିଙ୍କର ନାନାମତ ଆମେ ଶୁଣି ସାରିଛେ । ସେଥିପାଇଁ ଅନେକଙ୍କୁ ସେମିତି କିଛି ମତମତାନ୍ତରର ପୁନଃ ଉଲ୍ଲେଖ ହୁଏତ ଅନାବଶ୍ୟକ ମନେ ହୋଇପାରେ । ମାତ୍ର ପାରମ୍ପରିକ ପର୍ଯ୍ୟାୟକୁ ଇତିମଧ୍ୟରେ ଉନ୍ନୀତ ହୋଇସାରିଥିବା ଏଇଆଇ ନୁହେଁ, ଆଗକୁ ଆସୁଥିବା ଏଜିଆଇ (ଆର୍ଟିଫିସିଆଲ୍ ଜେନେରାଲ୍ ଇଣ୍ଟେଲିଜେନସ୍)କୁ ନେଇ କମ୍ପ୍ୟୁଟର ବୈଜ୍ଞାନିକ ଲୁଇସ୍ ରୋଜେନ୍‌ବର୍ଗ ନିକଟରେ ଯେଉଁ ଭୟାନକ ଭବିଷ୍ୟବାଣୀ କରିଛନ୍ତି, ସେ ସମ୍ପର୍କରେ ପ୍ରତ୍ୟେକ ସଚେତନ ପାଠକ/ପାଠିକାଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନିତାନ୍ତ ଆବଶ୍ୟକ ।

ଏ ପର୍ଯ୍ୟନ୍ତ ଆମେ ଯେଉଁ ଏଆଇ ସହିତ ଅଳ୍ପବହୁତେ ପରିଚିତ ହୋଇସାରିଛେ ଏବଂ ଭିନ୍ନ ଭିନ୍ନ କ୍ଷେତ୍ରରେ ଯା'ର ଅନୁପ୍ରବେଶ ଯୋଗୁଁ ନାନାପ୍ରକାର ବିଭ୍ରାଟ ସୃଷ୍ଟି ହେବାର ନିଶ୍ଚିତ ଆଶଙ୍କା ଅଛି ବୋଲି ଜାଣିସାରିଛେ, ତାହା ମୋଟାମୋଟି ଭାବରେ ଯାନ୍ତ୍ରିକ ସ୍ତରର । ଅର୍ଥାତ୍, ବର୍ତ୍ତମାନର ଏଆଇ ବଟ୍‌ଗୁଡ଼ିକ ମାନବିକ ଶ୍ରମ, ତାହା ଶାରୀରିକ ହେଉ ବା କିଛିମାତ୍ରାରେ ବୌଦ୍ଧିକ ହେଉ, ଲାଘବ କରୁଥିବା 'ଟୁଲ' ପର୍ଯ୍ୟାୟର । ମାତ୍ର ଆର୍ଟିଫିସିଆଲ୍ ଜେନେରାଲ୍ ଇଣ୍ଟେଲିଜେନସ୍ 'ଟୁଲ୍' ନୁହେଁ । ତାହା 'ସେଣ୍ଟିଏଣ୍ଟ' ବା 'ଚେତନାଯୁକ୍ତ' । ଚେତନଶୀଳ ମଣିଷର ସ୍ଥାନ ଚେତନଶୀଳ ରୋବଟ୍ ନେଇଯିବା ପରେ ଯେଉଁ ବିପର୍ଯ୍ୟୟ ସୃଷ୍ଟିହେବ, ସେ ସମ୍ପର୍କରେ ହିଁ ଆମକୁ ସତର୍କ କରିଦେଇଛନ୍ତି ବୈଜ୍ଞାନିକ ରୋଜେନବର୍ଗ ।

ବର୍ତ୍ତମାନ ଯେଉଁ ଏଆଇ ବଟମାନଙ୍କର ଚମତ୍କାରିତା ଦେଖି ଆମେ ବିସ୍ମିତ ଏବଂ ଅନେକ ସମୟରେ ଏକପ୍ରକାର ହତଭମ୍ବ ହୋଇଯାଉଛେ, ସେସବୁ ପ୍ରଥମ ପିଢ଼ି ବା ଖୁବ୍ ବେଶୀରେ ତୃତୀୟ ପିଢ଼ିର ଏଆଇ ବଟ୍ । କିନ୍ତୁ ସାଧାରଣ ଚେତନାଯୁକ୍ତ ଏଜିଆଇ (ଆର୍ଟିଫିସିଆଲ ଜେନେରାଲ୍ ଇଣ୍ଟେଲିଜେନସ୍) ସେହି ସମସ୍ତ କାର୍ଯ୍ୟ ଅନାୟାସରେ କରିଦେଇପାରିବ, ଯେଉଁଥିପାଇଁ ଲୋଡ଼ା ପଡ଼ିଥାଏ ଗଭୀର ଚିନ୍ତନ ଏବଂ ସୂକ୍ଷ୍ମ ବିଶ୍ଳେଷଣାତ୍ମକ କ୍ଷମତା । ଯେଉଁ କ୍ଷମତାଟିକୁ ଆମେ କେବଳ ମାନବିକ କ୍ଷମତା ବୋଲି ଜାଣିଥିଲେ, ସେଇଟି ଏଣିକି ହସ୍ତାନ୍ତର ହୋଇଯିବ ଏଜିଆଇ ବଟ୍‌ମାନଙ୍କ ପାଖକୁ । ଆମେ ଏ ପର୍ଯ୍ୟନ୍ତ ଗୋଟିଏ କଥା ଭାବି ବିବ୍ରତ ହେଉଥିଲେ ଯେ ଏଆଇ ଏବେ ଯେପରି ଭାବରେ ପ୍ରତ୍ୟେକଟି ପ୍ରାଦ୍ୟୋଗିକ ଓ ନିର୍ମାଣ କ୍ଷେତ୍ରମାନଙ୍କରେ କ୍ରମାଗତ ଭାବରେ ଅନୁପ୍ରବେଶ କରି ମାନବିକ ଶ୍ରମ ଏବଂ ମାନବିକ ମେଧାର ଆବଶ୍ୟକତାକୁ ହ୍ରାସ କରି ଚାଲିଛି, ତାହା ନିଶ୍ଚୟ ସାମାଜିକ ବିଶୃଙ୍ଖଳା, ଅରାଜକତା ଓ ବ୍ୟାପକ ଦାରିଦ୍ର୍ୟର କାରଣ ହେବ । କିନ୍ତୁ ଏଜିଆଇ ବା ଚେତନାଯୁକ୍ତ କୃତ୍ରିମ ବୁଦ୍ଧିମତ୍ତା ଯେହେତୁ ସମସ୍ତ ପ୍ରକାର ବୌଦ୍ଧିକ କାର୍ଯ୍ୟ ମଣିଷଠାରୁ କାହିଁକି କେତେଗୁଣ ଅଧିକ କ୍ଷିପ୍ରତାର ସହ କରିଦେବ, ମାନବିକ ମେଧା, ମାନବିକ ଚିନ୍ତନ ଅଲୋଡ଼ା ହୋଇଯିବ ଏବଂ ଫଳସ୍ୱରୂପ, ମଣିଷ ଘୋର ଅସ୍ତିତ୍ୱଗତ ସଂକଟ ଓ ପରିଚୟ ସଂକଟର ସମ୍ମୁଖୀନ ହେବ, ଯାହାର ପରିଣାମ ଭୟାବହ ହେବ ନିଶ୍ଚୟ ।

କଗ୍‌ନିଟିଭ୍ ଆବିଲିଟିଜ୍ (ସଂଜ୍ଞାନାତ୍ମକ କ୍ଷମତା), ସରଳ ଭାବରେ କହିଲେ ଯାହା ହେଉଛି ଚିନ୍ତନ ବା ଅବବୋଧ କ୍ଷମତା, ଯାହା ଉପରେ ମଣିଷର ଏକଚାଟିଆ ଅଧିକାର ଥିଲା ଏବଂ ଯେଉଁଥିପାଇଁ ସେ ଆପଣାର ସ୍ୱାତନ୍ତ୍ର୍ୟ ଜାହିର କରୁଥିଲା, ସେଇଟି ଏଣିକି ଏଜିଆଇର ଅଧିକାର ହୋଇଯିବ । ଦାର୍ଶନିକ ଡେକାର୍ଟ କହିଥିବା ପରି ମଣିଷ ତା'ର ଅସ୍ତିତ୍ୱର ସ୍ପଷ୍ଟ ଆଭାସ ଏବଂ ତା'ର ଆତ୍ମପରିଚୟ ପାଉଥିଲା ତା'ର ଏଇ ଚିନ୍ତନ କ୍ଷମତା ଯୋଗୁଁ । କିନ୍ତୁ ଯେତେବେଳେ ଏଜିଆଇ ମଣିଷ ପାଖରୁ ତା'ର ଏଇ ସାର କ୍ଷମତାଟିକୁ ନେଇଯିବ, ମଣିଷ ଭୁଲିଯିବ ସେ ପ୍ରକୃତରେ କ'ଣ, କ'ଣ ତା'ର ପରିଚୟ, କ'ଣ ତା'ର ଅସ୍ତିତ୍ୱର ସ୍ୱରୂପ । କି ମହାବିଭ୍ରାଟ ସୃଷ୍ଟି ନ ହେବ ଭାବନ୍ତୁ ତ! ମଣିଷ ଆଉ ତା'ର ମସ୍ତିଷ୍କ ବ୍ୟବହାର କରିବ ନାହିଁ କି ତା' ପାଇଁ ତା'ର ମସ୍ତିଷ୍କର ଆବଶ୍ୟକତା କିଛି ରହିବ ନାହିଁ । ଏଜିଆଇ ବଟ୍ ବାପୁଡ଼ାମାନେ ଛାଇ ହୋଇଯାଇଥିବେ ତା' ଆଖପାଖରେ, ଏପରିକି ତା' ଦେହରେ । ମସ୍ତିଷ୍କରେ ତା'ର ଖଞ୍ଜା ହୋଇଯାଇଥିବ ଏଜିଆଇ ଚିପସ୍; ତା'ର ଚର୍ମଚକ୍ଷୁ ଯାହା ଦେଖିପାରୁ ନ ଥିଲା, ତା'କର୍ଣ୍ଣ ଗହ୍ୱରରେ ଯେଉଁ ଫ୍ରିକ୍ୱେନ୍‌ସି (ଆବୃତି)ର ଶବ୍ଦତରଙ୍ଗ ଧରାପଡୁନଥିଲା, ତା'ନାସିକା ଯେଉଁ ଗନ୍ଧ ବାରିପାରୁ ନ ଥିଲା, ସେ ସବୁ ଅବଲୀଳାକ୍ରମେ ସହଜ ଆୟତ୍ତାଧୀନ ହୋଇଯିବ କୃତ୍ରିମ ସାଧାରଣ ବୁଦ୍ଧିମତ୍ତାଯୁକ୍ତ ନାନୋ ଆକାରର ବଟ୍ ଓ ଚିପସ୍‌ମାନଙ୍କର । ମଣିଷ ଏଣିକି ଘୋର ହୀନମନ୍ୟତାରେ ଘାରି ହେବ; କାରଣ ସେ ଜାଣିବ ଯେ ଯାହା ହେଉଛି, ଯାହା ଆବିଷ୍କାର, ଉଦ୍‌ଭାବିତ ହେଉଛି, ଏପରିକି ଯାହା ସେ ନିଜେ କଳ୍ପନା କରୁଛି ବୋଲି ଭାବୁଛି, ସେ ସବୁ ସିଏ କରୁନି, କରୁଛନ୍ତି ଏଜିଆଇ ବଟ୍ ଓ ଚିପ୍‌ସମାନେ । ଧରନ୍ତୁ -ଦୀର୍ଘଦିନର ବିରହ ବେଦନାରେ ପୀଡ଼ିତ ପ୍ରେମିକ ତା'ର ପ୍ରେମିକାର ପ୍ରେମପଖଳା ପ୍ରେମପତ୍ରଟିଏ ପାଇବ ଡିଜିଟାଲ୍ କାଗଜ ହ୍ୱାଟସ୍‌ଆପ୍‌ରେ, ଯାହାକୁ ପଢ଼ି ବିରହଜ୍ୱାଳାକୁ ସିଏ ଟିକିଏ ଶୀତଳ ବା ପ୍ରଶମିତ କରିବାକୁ ଯାଉଥିବା ବେଳେ ସେପଟୁ ପ୍ରେମିକା ଫୋନ୍ କରି କହିବ, 'ପଢ଼ିଲ ଲେଖାଟି ! ସେଇଟି ମୋ ଆଙ୍ଗୁଠିରେ ଖଞ୍ଜା ହୋଇଥିବା ଏଜିଆଇ ଚିପସର' । ଏମିତି ନିକଟ ଭବିଷ୍ୟତରେ ମାନବୀୟ ପ୍ରେମ, ଶ୍ରଦ୍ଧା, କରୁଣା, ଦରଦ ଓ ସମବେଦନା ସବୁକିଛି ଆଉ ଜମା ମାନବୀୟ ନୁହେଁ; ମାନବର ମନ, ହୃଦୟ ବା ସହଜାତ ଜ୍ଞାନ ଆଉ ଜମା ମାନବୀୟ ନୁହେଁ ବୋଲି ଯେତେବେଳେ ଜଣାପଡ଼ିଯିବ, ସେତେବେଳେ ଆଉ କେଉଁଠି, ଆଉ କେଉଁଥିରେ ମଣିଷ ଖୋଜିପାଇବ ନିଜକୁ? କଳା, ସାହିତ୍ୟ, ଧର୍ମଦର୍ଶନ ପରି ନିଛକ ସୃଜନଶୀଳ କ୍ଷେତ୍ରମାନଙ୍କରେ ଯେତେବେଳେ ଏଜିଆଇ ପ୍ରସ୍ତୁତ ଅଭିନବ ଫର୍ଦ୍ଦସବୁ ଯୋଡ଼ା ହୋଇ ଚାଲିବ, ସେତେବେଳେ ମଣିଷ ପାଇଁ ଆଉ କ'ଣ ବା ରହିବ କରଣୀୟ ବା ବରଣୀୟ?

ବିଡ଼ମ୍ବନାଟି ହେଉଛି, ଲୁଇସ୍ ରୋଜେନବର୍ଗ କେବଳ ନୁହନ୍ତି, 'ସାପିଏନ୍‌ସ୍'ର ଲେଖକ ୟୁଭାଲ ହାରାରି, ଏଆଇର ଅନ୍ୟତମ ଆଦ୍ୟ ନିର୍ମାତା ଜିଓଫ୍ରେ ହିଂଟନ୍ ଏବଂ ସେମାନଙ୍କ ସମଧର୍ମା ମାନବପ୍ରେମୀ ବିଜ୍ଞାନୀମାନେ ପ୍ରତ୍ୟେକ ନିକଟ ଭବିଷ୍ୟତରେ 'ଏଜିଆଇ' ମାନବ ଜୀବନ ଓ ମାନବ ସଭ୍ୟତା ପ୍ରତି ମହାବିପଦ ସୃଷ୍ଟି କରିବାର ଆଶଙ୍କା ସଂପର୍କରେ ବାରମ୍ବାର ଅଚ୍ୟୁତବାଣୀ ଶୁଣାଇ ଚାଲିଥିଲେ ବି ସାମ୍ ଅଲ୍‌ଟାମାନମାନଙ୍କ ପରି ଧୃତରାଷ୍ଟ୍ରୀୟ ଚେତନାର ବ୍ୟକ୍ତିମାନେ ଏଆଇ ଓ ଆଗକୁ ଆସୁଥିବା ଏଜିଆଇ ସର୍ବତୋଭାବେ ମାନବ କଲ୍ୟାଣକାମୀ ବୋଲି କହି ଆମକୁ ଭ୍ରମିତ କରିଚାଲିଛନ୍ତି ।

ପାଠକେ! ଡାରଓ୍ୱିନ୍ ଜଣାଇଥିଲେ ଯେ ଶ୍ରେଷ୍ଠତମ ପ୍ରାଣୀ ମଣିଷକୁ ଏ ଧରାପୃଷ୍ଠକୁ ଆଣିବା ପାଇଁ 'ପ୍ରକୃତି' କୋଟି କୋଟି ବର୍ଷର ନିରବଚ୍ଛିନ୍ନ ସାଧନା କରିଥିଲା; ତା'ର ଗବେଷଣାଗାରରେ ଗୋଟିଏ ମାଙ୍କଡ଼କୁ ନେଇ ଅପରିମିତ ପରୀକ୍ଷାନିରୀକ୍ଷା କରିବା ପରେ ଶେଷରେ ସେ ଆଣିପାରିଥିଲା ମଣିଷକୁ । କିନ୍ତୁ ଏଇମାତ୍ର ହାତଗଣତି କେତୋଟି ବର୍ଷ ଭିତରେ କୃତ୍ରିମ ବୁଦ୍ଧିମତ୍ତାର ଗବେଷଣାଗାରରୁ ଆସିସାରିଲାଣି ଗୋଟିଏ ପରେ ଗୋଟିଏ ଏଆଇ ବଟ୍ -ପ୍ରତ୍ୟେକ ତା'ର ପୂର୍ବ ଅବତାରଠାରୁ ଅଧିକ ଶକ୍ତିଶାଳୀ ଓ ଅଧିକ ଦକ୍ଷତାଯୁକ୍ତ ହୋଇ । ଏଣିକି ଆସିଯିବ ଅମିତକ୍ଷମତାସମ୍ପନ୍ନ ଚେତନଶୀଳ ଏଆଇ ବଟ୍ ।

ରୋଜେନବର୍ଗ, ହାରାରି ଓ ଅନ୍ୟମାନଙ୍କ ସତର୍କବାଣୀ ଶୁଣିବା ପରେ ମନେ ପଡ଼ିଯାଏ ଇଂରେଜୀ କବି ଇୟେଟ୍‌ସଙ୍କ 'ଦି ସେକେଣ୍ଡ କମିଂ' କବିତାର ଏଇ କେତୋଟି ପଙ୍କ୍ତି: 'ସିଓର୍‌ଲି ସମ୍ ରେଭିଲେସନ୍ ଇଜ୍ ଆଟ୍ ହ୍ୟାଣ୍ଡ/ ସିଓର୍‌ଲି ଦି ସେକେଣ୍ଡ କମିଂ ଇଜ୍ ଆଟ୍ ହ୍ୟାଣ୍ଡ' । 'ଦ୍ୱିତୀୟ ଅବତାର' ଏକ ଅବତରି ଆସୁଥିବା ନିଶ୍ଚିତ ବୋଲି କହିବା ପରେ କବି ସେହି କବିତାର ଶେଷ ଚାରୋଟି ପଙ୍କ୍ତିରେ ଯାହା କହିଛନ୍ତି ତା'ର ଓଡ଼ିଆ ମର୍ମାନୁବାଦଟି ଏହିପରି ହୋଇପାରେ: କୋଡ଼ିଏଟି ଶତାବ୍ଦୀ ଧରି ମଣିଷ ଶୋଇଥିଲା କୁମ୍ଭକର୍ଣ୍ଣୀ ନିଦ୍ରାରେ / ଏବେ କିନ୍ତୁ ଭୟ ଓ ଆତଙ୍କରେ ଥରି ଥରି ଉଠି ପଡୁଛି ସେ । କାରଣ ସେ ଦେଖୁଛି ଦୁଃସ୍ୱପ୍ନ ଏକ / ଦାନବାକୃତି ଜନ୍ତୁଟିଏ ଅଜଗର ସମ / ଭିଡ଼ିମୋଡ଼ି ହୋଇ ମାଡ଼ିଆସେ / ଲକ୍ଷ୍ୟ ତା'ର ମଥୁରାର କଂସ ବନ୍ଦୀଶାଳା / ଯେଉଁଠି ସେ ଜନ୍ମ ନେବ ନରସିଂହ ରୂପେ / ନିରନ୍ଧ୍ର ଅନ୍ଧାର ଭିତରେ । କବି ଇୟେଟସ୍ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଏ କବିତାଟି ଲେଖି ଦୁର୍ଦ୍ଦମନୀୟ ଦ୍ୱିତୀୟ ଅବତାର ଏକ ଧରାପୃଷ୍ଠକୁ ଓହ୍ଲାଇବାର ଉପକ୍ରମ କରୁଛି ବୋଲି ଆଶଙ୍କା କରିଥିଲେ । ଲାଗୁଛି, ଏ ଏକବିଂଶ ଶତାବ୍ଦୀର ଏହି 'ଏଜିଆଇ' ହେଉଛି ସେମିତି ଏକ ଦୁର୍ଦ୍ଦମନୀୟ ଅବତାର, ଯାହା ମାନବସଭ୍ୟତା ବିଧ୍ୱଂସକ ହିଁ ହେବ ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୬୦୭

# ବିଜ୍ଞତା ବନାମ କାର୍ଯ୍ୟାନ୍ୱୟନ

**ସରୋଜ କାନ୍ତ ଚୌଧୁରୀ**

କୌଣସି ବିଷୟରେ ଜାଣିବା ବା ଜ୍ଞାନ ଆହରଣ କରିବା ସହଜ ହୋଇପାରେ, କିନ୍ତୁ ସେଇ ଜ୍ଞାନକୁ କାର୍ଯ୍ୟରେ ପରିଣତ କରିବା ନିଶ୍ଚିତ ଭାବରେ ଅପେକ୍ଷାକୃତ କଷ୍ଟ । ଅବଶେଷରେ ସଫଳ ହେଲା ବେଳେ ତାହା କଷ୍ଟରୁ କୃଷ୍ଣ ମିଳିବା ଭଳି ଯେ ଅଧିକ ଉତ୍ସାହ ପ୍ରଦ ଏଥିରେ ଦ୍ୱିମତ ନାହିଁ । ଆମେ ସମସ୍ତେ ଜାଣିଥାଉ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଇବା, ଶାରୀରିକ କ୍ରିୟା ଅର୍ଥାତ୍ ବ୍ୟାୟାମ ଏବଂ ଶୃଙ୍ଖଳିତ ରହିବା ଆବଶ୍ୟକ । କିନ୍ତୁ ଆମ ଭିତରୁ ବହୁତ କମ୍ ଲୋକ ଏଇ ଆଦର୍ଶ ଦ୍ୱାରା ନିଜ ଜୀବନକୁ ଗଢ଼ି ପାରିଛନ୍ତି ଅଥବା ଜାଣିବା କରିବା ମଧ୍ୟରେ ଥିବା ଶୂନ୍ୟସ୍ଥାନକୁ ଠିକ୍ ଭାବରେ ପୂରଣ କରି ପାରିଛନ୍ତି । ଏହି ଶୂନ୍ୟ ସ୍ଥାନ ଜ୍ଞାନ ଓ କାର୍ଯ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝାଏ ।

ଭାରତୀୟ ଦର୍ଶନ, ବିଶେଷକରି ବେଦାନ୍ତ ଅନୁଯାୟୀ, ବିଜ୍ଞତା ହାସଲ କରିବା ପାଇଁ ତିନୋଟି ପର୍ଯ୍ୟାୟ ଦେଇ ଯିବାକୁ ପଡ଼େ । ପ୍ରଥମଟି ହେଲା ଶ୍ରବଣ ଅର୍ଥାତ୍ ଗୁରୁଙ୍କଠାରୁ ଉପଦେଶ ଶୁଣି ଜ୍ଞାନ ଆହରଣ କରିବା, ଦ୍ୱିତୀୟ ପର୍ଯ୍ୟାୟ ମନନ; ଅର୍ଥାତ୍ ଆହରଣ କରିଥିବା ଶିକ୍ଷା ଉପରେ ଗଭୀର ଭାବରେ ବିଭିନ୍ନ ଦୃଷ୍ଟିକୋଣରୁ ଅନୁଧ୍ୟାନ କରିବା ଏବଂ ନିଜ ମନରେ ଥିବା ସନ୍ଦେହ ଦୂର କରି ଧାରଣାକୁ ଦୃଢ଼ୀଭୂତ କରିବା । ତୃତୀୟ ପର୍ଯ୍ୟାୟ ହେଲା ମନନ କରିଥିବା ଧାରଣାକୁ ଗହନ ଚିନ୍ତନ ତଥା ଅଭ୍ୟାସ କରି ନିଜ ଜୀବନରେ ପ୍ରୟୋଗ କରିବା । ବିଜ୍ଞତାର ଏହା ଶେଷ ପର୍ଯ୍ୟାୟ ଏବଂ ନିଧିଧ୍ୟାସନ ନାମରେ ପରିଚିତ । ବାସ୍ତବରେ ଅଧିକାଂଶ ଲୋକ ମନନ ପର୍ଯ୍ୟାୟରେ ମନରେ ଧାରଣ ଜନ୍ମାଇ ରହିଥା'ନ୍ତି ପରୀକ୍ଷା ନିରୀକ୍ଷା ନକରି ଏବଂ ଗହନ ଚିନ୍ତନ ନ କରି । ଏହାଫଳରେ ଜ୍ଞାନର ପ୍ରୟୋଗାତ୍ମକ ଦିଗଟି ଦୁର୍ବଳ ହୋଇଯାଏ । ଅର୍ଥାତ୍ ଜାଣିବା ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ଅନ୍ତର ଦେଖାଦିଏ ।

ନିଜର ଜ୍ଞାନ ଦ୍ୱାରା ଦୁନିଆକୁ ସମ୍ମୁଖୀନ ହେବାର ଯଥେଷ୍ଟ ପୂର୍ବରୁ ତୁମକୁ କିନ୍ତୁ ଜିତିବାର ଅଛି ତୁମର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀକୁ । ସେ ହେଲା ତୁମ ନିଜକୁ । ଅର୍ଥାତ୍ ବ୍ୟକ୍ତିଗତ ଉନ୍ନତି ଏବଂ ପୂର୍ଣ୍ଣତା ଦିଗରେ ନିଜର ମନ ହିଁ ବାଧକ ସାଜିଥାଏ । ବ୍ୟକ୍ତିଗତ ପ୍ରତିରୋଧ ନିଜ ଭାବନା, ବିଶ୍ୱାସ ଓ ବ୍ୟବହାର ମଧ୍ୟରେ ବସା ବାନ୍ଧିଥାଏ । ନକାରାତ୍ମକ ଆତ୍ମବିଶ୍ଳେଷଣ, ହାରିଯିବାର ଭୟ, ଦୀର୍ଘସୂତ୍ରୀ କାର୍ଯ୍ୟ - ଏଗୁଡ଼ିକ ସବୁ ଅନ୍ତର୍ଦ୍ୱନ୍ଦ୍ୱ ହୋଇ ମନକୁ ଦୁର୍ବଳ କରେ । ସେହିଭଳି କେତେକ ବିଶ୍ୱାସ ଏବଂ ବ୍ୟବହାର ଶଗଡ଼ ଗୁଳାରେ ପଡ଼ିଲା ଭଳି ଅଭ୍ୟାସଗତ ଭାବେ ଉନ୍ନତିର ଅନ୍ତରାୟ ହୁଏ ଏବଂ ବେଳେ ବେଳେ ଆତ୍ମଘାତୀ ସାବ୍ୟସ୍ତ ହୁଏ । ସୁତରାଂ ଏମିତି ଅବସ୍ଥାରେ ନିଜ ଭିତରେ ଥିବା ପ୍ରଚ୍ଛନ୍ନ ଆତ୍ମିକ ଶକ୍ତିକୁ ସଂପୃକ୍ତ ମଣିଷଟି ଅଣଦେଖା କରି କରି ହୀନମନ୍ୟତା ପ୍ରଭାବରେ ଛୋଟ ଛୋଟ ପ୍ରତିବନ୍ଧକଗୁଡ଼ିକ ଆଗରେ ରହିଯାଇଥାଏ । କହିବା ନିଷ୍ପ୍ରୟୋଜନ ଯେ ଏହା ଜାଣିବା ଓ କରିବା ମଧ୍ୟରେ ଥିବା ଅନ୍ତର ଯୋଗୁଁ ହିଁ ଘଟିଥାଏ ।

ଦୁନିଆର ପରିବର୍ତ୍ତନ ଚାହିଁବା ଅପେକ୍ଷା ନିଜର ପରିବର୍ତ୍ତନ ହିଁ ଅଧିକ ଗୁରୁତ୍ୱ ରଖେ । କାରଣ ମନର ମୂଳେ ଏ ଜଗତ । ଅର୍ଥାତ୍ ସାମଗ୍ରିକ ଭାବରେ ବିଶ୍ୱ ତୁମ ବ୍ୟକ୍ତିଗତ ମାନସିକତାର ଏକ ପ୍ରକ୍ଷେପଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଖୁସିର ମନଟି ଦେଖେ ଖୁସିର ଦୁନିଆ । ନିରାନନ୍ଦ ମନ ପାଇଁ ସେଇଟି ହୋଇଯାଏ ଯନ୍ତ୍ରଣାଦାୟକ, ଅସ୍ୱସ୍ତିକର । ସୁତରାଂ ତୁମର ଚିନ୍ତାରେ ରଙ୍ଗ ଲଗାଅ । ଦେଖିବ ପୃଥିବୀ କେତେ ରଙ୍ଗୀନ । ଏହିଭଳି ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ନିଜକୁ ବୁଝିବାରେ ଭଗବତ୍ ଗୀତା ସାହାଯ୍ୟ କରିବ, ପଥ ପ୍ରଦର୍ଶନ କରିପାରିବ କିପରି ତୁମେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଜୀବନ ଜିଇଁ ପାରିବ । ଅର୍ଥାତ୍ ତୁମର ସାମର୍ଥ୍ୟ ଏବଂ ତା'କୁ ଉତ୍ତୋଳିତ କରିବାର ଉପାୟ, ଯାହା ତୁମ ଦୁର୍ବଳତାକୁ ପରାସ୍ତ କରି ପାରିବ, ତାକୁ ଚିହ୍ନଟ କରି ପାରିବ । ଗୀତାରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କଥୋପକଥନରୁ ସାବ୍ୟସ୍ତ ହୋଇଥାଏ ଯେ ଆମ ସାଧାରଣଙ୍କ ଭଳି ଅର୍ଜୁନ ମଧ୍ୟ ଜ୍ଞାନର କଥା କହୁଥିଲେ; କିନ୍ତୁ ତାହାକୁ କାର୍ଯ୍ୟରେ ପରିଣତ କରିବାରେ ଅକ୍ଷମ ଥିଲେ । ଜାଣିବା ଏବଂ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ଏହି ଶୂନ୍ୟସ୍ଥାନ ପୂରଣ କରିବାକୁ ଭଗବାନ ଶ୍ରୀକୃଷ୍ଣ ଭଗବତ୍ ଗୀତା ଜରିଆରେ ଦେଇଛନ୍ତି ଅମୂଲ୍ୟ ଉପଦେଶ । ସେ ଏଠାରେ ଅର୍ଜୁନଙ୍କୁ ଜ୍ଞାନ ଦେଇଛନ୍ତି ଏକ ସମ୍ପୂର୍ଣ୍ଣ ନୂଆ ସମ୍ଭାବନା ପରିପ୍ରେକ୍ଷୀରେ । ଅଥଚ ମୌଳିକ ବିଚାରଧାରାକୁ ଉଜ୍ଜୀବିତ କରାଇ ।

ମଣିଷ ହିସାବରେ ପାର୍ଥିବ ବିଶ୍ୱ ଉପରେ ଆମର ଦୃଷ୍ଟି କେନ୍ଦ୍ରୀଭୂତ ହୋଇପାରେ ଅଥବା ଆତ୍ମିକ ସତ୍ତା ମଧ୍ୟରେ ଅନ୍ତର୍ମୁଖୀ ଭାବରେ ଈଶ୍ୱରୀୟ ସନ୍ଧାନରେ ବ୍ରତୀ ହୋଇପାରୁ । କ୍ଷଣିକ ଆନନ୍ଦ ପାଇଁ ନିକଟ ଦୃଷ୍ଟିସମ୍ପନ୍ନ ହୋଇ ସାମୟିକ ଲକ୍ଷ୍ୟ ହାସଲ କରାଯାଇ ପାରେ ଅଥବା ପରମାନନ୍ଦ ପ୍ରାପ୍ତି ପାଇଁ ସାଧନାର ପଥ ବଛାଯାଇ ପାରେ । ପସନ୍ଦ ବ୍ୟକ୍ତିଗତ ଇଚ୍ଛା ଉପରେ ନିର୍ଭରଶୀଳ । କିନ୍ତୁ ଭଗବାନ ଆମକୁ ସେ ଦିଗରେ ସାହାଯ୍ୟ ଅବଶ୍ୟ କରିବେ ଏବଂ ଆମ ନିଷ୍କାମ ପ୍ରୟାସ ଫଳବତୀ ହେବ । ସବୁପଥ ତାଙ୍କରି ପାଖକୁ । ସମ୍ପୂର୍ଣ୍ଣ ସିଦ୍ଧି ମିଳିବାକୁ ଆମକୁ କ୍ରିୟାଶୀଳ ପଥ ବାଛିବାକୁ ହେବ । ବହୁ ଲୋକ ଏହାକୁ ଦୃଷ୍ଟିରେ ରଖି ଆଧ୍ୟାତ୍ମବାଦୀ ଏବଂ ଈଶ୍ୱର ଅନୁରାଗୀ ହୋଇଯା'ନ୍ତି । ଏହିଭଳି ଲୋକଙ୍କୁ ଚାରିଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । କିଛିଲୋକ ଭଗବାନଙ୍କୁ ତାଙ୍କର ସମ୍ପତ୍ତି ବଢ଼ାଇବାକୁ ଡାକନ୍ତି । କିଛି ମାନସିକ ବିଚଳିତ ଲୋକ, ଯେଉଁମାନେ ଦୁଃଖକର ଅବସ୍ଥାରେ ଥା'ନ୍ତି, ସେମାନେ ତାହାକୁ ଅତିକ୍ରମ କରି ଶାନ୍ତି ପାଇବାକୁ ଭଗବାନଙ୍କୁ ଡାକନ୍ତି । ଆଉକିଛି ଅନିସନ୍ଧିତ୍ସୁ ହିସାବରେ କେବଳ ତଥ୍ୟାନୁସନ୍ଧାନ ପାଇଁ ଈଶ୍ୱରୀୟ ଅନୁଗ୍ରହ ପାଇଁ ଉତ୍ସୁକତା ଦେଖାଇଥା'ନ୍ତି । କିନ୍ତୁ ପ୍ରକୃତ ଜ୍ଞାନୀମାନେ ହିଁ ପ୍ରକୃତ ପଥ ପାଇପାରନ୍ତି, ଅନ୍ୟମାନଙ୍କଠାରୁ ଆଗରେ ରୁହନ୍ତି । ସେମାନେ ପାର୍ଥିବତା ମଧ୍ୟରେ ସଫଳତାର ଅନୁଭବ ଠୁଁ ଦୂରେଇ ଯାଆନ୍ତି ସିନା, କିନ୍ତୁ ଅନ୍ତର୍ଲକ୍ଷ୍ୟ ଜ୍ଞାନରେ ସମୃଦ୍ଧ ହୋଇପାରନ୍ତି । ସେମାନେ ସ୍ଥାୟୀ ସୁଖ ବା ପରମାନନ୍ଦ ପ୍ରାପ୍ତି ପାଇଁ ସାଧନା କରନ୍ତି, ଜ୍ଞାନାଲୋକରେ ଆଲୋକିତ ହୋଇପାରନ୍ତି । ଅନ୍ୟ ଅର୍ଥରେ କହିବାକୁ ଗଲେ ସେମାନଙ୍କର ବିଜ୍ଞତା ସାକାର ହୋଇପାରେ ସଫଳ କାର୍ଯ୍ୟାନ୍ୱୟନରେ ।

(ପୂର୍ବତନ ପ୍ରଶାସକ)
କଟକ, ମୋ: ୯୪୩୭୩୬୦୯୮୧

# ଟୁଥ୍‌ପେଷ୍ଟର ଭଲ-ମନ୍ଦ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ସମୟ ଥିଲା, ଯେତେବେଳେ ଦାନ୍ତ ଘଷିବା ପାଇଁ ବାଉଁଶ, କରଞ୍ଜ, ବାଇଗଣ ଆଦି ଗଛର କାଠିକୁ ବ୍ୟବହାର କରାଯାଉଥିଲା । ବର୍ତ୍ତମାନ ତା'ସ୍ଥାନ ନେଇଛି ପ୍ଲାଷ୍ଟିକ ତିଆରି ଟୁଥ୍ ବ୍ରଶ୍ ଏବଂ ବିଭିନ୍ନ ରାସାୟନିକ ଉପାଦାନରେ ପ୍ରସ୍ତୁତ ଟୁଥ୍‌ପେଷ୍ଟ । ପ୍ରସ୍ତୁତକର୍ତ୍ତାମାନେ ଦାନ୍ତ ଓ ମାଢ଼ି ଉପରେ ତାହାର ଅନେକ ସୁପ୍ରଭାବ ଥିବା ପ୍ରଚାର କରୁଛନ୍ତି ଏବଂ ଆମେ ତାହାକୁ ବିନା ଦ୍ୱିଧାରେ ଗ୍ରହଣ କରି ନେଉଛୁ । କିନ୍ତୁ ବର୍ତ୍ତମାନ ବୈଜ୍ଞାନିକମାନେ ଏହାର କେତେକ କ୍ଷତିକାରକ ଗୁଣ ଥାଇପାରେ ବୋଲି ସୂଚନା ଦେଲେଣି ।

ପାଟି ଭିତରେ ଥିବା ଏକ ଉତ୍ତମ ସନ୍ତୁଳିତ ଅଣୁଜୀବଙ୍କ ପରିସଂସ୍ଥା (ମାଇକ୍ରୋବାୟୋମ୍) କ୍ଷତିକାରକ ସୂକ୍ଷ୍ମଜୀବମାନଙ୍କୁ ନିୟନ୍ତ୍ରଣ କରେ । ଖାଦ୍ୟ ହଜମରେ ସାହାଯ୍ୟ କରେ ଏବଂ ଦାନ୍ତ ଓ ମାଢ଼ିକୁ ସୁରକ୍ଷା ଦିଏ । କିନ୍ତୁ ଟୁଥ୍‌ପେଷ୍ଟରେ ଥିବା ରାସାୟନିକ ପଦାର୍ଥଗୁଡ଼ିକ ହେଲା କାଲ୍‌ସିୟମ୍ କାର୍ବୋନେଟ୍ ଏବଂ ଆର୍ଦ୍ର ସିଲିକା ଭଳି ଅପଘର୍ଷକ ଗ୍ଲିସେରଲ୍ ଓ ସର୍ବିଟଲ୍ ଭଳି ଆର୍ଦ୍ରକାରୀ, ସୋଡିୟମ୍ ଫ୍ଲୋରାଇଡ୍ ଲବଣ, ସୋଡିୟମ୍ ଲାଉରିଲ୍ ସଲ୍‌ଫେଟ୍ ଡେଟରଜେଣ୍ଟ, ସେଲୁଲୋଜ ଅଠା ଓ ଜାନ୍ଥେଟ୍ ଅଠା ଭଳି ସାନ୍ଦ୍ରତା ବର୍ଦ୍ଧକ, ପିପରମେଣ୍ଟ ତେଲ ଭଳି ସୁଗନ୍ଧକାରୀ, ସର୍ବିଟଲ୍ ଓ ଜାଇଲଇଟଲ୍ ଭଳି ମିଷ୍ଟକାରୀ, ସୋଡିୟମ୍ ବେଞ୍ଜୋଟ୍ ଭଳି ସଂରକ୍ଷଣକାରୀ ଇତ୍ୟାଦି । ଏହାର ଅଧିକ ବ୍ୟବହାର କଲେ ନିମ୍ନୋକ୍ତ ପାର୍ଶ୍ୱ ପ୍ରତିକ୍ରିୟାମାନ ପଡ଼ିବାର ଆଶଙ୍କା ରହିଛି । (୧) ସୋଡିୟମ୍ ଲାଉରିଲ୍ ସଲ୍‌ଫେଟ୍ କୁଣ୍ଡେଇ ହେବା ଏବଂ ଜଠର-ଆନ୍ତ୍ରିକ ସମସ୍ୟାମାନ ସୃଷ୍ଟି କରେ । (୨) କୃତ୍ରିମ ମଧୁରକାରୀ ପଦାର୍ଥଗୁଡ଼ିକ ଅନେକଙ୍କ ଠାରେ ଆଲର୍ଜିର କାରଣ ହୁଏ । (୩) ସୋଡିୟମ ଫ୍ଲୋରାଇଡ ଅଧିକ ହେଲେ ଫ୍ଲୋରୋସିସ୍ ଆଦିର କାରଣ ହୋଇଥାଏ । (୪) ଟ୍ରାଇକ୍ଲୋସାନ ଏକ ଜୀବାଣୁଘାତକ ଓ କବକ ଘାତକ । ତେବେ ଏହା ପାଟି ଓ ମଳଦ୍ୱାରର ଅଣୁଜୀବକ ପରିସଂସ୍ଥା ଉପରେ କୁପ୍ରଭାବ ପକାଏ । (୫) ଅଧିକ ଟୁଥ୍‌ପେଷ୍ଟ କେତେକଙ୍କଠାରେ ଝାଡ଼ା, ବାନ୍ତି ଆଦି ରୋଗ ସୃଷ୍ଟି କରିପାରେ ।

ନିକଟରେ ହୋଇଥିବା ଗବେଷଣାରୁ ସାମଗ୍ରିକ ଭାବେ ଆମ ପାଟି ଭିତରେ ଥିବା ସନ୍ତୁଳିତ ଅଣୁଜୀବ ପରିସଂସ୍ଥା କିପରି ଗୁରୁତ୍ୱପୂର୍ଣ୍ଣ ତାହା ଜଣାପଡ଼ିଛି । ପାଟିରେ ପ୍ରାୟ ୭୦୦ ପ୍ରଜାତିର ବୀଜାଣୁ ବାସ କରନ୍ତି । ଏଗୁଡ଼ିକ ମଧ୍ୟରୁ କେତେକ ଉପକାରୀ ଏବଂ ଆଉ କେତେକ ଅପକାରୀ । ଏମାନେ ଦାନ୍ତ ଓ ମାଢ଼ିର ପୃଷ୍ଠଦେଶରେ ଜୈବ ଆବରଣଟିଏ ସୃଷ୍ଟି କରିଥା'ନ୍ତି । ଲାଳରେ ମଧ୍ୟ ତାହା ପ୍ରଚୁର ପରିମାଣରେ ଦେଖାଯାଏ । ଅତଏବ ପାଟି ଭିତରେ ଏଗୁଡ଼ିକ ସୃଷ୍ଟି କରୁଥିବା ପରିସଂସ୍ଥା ଚଳମାନ । ଉପକାରୀ ତଥା ସ୍ୱାସ୍ଥ୍ୟ ପ୍ରଦାୟିନୀ ଜୀବାଣୁ ସମେତ ସବୁ ଅଣୁଜୀବ ପାଟିରେ ଅମ୍ଳତା ବା ପିଏଚ୍ ନିୟନ୍ତ୍ରଣ କରିବା, ଖାଦ୍ୟକୁ ହଜମ ହେବା ଏବଂ ସୂକ୍ଷ୍ମଜୀବ ପ୍ରତିରୋଧକାରୀ ପ୍ରାକୃତିକ ରସାୟନମାନ ଉତ୍ପନ୍ନ କରିବା କାର୍ଯ୍ୟ କରିଥା'ନ୍ତି । କିନ୍ତୁ ଆମ ଖାଦ୍ୟାଭ୍ୟାସ, ପାଟିକୁ ସଫାସୁତୁରା ନ ରଖିବା ଦ୍ୱାରା କେତେକ ଅପକାରୀ ଜୀବାଣୁମାନଙ୍କ ବଂଶ ବୃଦ୍ଧି ଘଟି ସନ୍ତୁଳନ ତୁଟିଯାଏ । ଫଳରେ ତାହା ଦନ୍ତକ୍ଷୟ, ମାଢ଼ି ରୋଗ ସମେତ ଅନ୍ୟାନ୍ୟ ବହୁରୋଗର କାରଣ ହୁଏ ।

କେତେକ ଟୁଥ୍‌ପେଷ୍ଟରେ ଏବେ ଅନେକ ଦେଶରେ ବାରଣ କରାଯାଇଥିବା 'ଟ୍ରାଇକ୍ଲୋସାନ' ଭଳି ଜୀବାଣୁ ପ୍ରତିରୋଧକ କିମ୍ବା ଷ୍ଟାନସ୍‌କ୍ଲୋରାଇଡର ଅନ୍ୟାନ୍ୟ କେତେକ ଯୌଗିକମାନ ଥାଏ । ସେଗୁଡ଼ିକ ଅପକାରୀ ଜୀବାଣୁ ଓ ଅଣୁଜୀବମାନଙ୍କୁ ମାରିଦିଅନ୍ତି ସତ, ସେଥିସହିତ ଉପକାରୀଗୁଡ଼ିକୁ ମଧ୍ୟ କ୍ଷତି ପହଞ୍ଚା'ନ୍ତି । ଏଣୁ ବର୍ତ୍ତମାନ ଟୁଥ୍‌ପେଷ୍ଟର ଉପାଦାନଗୁଡ଼ିକରେ ପରିବର୍ତ୍ତନ ଆଣିବା ଲାଗି ଉଦ୍ୟମ ଚାଲିଛି । କେତେକ 'ପ୍ରୋ-ବାୟୋଟିକ୍‌ସ' ଏବଂ 'ପ୍ରି-ବାଇଟିକସ୍' କୁ ଏଥିପାଇଁ ପରୀକ୍ଷା କରାଯାଉଛି । ଏଥିରେ 'ଆର୍ଗିନିନ୍' ନାମକ ଏକ ପ୍ରାକୃତିକ ଆମିନୋଅମ୍ଳ ଏବଂ କେତେକ ଉଦ୍ଭିଦଜାତ ଜୀବାଣୁନାଶକ ଉପଯୋଗ କରି ଏହା ପ୍ରସ୍ତୁତ ହେଉଛି ।

ପାଟି ଭିତରେ ଅଣୁଜୀବଙ୍କ ପରିସଂସ୍ଥାକୁ ସନ୍ତୁଳିତ ରଖିବା ଦ୍ୱାରା ଦାନ୍ତ ଶକ୍ତ ରହିବା ସହିତ ଦାନ୍ତମାଢ଼ି ରୋଗଠାରୁ ଆରମ୍ଭ କରି ହୃଦ୍‌ରୋଗ, ମଧୁମେହ, ଫୁଲାରୋଗ ଆଦିରୁ ସୁରକ୍ଷିତ ରହେ । ଏଣୁ ଉତ୍ତମ ଟୁଥ୍‌ପେଷ୍ଟ ଅଳ୍ପ ମାତ୍ରାରେ ନେଇ ଦିନକୁ ଦୁଇଥର ଦାନ୍ତ ଘଷିବା ଏବଂ ଯଥାଶୀଘ୍ର ମୁହଁକୁ ଧୋଇ ପକାଇବା ବର୍ତ୍ତମାନ ପାଇଁ ଏକମାତ୍ର ନିରାପଦ ପନ୍ଥା ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

■ ବିଏମ୍‌ସି ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ କନ୍ଧମାଳ ଜିଲ୍ଲାପାଳଙ୍କ ଆହ୍ୱାନ

## ସବୁ ସରକାରୀ କର୍ମଚାରୀ ଏକଜୁଟ୍ ହୁଅନ୍ତୁ

**ଭୁବନେଶ୍ୱର,୩୦।୬(ସମିସ):** ବିଏମ୍‌ସି ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ଓଏଏସ୍ ସଂଘ ପରେ ରାଜ୍ୟର ଆଇଏଏସ୍‌ମାନେ ମୁହଁ ଖୋଲିବା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ସମସ୍ତ ସରକାରୀ କର୍ମଚାରୀ ଏକ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। କନ୍ଧମାଳ ଜିଲ୍ଲାପାଳ ତଥା ଆଇଏଏସ୍ ଅମ୍ରିତ ଋତୁରାଜ ନିଜ ସୋସିଆଲ୍ ମିଡିଆରେ ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ବିଏମ୍‌ସିରେ ଅତିରିକ୍ତ କମିସନର୍ ଶ୍ରୀ ସାହୁ ପୂର୍ବରୁ କନ୍ଧମାଳ ସିଡିଓ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଉପରେ ଆଜି ହୋଇଥିବା ଆକ୍ରମଣ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ, ଭୟଙ୍କର ଓ ବୁଝିବା ବାହାରେ। ନାଗରିକମାନଙ୍କୁ ସେବା ଯୋଗାଇବା ପାଇଁ ସରକାରୀ କର୍ମଚାରୀମାନେ ଏକ ସୁରକ୍ଷିତ ପରିବେଶ ଆବଶ୍ୟକ କରିଥା'ନ୍ତି। ଏହି ଘଟଣା ଜଣେ ବିଏମ୍‌ସି ଅଧିକାରୀ କିମ୍ବା ଜଣେ ଓଏଏସ୍ ଅଧିକାରୀଙ୍କ ବିଷୟ ନୁହେଁ, ବରଂ ଜଣେ ସରକାରୀ ଅଧିକାରୀଙ୍କ ବିଷୟ। ତାଙ୍କ ସହ ଏପରି ନିର୍ମମ ଘଟଣା ଘଟିଛି। ସମସ୍ତ ଅପରାଧୀଙ୍କୁ ଦଣ୍ଡ ମିଳିବା ଉଚିତ। ଆଗକୁ ଏପରି ଅମାନବୀୟ ଆଚରଣକୁ ରୋକିବା ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କୁ ଏକତ୍ରିତ ହେବା ଉଚିତ ବୋଲି ସେ କହିଛନ୍ତି। ଅନ୍ୟାୟ ବିରୋଧରେ ନିରବ ରହିବା ଠିକ୍ ନୁହେଁ। ତେଣୁ, ଏହି କାର୍ଯ୍ୟକୁ ଯଥାସମ୍ଭବ କଠୋର୍ ଶବ୍ଦରେ ନିନ୍ଦା କରିବା ପାଇଁ ସେ ସମସ୍ତ ସରକାରୀ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି।

**କଟକ ରେଳ ଷ୍ଟେସନ୍‌ରେ ଦୁର୍ଘଟଣା**

## ମାଲବାହୀ ଟ୍ରେନର ୩ଟି ବଗି ଲାଇନ୍‌ଚ୍ୟୁତ

**କଟକ, ୩୦।୬(ସମିସ):** କଟକ ରେଳଷ୍ଟେସନ୍ ୟାର୍ଡ ନିକଟରେ ଏକ ମାଲବାହୀ ଟ୍ରେନ୍ ଆଜି ସକାଳୁ ଲାଇନ୍‌ଚ୍ୟୁତ ହୋଇଛି। ପାରାଦୀପ ଅଭିମୁଖେ ଯାଉଥିବା ଟ୍ରେନ୍‌ର ୩ଟି ବଗି ଧାରଣାରେ ଓଲଟି ପଡ଼ିଥିଲା। ଏଥିରେ ସେଭଳି କୌଣସି କ୍ଷୟକ୍ଷତି ଘଟିନାହିଁ। ରେଳ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୮ଟା ୪୦ରେ ଏକ ମାଲବାହୀ ଟ୍ରେନ୍ ପାରାଦୀପ ଅଭିମୁଖେ ଯାଉଥିଲା। ଟ୍ରେନ୍‌ଟି କଟକ ୟାର୍ଡ ନିକଟ ୮ନଂ ରୁଟ୍ (ଲୁପ୍ ଲାଇନ) ଚଢ଼ି ମୁଖ୍ୟ ରେଳଧାରଣାରେ ଯାଉଥିଲା। ମାଲଗୋଦାମ ରେଳ ଓଭରବ୍ରିଜ୍ ଅତିକ୍ରମ କରିବାର କିଛି ମିଟର

### ରେଳ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ

ପରେ ହଠାତ ଟ୍ରାକ୍‌ରୁ ୩ଟି ଖାଲି ଡବା (୩୮, ୩୯ ଓ ୪୦ ନମ୍ବର ୱାଗନ) ଓଲଟି ପଡ଼ିଥିଲା। ଟ୍ରେନର ବେଗ ଅଧିକ ନଥିବାରୁ ଲୋକୋ-ପାଇଲଟ୍ ତୁରନ୍ତ ଟ୍ରେନକୁ ଅଟକାଇଦେବାରୁ ଅନ୍ୟ ୱାଗନଗୁଡ଼ିକ ଓଲଟିବାରୁ ବର୍ତ୍ତିଯାଇଥିଲା। ଦୁର୍ଘଟଣାର ଶବ୍ଦ ଶୁଣି ଆରପିଏଫ୍ ଓ ଜିଆରପି ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାଥମିକ ଯାଞ୍ଚ ପରେ କେହି ମୃତାହତ ହୋଇନଥିବା ଜଣାପଡିଥିଲା।

ଏନେଇ ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ବିଭାଗୀୟ ଅଧିକାରୀଙ୍କୁ ସୂଚୀତ କରାଯିବାରୁ ଅଳ୍ପ ସମୟ ଭିତରେ ବୈଷୟିକ ଟିମ ଆସି କଟକରେ ପହଞ୍ଚିଥିଲା। ପ୍ରଥମେ ଟ୍ରେନ୍‌ର ଉଭୟ ସାମ୍ନା ଓ ପଛପଟ ଇଞ୍ଜିନକୁ କାଢ଼ି ଅଲଗା କରାଯାଇଥିଲା। ପରେ ରେଳବାଇ ପକ୍ଷରୁ



ରିଲିଫ୍ ଟ୍ରେନ୍ ପହଞ୍ଚି ମେସିନ୍ ସାହାଯ୍ୟରେ ବଗିଗୁଡ଼ିକୁ ରେଳଧାରଣା ପାର୍ଶ୍ୱରୁ ହଟାଇଥିଲା। ପରେ ଉକ୍ତ ବଗିଗୁଡ଼ିକୁ ମରାମତି ପାଇଁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରେନଟି କୋଇଲା ଆଣିବାକୁ ପାରାଦୀପ ଯାଉଥିବା ଜଣାପଡ଼ିଛି। ଉଦ୍ଧାରକାର୍ଯ୍ୟ ଏବଂ ମରାମତି ପାଇଁ ଉକ୍ତ ରୁଟରେ ରେଳ ଚଳାଚଳ ବନ୍ଦ ରହିଥିଲା।

## ଯୋଗାଣ ନିରୀକ୍ଷକଙ୍କୁ ୪ ବର୍ଷ ଜେଲ୍

**ଅନୁଗୋଳ, ୩୦।୬ (ସମିସ):** ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଆଜି ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ଯୋଗାଣ ନିରୀକ୍ଷକ ବବିଲତା ବେହେରାଙ୍କୁ ୪ ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ, ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୨୦୧୪ ମସିହାରେ ଯୋଗାଣ ନିରୀକ୍ଷକ ବବିଲତା ୬୪ ହଜାର ଲିଟର କିରାସିନି ବିଲ୍ ପାସ କରିବା ପାଇଁ କଣିହାଁ ବ୍ଲକ୍ ପୋଲରମୁଣ୍ଡା ଗ୍ରାମର କଣ୍ଟ୍ରୋଲ ଦୋକାନୀ ନିରୋଦ କୁମାର ସାହୁଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ୧୧ବର୍ଷ ପରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ୮ ଜଣ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ବବିଲତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପିପି ଅଶ୍ୱିନ କୁମାର ମାମଲା ପରିଚାଳନା କରୁଥିଲେ।

## ଶରଧାବାଲିରେ ଭକ୍ତଙ୍କ ମୃତ୍ୟୁ ପାଇଁ ସରକାର ଦାୟୀ: ବିଜେଡି

### ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଇସ୍ତଫା ଦିଅନ୍ତୁ

**ଭୁବନେଶ୍ୱର,୩୦।୬(ସମିସ):** ଚଳିତବର୍ଷ ତ୍ରୁଟିଶୂନ୍ୟ ଓ ସ୍ମରଣୀୟ ରଥଯାତ୍ରା ହେବ ବୋଲି ସରକାର ବାରମ୍ବାର ଦାବି କରି ଆସୁଥିଲେ। ମାତ୍ର ଅବ୍ୟବସ୍ଥା ଓ ମହାବିଭ୍ରାଟ ଯୋଗୁଁ ୩ ଜଣ ଭକ୍ତଙ୍କ ଜୀବନ ଅକାଳରେ ଚାଲିଗଲା। ଏଥିପାଇଁ ଯେଉଁମାନେ ଦାୟୀ ସରକାର ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି।

ସୋମବାର ଶଙ୍ଖ ଭବନଠାରେ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତକାଲି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ମହାପ୍ରଭୁ ଜଗନ୍ନାଥଙ୍କ ପହଡ଼ ଖୋଲିବା ସମୟରେ ଦଳାଚକଟାରେ ଯେଭଳି ୩ ଭକ୍ତଙ୍କ ପ୍ରାଣ ଗଲା ଓ ୫୦ରୁ ଅଧିକ ଆହତ ହେଲେ, ଏଥିପାଇଁ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ। ପୁଲିସ ବ୍ୟବସ୍ଥା ଅନୁଯାୟୀ, ଘଟଣା ଘଟିଥିବା ସମୟରେ ସେଠାରେ ୨୨ ପ୍ଲାଟୁନ ପୁଲିସ୍ ଫୋର୍ସ ରହିବା କଥା। ମାତ୍ର ବଡ଼ ଦୁଃଖର କଥା, ସେଠାରେ କେହି ପୁଲିସ ଉପସ୍ଥିତ ନ ଥିଲେ। ଏହି ସମ୍ବେଦନଶୀଳ ଘଟଣା ଉପରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟୁଇଟ୍ ମାଧ୍ୟମରେ ମୃତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ପରେ ସରକାରଙ୍କ ଚେତା ପଶିଲା। ଧର୍ମକୁ ଆଖିଠାରସଦୃଶ୍ୟ ସରକାର ତରବରିଆ ଭାବେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ବଦଳି କରି ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ପାଇଁ ଚେଷ୍ଟା କରିଛନ୍ତି। ଯେଉଁ ଅଭିଜ୍ଞ ଅଫିସରମାନଙ୍କୁ ଘଟଣା ଘଟିବା ପରେ ଦାୟିତ୍ୱରେ ପଠାଗଲା, ସେମାନଙ୍କୁ ଆଗରୁ କାହିଁକି ଦାୟିତ୍ୱ ଦିଆଯାଇ ନ ଥିଲା। ଏଆଇ କ୍ୟାମେରା ଓ ମାଳମାଳ ସିସିଟିଭି ରଥଯାତ୍ରାକୁ ନିରୀକ୍ଷଣ କରୁଥିବାର ବଡ଼ବଡ଼ କଥା କହୁଥିବା ସରକାରଙ୍କ ମୁଖା ଖୋଲିଦେଇଛି। ଯଦି ଏତେ ବ୍ୟବସ୍ଥା ଥିଲା, ତା'ହେଲେ ଏଭଳି ଅଘଟଣ ଘଟିଲା କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ରଥଯାତ୍ରା ସମୟରେ ପୁରୀକୁ ଆସୁଥିବା ସମସ୍ତ ଭକ୍ତଙ୍କ ପାଇଁ ସରକାର ବୀମା ବ୍ୟବସ୍ଥା କରନ୍ତୁ। ଏଥିସହିତ ଏହି ଘଟଣା ପାଇଁ ରଥଯାତ୍ରା ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଇସ୍ତଫା ଦିଅନ୍ତୁ ବୋଲି ଡଃ ମହାନ୍ତି ଦାବି କରିଛନ୍ତି।

**ରଥଯାତ୍ରାର ସମୀକ୍ଷା କଲେ ଉଚ୍ଚଶିକ୍ଷା କମିଶନର ଓ ଜିଲ୍ଲାପାଳ**

## ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ ଆମ ସମସ୍ତଙ୍କ ଦାୟିତ୍ୱ

**ପୁରୀ,୩୦।୬(ସମିସ):** ଶ୍ରୀଜିଉମାନେ ଆଡ଼ପମଣ୍ଡପକୁ ବିଜେ କରିସାରିଛନ୍ତି। ବର୍ତ୍ତମାନ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଆହ୍ୱାନ ଦେଇଛନ୍ତି ଉଚ୍ଚଶିକ୍ଷା ବିଭାଗର ସଚିବ ତଥା କମିସନର୍ ଏବଂ ରଥଯାତ୍ରା, ଆଡ଼ପ ମଣ୍ଡପ ଦର୍ଶନ ଓ ବାହୁଡ଼ା ଯାତ୍ରା ସମୀକ୍ଷାର ସ୍ୱତନ୍ତ୍ର ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଓ ଜିଲ୍ଲାପାଳ ଚଞ୍ଚଳ ରାଣା। ସୋମବାର ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ରାଣା ରଥଯାତ୍ରାର ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କମିସନର ଶ୍ରୀ ଅଗ୍ରୱାଲ କହିଥିଲେ, ରଥଯାତ୍ରା ଏକ ସାମୂହିକ ଓ ସମ୍ମିଳିତ ଉଦ୍ୟମର କାର୍ଯ୍ୟକ୍ରମ। ଲକ୍ଷଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସୁଛନ୍ତି। ସେମାନେ ଯେମିତି ସୁନ୍ଦର ଦର୍ଶନ ସହ ଭଲ ଅନୁଭୂତି ନେଇ ଫେରିବେ, ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ବ୍ୟାରିକେଡ୍‌ରେ ଦର୍ଶନ ପାଇଁ ଅପେକ୍ଷାରେ ରହୁଥିବା ଶ୍ରଦ୍ଧାଳୁମାନଙ୍କୁ ପାନୀୟଜଳ, ଓଆର୍‌ଏସ୍ ଇତ୍ୟାଦି ବଣ୍ଟନ ସହ ସେମାନଙ୍କ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ। ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ରଥଯାତ୍ରା ଅବସରରେ ସେମାନଙ୍କ ବିଭାଗର କାର୍ଯ୍ୟାବଳୀ, ଆବଶ୍ୟକତା ଓ ଆଗାମୀ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

■ ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲା

## ବ୍ରହ୍ମପୁରରେ ପୁଣି କ୍ରାଇମବ୍ରାଞ୍ଚ ଟିମ୍

**ବ୍ରହ୍ମପୁର, ୩୦।୬ (ସମିସ):** ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଅଧିକ ଖୋଳତାଡ଼ ପାଇଁ କ୍ରାଇମବ୍ରାଞ୍ଚର ଏକ ଟିମ୍ ସୋମବାର ବ୍ରହ୍ମପୁରରେ ପହଞ୍ଚିଛି। ଅଧିକାରୀମାନେ ବ୍ରହ୍ମପୁର କୋର୍ଟରେ ପହଞ୍ଚି ଅଭିଯୁକ୍ତଙ୍କୁ କିପରି କୋଠର୍ ଦଣ୍ଡ ପ୍ରଦାନ କରାଯାଇପାରିବ, ସେନେଇ ତଥ୍ୟ ଯୋଗାଡ଼ କରିବା ସହ କୋର୍ଟରେ କିଛି ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିଛନ୍ତି। ସେପଟେ ବ୍ରହ୍ମପୁର ଜେଲ୍‌ରେ ଟିଆଇ ପରେଡ ଜରିଆରେ ପୀଡ଼ିତା ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଏହି ଘଟଣାକୁ ରେଡଫ୍ଲାଗ ଭାବେ ଗ୍ରହଣ କରାଯାଇଥିବା ବେଳେ ଯେତେଶୀଘ୍ର ହେବ ମାମଲାର ଚାର୍ଜସିଟ୍ କ୍ରାଇମବ୍ରାଞ୍ଚ ଟିମ କୋର୍ଟରେ ଦାଖଲ କରିବ। ପୂର୍ବରୁ ଏହି ମାମଲାରେ ଗିରଫ ୬ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୪୮ ଘଣ୍ଟା ପାଇଁ ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ସୂଚନାଯୋଗ୍ୟ, ଗତ ୧୫ତାରିଖରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଗୋପାଳପୁର ପୁଲିସ୍ ୪ ନାବାଳକଙ୍କ ସମେତ ୧୦ଜଣଙ୍କୁ ଗିରଫ କରିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅହଂକାରରୁ ଅରାଜକତା...

ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଓଡ଼ିଶାରେ ଆଇନଶୃଙ୍ଖଳା ସ୍ଥିତି ମଣିପୁର, ଉତ୍ତରପ୍ରଦେଶ ଓ ବିହାର ଭଳି ଜଙ୍ଗଲରାଜ ଆଡ଼କୁ ଗତି କରୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ସୋମବାର ୧୧ଟା ୩୦ ସମୟରେ ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁ ନିଜ କାର୍ଯ୍ୟାଳୟ ଭିତରେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଥିଲେ। ଏହି ସମୟରେ ୬/୭ ଜଣ ଗୁଣ୍ଡାଶ୍ରେଣୀୟ ବିଜେପି କର୍ମୀଙ୍କ ସହ କର୍ପୋରେଟର ଅପରୂପ ନାରାୟଣ ଓରଫ୍ ଜୀବନ ରାଉତ ବିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚି ଶ୍ରୀ ସାହୁଙ୍କ ଉପରେ ଅତର୍କିତ ଆକ୍ରମଣ ଆରମ୍ଭ କରିଦେଲେ। ଜଗନ୍ନାଥ ପ୍ରଧାନଙ୍କ କଥା କାହିଁକି ଶୁଣିଲୁ ନାହିଁ ବୋଲି ପ୍ରଶ୍ନ କରିବା ସହ ମାଡ଼ ମାରି ଚାଲିଲେ। ଅସଭ୍ୟ ଭାଷାରେ ଗାଲିଗୁଲଜ କରି ତାଙ୍କ ଚୌକିରୁ ଘୋଷାଡ଼ି ଘୋଷାଡ଼ି କାର୍ଯ୍ୟାଳୟ ବାହାରକୁ ନେଇ ଆସିଲେ। ୧୦ ମିନିଟ୍ ପର୍ଯ୍ୟନ୍ତ ଲଗାତାର ଚାପୁଡା ମାରି ଗାଲ ଫୁଲାଇ ଦେଲେ; ତଳେ ପକାଇ ତାଙ୍କ ଉପରେ ଚଢ଼ିଗଲେ। ମୁହଁ, ପେଟ ଓ ପିଠିକୁ ଗୋଇଠା ମାରିଚାଲିଲେ। ଶହଶହ ଲୋକଙ୍କ ଉପସ୍ଥିତିରେ ତାଙ୍କ ଚୁଟିକୁ ଭିଡ଼ିଭିଡ଼ି ଆଣି ବାହାରେ ଫିଙ୍ଗିଦେଲେ। ଏପରିକି ଅତିରିକ୍ତ କମିଶନରଙ୍କୁ ରକ୍ଷା କରିବାକୁ ଆସିଥିବା ସୁରକ୍ଷା କର୍ମୀମାନଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ। ତାଙ୍କୁ ନ ମାରିବାକୁ ଅଫିସରଜଣଙ୍କ ଯେତେ ଗୁହାରି କରୁଥିଲେ ବି କେହି ଶୁଣୁ ନ ଥିଲେ। ଏତିକିରେ ମନବୋଧ ହେଲା ନାହିଁ, ତାଙ୍କ ଫୋନ୍ ଛଡ଼ାଇ ନେଇ ତାଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଆପତ୍ତିଜନକ ଓ ଅଶାଳୀନ ଫଟୋ, ଭିଡିଓ ପୋଷ୍ଟ କଲେ।

କାର୍ଯ୍ୟାଳୟ ପରିସରରେ ବିଜେପି ଗୁଣ୍ଡାମାନେ ଏପରି ଅରାଜକତା ଚଳାଇବା ସମୟରେ ବାହାରେ ଆଉ କିଛି ଦୁର୍ବୃତ୍ତ ଏକ ଗାଡ଼ିରେ ଅପେକ୍ଷା କରି ରହିଥିଲେ। ଅତିରିକ୍ତ କମିଶନରଙ୍କୁ ଅପହରଣ କରିବାକୁ ସେମାନେ ଯୋଜନା ମଧ୍ୟ କରିଥିଲେ। ମାତ୍ର ଏହି ସମୟରେ ମେୟର ସୁଲୋଚନା ଦାସ ଓ ଅନ୍ୟ କିଛି କର୍ପୋରେଟର ସେଠାରେ ପହଞ୍ଚି ଦୁର୍ବୃତ୍ତମାନଙ୍କୁ ଅଟକାଇଥିଲେ। ହେଲେ ସେମାନେ ମେୟରଙ୍କ ସହ ଯୁକ୍ତିତର୍କ କରିବା ସହ କିଛି କର୍ପୋରେଟରଙ୍କୁ ଧକ୍କା ମାରିଥିଲେ। ଏହା ଦେଖି କାର୍ଯ୍ୟାଳୟରୁ କର୍ମଚାରୀମାନେ ଦୌଡ଼ି ଆସିଥିଲେ। ଭିଡ଼ ବଢ଼ିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳ ଛାଡ଼ି ପଳାଇଥିଲେ। ଗୁଣ୍ଡାଙ୍କ ମାଡ଼ରେ ଅତିରିକ୍ତ କମିଶନର ଶ୍ରୀ ସାହୁଙ୍କ ମୁଣ୍ଡ, ଛାତି ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଶ୍ରୀ ସାହୁ ଖାରବେଳନଗର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ନାଁ ନେଇ ଆକ୍ରମଣ କରିଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏହି ଆକ୍ରମଣକୁ କଠୋର ଶବ୍ଦରେ ନିନ୍ଦା କରିବା ସହ ରାଜ୍ୟରେ ଆଇନଶୃଙ୍ଖଳା ବୋଲି କିଛି ନଥିବା କହିଛନ୍ତି। ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ବିଏମ୍‌ସି ଇତିହାସରେ ଆଗରୁ କେବେ ଏମିତି ହୋଇ ନ ଥିଲା। ଦୁର୍ବୃତ୍ତମାନେ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ଭାବେ ଆହତ କରିବାକୁ ଆସିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବୁ ବୋଲି ସେ କହିଛନ୍ତି। ଏହି ଘଟଣାର ପ୍ରତିବାଦରେ ବିଏମ୍‌ସି କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ବିଏମ୍‌ସିର ସବୁ ସେବା ବନ୍ଦ ରହିବ ବୋଲି କର୍ମଚାରୀମାନେ କହିଛନ୍ତି।

ଆକ୍ରମଣ ପ୍ରତିବାଦରେ ବିଏମ୍‌ସି ଅଫିସ୍ ସମ୍ମୁଖ ଜନପଥରେ ବିଜେଡି ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ମେୟର ସୁଲୋଚନା ଦାସ, ବିଧାୟକ ଅରୁଣ ସାହୁ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ବିଜେଡି ନେତା ସଂଜୟ ଦାସ ବର୍ମା, ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକଙ୍କ ସମେତ ବହୁ କର୍ପୋରେଟରଙ୍କୁ ପୁଲିସ୍ ଉଠାଇ ନେଇଥିଲା।

### ୩ ଗିରଫ...

ପଶି ଆକ୍ରମଣ କରିବା), ୧୩୨ (ଜନସେବା କାର୍ଯ୍ୟରେ ବାଧା ସୃଷ୍ଟି କରିବା), ୧୨୧(୧), (୧୨୧(୨), ୧୦୯ (ହତ୍ୟା ଉଦ୍ୟମ), ୩୫୧(୨)(ଅପରାଧିକ ଧମକ), ୬୨, ୧୪୦(୨), ୩୦୪, ୫୪, ୬୧(୨), ୧୮୯(୨), ୧୯୦, ୩(୫) ଦଫା ଲଗାଇଛି। ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨୯ ନମ୍ବର ୱାର୍ଡର କର୍ପୋରେଟର ଜୀବନ ରାଉତ ରହିଛନ୍ତି। ଆକ୍ରମଣ ପୂର୍ବରୁ ଜୀବନ ଏବଂ ତାଙ୍କର ସହଯୋଗୀମାନେ ଅତିରିକ୍ତ କମିଶନର ରତ୍ନାକରଙ୍କୁ ଫୋନ୍‌ରେ ଜଗା ପ୍ରଧାନଙ୍କୁ ଦୁର୍ବବ୍ୟବହାର କରିଥିବା ପଚାରିଥିଲେ। ଏହି କଥା ପରେ ତାଙ୍କୁ ଘୋଷାଡ଼ି ଘୋଷାଡ଼ି ଆଣି ଗୋଇଠା, ବିଧା ମାରିଥିଲେ। ତେବେ ଏହି ଆକ୍ରମଣ କାହା ପ୍ରରୋଚନାରେ ଘଟିଛି, ତାଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଏମ୍‌ସି କର୍ମଚାରୀଙ୍କ ପକ୍ଷରୁ ଦାବି କରାଯାଇଛି।

### ରାଜ୍ୟବାସୀ କେବେ...

ନ ଯାଉ ବୋଲି କହିଛନ୍ତି ନବୀନ। ଏହା ସହ ରାଜ୍ୟବାସୀ ଏପରି ଘଟଣାକୁ ଆଦୌ କ୍ଷମା କରିବେ ନାହିଁ ବୋଲି ସେ କହିଛନ୍ତି। ନବୀନ କହିଛନ୍ତି ଯେ ଆଜି ବିଏମସିର ଅତିରିକ୍ତ କମିଶନର ତଥା ଅତିରିକ୍ତ ସଚିବ ପାହ୍ୟାର ରତ୍ନାକର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରୁ ଟାଣି ନିଆଯାଇ ଜଣେ ବିଜେପି କର୍ପୋରେଟରଙ୍କ ସମ୍ମୁଖରେ ନିର୍ମମ ମାଡ଼ ମାରିବା ସହ ଲାତ ମାରି ଆକ୍ରମଣ କରାଯାଇଛି। ଏହି କର୍ପୋରେଟର ଜଣକ ଜଣେ ପରାଜିତ ବିଜେପି ବିଧାୟକଙ୍କ ସହ ଜଡ଼ିତ ବୋଲି ଅଭିଯୋଗ ହେଉଛି। ତେବେ ଏହାଠାରୁ ଅଧିକ ଭୟଙ୍କର ଏବି ଚିନ୍ତାଜନକ କଥା ହେଉଛି ଯେ ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଜଣେ ବରିଷ୍ଠ ଅଧିକାରୀ ଯେତେବେଳେ ତାଙ୍କ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣୁଥିଲେ, ସେତେବେଳେ ଏହି ଆକ୍ରମଣ ଘଟିଛି। ଯେଉଁମାନେ ଏହି ଆକ୍ରମଣ କରିଛନ୍ତି କେବଳ ସେମାନଙ୍କ ବିରୋଧରେ ନୁହେଁ; ବରଂ ଏହି ଲଜ୍ଜାଜନକ ଆକ୍ରମଣର ଷଡ଼ଯନ୍ତ୍ର ରଚନା କରିଥିବା ରାଜନୈତିକ ନେତାମାନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଓଏଏସ ଅଫିସର ଶ୍ରୀ ସାହୁ ତାଙ୍କ ଏଫଆଇଆରରେ ଯାହାଙ୍କର ନାମ ଉଲ୍ଲେଖ କରିଛନ୍ତି ସେମାନେ ଅପରାଧୀଙ୍କ ଭଳି ଆଚରଣ କରିଛନ୍ତି। ଯଦି ଜଣେ ବରିଷ୍ଠ ଅଧିକାରୀ ନିଜ କାର୍ଯ୍ୟାଳୟରେ ସୁରକ୍ଷିତ ନୁହନ୍ତି, ତେବେ ସାଧାରଣ ନାଗରିକ ସରକାରଙ୍କଠାରୁ କେଉଁ ଆଇନ ଶୃଙ୍ଖଳା ଆଶା କରିବେ ବୋଲି ନବୀନ ଉଦବେଗ ପ୍ରକାଶ କରିଛନ୍ତି।

### ୩୦ ବର୍ଷରେ...

କହିଛନ୍ତି ଯେ ସମସ୍ତଙ୍କ ମନବୋଲ ଭାଙ୍ଗିଯାଇଛି। ଏହା ଦେଖିବା ପରେ ବିତୃଷ୍ଣା ଭାବ ସୃଷ୍ଟି ହୋଇଛି। ଆମେମାନେ ପରିବାରକୁ ଛାଡ଼ି ଲୋକଙ୍କ ପାଇଁ କାମ କରୁଛୁ। ବହୁ ସ୍ଥାନରେ ବହୁ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛି। ହେଲେ ଅଧିକାରୀମାନେ ସବୁବେଳେ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖେ ପହଞ୍ଚାଇବାକୁ କାମ କରୁଛନ୍ତି। ଏପରି ସ୍ଥିତିରେ ଅନେକ ସମୟରେ ସରକାରୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଅନେକ ବର୍ବର କାଣ୍ଡ ଘଟିଯାଉଛି। ଏଭଳି ଘଟଣା ମୁଁ ମୋ ୩୦ ବର୍ଷର ଚାକିରୀକାଳ ଭିତରେ ଦେଖିନାହିଁ। ଏହା ଏକ ଅତ୍ୟନ୍ତ ବର୍ବର କାଣ୍ଡ। ଅସାମାଜିକ ତତ୍ତ୍ୱଙ୍କର ଏହା ସମାଜ ଉପରେ ଏକ ବଡ଼ ଆଘାତ। ଏସବୁ ଦେଖିବା ପରେ ଆଗାମୀ ଦିନରେ ଅନ୍ୟ ସ୍ଥାନରେ କାର୍ଯ୍ୟରତ ଅଧିକାରୀମାନଙ୍କ ସହ ଏପରି ଘଟିଲେ କଣ କରାଯିବ ତାହା ଏବେ ଚିନ୍ତା ବଢ଼ାଇଛି। ଏତେ ଦାୟିତ୍ୱର ସହ କାର୍ଯ୍ୟ କରିବା ପରେ ମଧ୍ୟ ରାଜଧାନୀ ଭୁବନେଶ୍ୱର ଓ ବିଏମସି ଭଳି ଏକ ଅତ୍ୟାଧୁନିକ କାର୍ଯ୍ୟାଳୟରେ ଏଭଳି ବର୍ବରକାଣ୍ଡ ଘଟିଛି। ଏହି ଘଟଣାକୁ ଆମେ ତୀବ୍ର ନିନ୍ଦା କରୁଛୁ। ଏପରି ଘଟଣା ଯେପରି ଆଗକୁ ନ ଘଟେ ସେଥିପାଇଁ ସରକାରଙ୍କ ନିକଟରେ ୩-୪ ଟି ଦାବି ରଖାଯିବ। ମୁଖ୍ୟତଃ ଯେଉଁମାନେ ଏହି ଘଟଣା ଘଟାଇଛନ୍ତି ସେମାନଙ୍କୁ ତୁରନ୍ତ ଗିରଫ କରିବା ସହ ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ସହ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟ କରାଇ ନ ଦେବା ଆଦି ସମସ୍ତ ଦଫା ଲଗାଇବା ଉଚିତ। ଏହାସହିତ ଏହି ଘଟଣା ପାଇଁ ଯିଏ ପ୍ରରୋଚନା ଦେଇଛନ୍ତି, ସେ ମଧ୍ୟ ଗିରଫ ହେବା ଦରକାର। ଯେଉଁମାନେ ଏହି ଘଟଣା ଘଟାଇବାକୁ ଆସିଥିଲେ, ସେମାନେ ଯେତିକି ଦାୟି, ଯିଏ ଏହି ଘଟଣା ପଛରେ ରହିଛନ୍ତି ସେମାନେ ଅଧିକ ଦାୟି। ତେଣୁ ସେମାନଙ୍କୁ ଗିରଫ କରି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହାସହିତ ଆଗକୁ କିପରି ଏଭଳି ଘଟଣାର ପୁନରାବୃତ୍ତି ନ ଘଟେ ଏଥିପାଇଁ ଆଗକୁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉ ବୋଲି ସଂଘ ଦାବି କରିଛି। ସବୁ ବେଳେ ସବୁ ଲୋକଙ୍କୁ ନିୟମ ଭିତରେ ସନ୍ତୋଷ କରି ହେବ ନାହିଁ। ତେଣୁ କିଛି ବ୍ୟକ୍ତି ଏଭଳି ଗୁଣ୍ଡାରାଜ୍ କରିବେ ଓ ଅଧିକାରୀମାନଙ୍କୁ କାମ କରାଇ ଦେବେ ନାହିଁ। ତେଣୁ ଅଧିକାରୀଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ଏଭଳି ନ ହେଲେ କିଛି ଅପ୍ରିତିକର ପରିସ୍ଥିତି ପାଇଁ ସରକାର ଆମକୁ ବାଧ ନ କରନ୍ତୁ ବୋଲି ସଂଘ ସଭାପତି କହିଛନ୍ତି। ପ୍ରଥମେ ଆମେ ପରିବାର ଓ ସମାଜ ପାଇଁ ଅଛୁ। ଏଥିପାଇଁ ଆମର ସୁରକ୍ଷା ଦରକାର। ଆଉ ଟିକେ ଅଧିକ ଆକ୍ରମଣ କରିଥିଲେ ହୁଏତ ତାଙ୍କ ଜୀବନ ମଧ୍ୟ ଯାଇପାରି ଥାନ୍ତା। ତେଣୁ ରାଜ୍ୟ ସରକାର ଓଏଏସ୍ ଅଧିକାରୀଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଦାବି କରିଛନ୍ତି।


OFFICE OF THE SUPERINTENDING ENGINEER:RWSS DIVISION:BERHAMPUR
Near JaradaBunglow, Pin – 760004, Ph. 0680-2296344
eerwss_bam@nic.in rwssbam@gmail.com
Government of Odisha "e" Procurement Notice
**NATIONAL COMPETITIVE BIDDING**
Bid Identification No. **EERWSSBAM- 06 /2025-26**

The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No of Work (Tender) | 04 Nos. |
| 3 | Estimated cost (Approximate) | From Rs 11.63 Lakhs to Rs 53.72 Lakhs |
| 4 | Period of completion | From 120 to 180 days |
| 5 | Date & Time of availability of bid document in the Portal. | From 02 -07-2025 at11.00 hrs to 13-07-2025 up to 17.00 hrs |
| 6 | Last date & time for seeking clarification | 11-07-2025 up to 17.00 hrs |
| 7 | Dt. of opening of Bid | 14-07-2025 at 11.00 hrs |
| 8 | Last date / Time for receipt of bids in the Portal | 13-07-2025 up to 17.00 hrs |
| 9 | Name & address of the Officer inviting tender. | Superintending Engineer, RWSS Division, Near Jarada Bunglow, Berhampur-760004, Dist. Ganjam, Odisha. |

Further details can be seen from the e-procurement portal https://tendersorissa.gov.in

Superintending Engineer
RWS&S Division, Berhampur

O-349 OIPR - 25035/11/0021/2526



**AFFIDAVIT**

I GOVIND AMMA , W/o PURNA CHANDRA ACHARY, resisdent of DHANVI TOWNSHIP, HOUSE NO.2, DONGAGUDA, Po-BARINIPUT, Jeypore, Dist-Koraput, Odisha -764006, Odisha declare by this Affidavit No.2915, Dated - 30/06/2025, that now onwards I shall be known as **GOVINDAMMA ACHARY** for all future purpose.

**AFFIDAVIT**

By virtue of an affidavit sworn before The Notary Public, Rairakhol, no.1569, dated 23/06/2025, I, **Beauty Bagh**, D/o- Subash Bagh resident of Village- Harijanpada, P.O./P.S.-Rairakhol, Dist.- Sambalpur, Pin.-768106, state that, my actual and correct name is **Beauty Bagh** but in my State Bank of India, Rairakhol Branch account my name has been wrongly noted as **Rupeli Bagh**. Hence **Beauty Bagh** and **Rupeli Bagh** is one and same person.

**AFFIDAVIT**

I, Mohammad Sajid Husen, S/o-Mohammad Sabbir resident of Vill-Baddundu, P.O-Baddundu, P.S.-Bahalda, Dist-Mayurbhanj Pin-757046, Odisha, declare by this affidavit No.440374, Dtd-03.04.2025 now onwards I shall be known as **Mohammad Sajid Hussain** for all future purposes.
**Mohammad Sajid Hussain**

**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
**6370964966**

**DOCUMENT LOST**

I, Sri Priyabrata Sahu, S/o – Brundaban Sahu of village – Singuri, PO – Kadopada, PS – Barkote, Dist – Deogarh, Odisha – 768110 state that I have passed B.Tech Engineering Mechanical Branch from GIET (Gandhi Institute of Excellent Technocrats), Gangapada, Bhubaneswar in the year 2015. The original B.Tech pass certification issued by the concerned authority has been lost near Baramunda market, Bhubaneswar on dt. 29.06.2025 at about 6:00 PM and inspite of thorough search the same could not be traced out.

**AFFIDAVIT**

I **Rajkishore Barik** (61 years), S/o-Late Babaji Barik, residing At-Kachara Sahi, Po- Pachhikote Ps-Korai, Dist- Jajpur, PIN-755019, Odisha declare by this affidavit No- 70AA745859, dated-23/06/2025, that my former name was **Raj Barik** which has been corrected to **Rajkishore Barik.** So **Raj Barik** and **Rajkishore Barik** is one and same person. Henceforth I will be known as **Rajkishore Barik** for all future purposes.
**Rajkishor Barik**

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
**CONTACT : 6371093914**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-IN BUILT-BLOCK-475, ତା.23.06.2025ରିଖ

କାର୍ଯ୍ୟର ନାମ : ସମ୍ପୂର୍ଣ୍ଣ ବ୍ଲକ୍ (Block) କାର୍ଯ୍ୟ ପ୍ରଣାଳୀ ନିମନ୍ତେ ଅନୁଗୁଳ, ତାଳଚେର ରୋଡ୍ ଏବଂ ବୁଢ଼ାପଙ୍କ ଷ୍ଟେସନର EI ସିଷ୍ଟମରେ ବ୍ଲକ୍ ଉପକରଣ ପରିବର୍ତ୍ତେ ଅନ୍ତର୍ନିର୍ମିତ (In built) ବ୍ଲକ୍‌ର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ : ₹ 1,40,72,511.00, EMD : ₹ 2,20,400/-

ବିଡ୍ ଆରମ୍ଭ ହେବା ତାରିଖ : ତା.01.07.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.07.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-298/Q/25-26

**AFFIDAVIT**

By virtue of an affidavit sworn before The Executive Magistrate, Bhawanipatana on dated 30/05/2025, I, **Asutosh Purohit**, father of Shuneyana Purohit (minor) declare that, my daughter have changed her name from **Shuneyana Purohit** to **Sunayana Purohit**. Henceforth, she will be known as **Sunayana Purohit** in all proceeding request to all person to designate and address her such assumed name of **Sunayana Purohit** accordingly.
**Ashutosh Purohit**

**AFFIDAVIT**

By virtue of an affidavit sworn before The Executive Magistrate, Nabarangpur, no.403, dated 22/05/2025, I, **MUNAWAR BEGUM**, W/o- Sheikh Shafeek resident of Danteshwari ward No.20, Jagdalpur, Po/Ps.-Jagdalpur, Dist.- Bastar (C.G.), Pin-494001, state that, the actual and correct name of my husband is **SHEIKH SHAFEEK**. My son's actual and correct name is **SHEIKH SAHIL.** Hence my son will be known as **SHEIKH SAHIL, S/o- SHEIKH SHAFEEK and MUNAWAR BEGUM** (Mother).

**AFFIDAVIT**

By virtue of an affidavit sworn before The Executive Magistrate, Nabarangpur, no.404, dated 22/05/2025, I, **MUNAWAR BEGUM**, W/o- Sheikh Shafeek resident of Danteshwari ward No.20, Jagdalpur, Po/Ps.-Jagdalpur, Dist.- Bastar (C.G.), Pin-494001, state that, the actual and correct name of my husband is **SHEIKH SHAFEEK**. My son's actual and correct name is **SHEIKH SAHIR.** Hence my son will be known as **SHEIKH SAHIR, S/o- SHEIKH SHAFEEK and MUNAWAR BEGUM** (Mother).

**AFFIDAVIT**

By virtue of an affidavit sworn before the Notary Public, Rayagada, no.10685 dtd.30.06.2025, I, Sri Monotosh Mondal, S/o- Sri Golak Mondal resident of Jagannath Mandir Street, near Opposite KNK Rice Mill Rayagada, Po/Ps/Tah/Dist.: Rayagada, Odisha state that, my name is mentioned as **Monotosh Mondal** in my son's Aadhaar Card. In his 10th Migration Certificate my name has been mentioned as **Manotosh Mondal**. Hence **Monotosh Mondal** and **Manotosh Mondal** is one and same person.

**AFFIDAVIT**

By virtue of an affidavit sworn before The Executive Magistrate, Nabarangpur, no.402, dated 22/05/2025, I, **SHAIK SHAKEEL ALI**, S/o- Shaik Amjad Ali, resident of Vill./Po.- Jatabal, Ps.-Dabugam, Dist. Nabarangpur, Odisha, Pin-764071 state that, the actual and correct name of my wife is **GAUSIYA BEGUM**. But in the Birth Certificate of my son **SHAIK NOMAAN ALI** her name has been mentioned as Gousia Bano. Hence **Gousia Bano** and **GAUSIYA BEGUM** is one and same person.

**AFFIDAVIT**

ମୁଁ, ସଶି ଶର୍ମା, ବିଧବା - ରାଜୁ ଶର୍ମା, ବସିନ୍ଦା - ବ୍ଲକ୍ ଲିଙ୍କ୍ ରୋଡ୍, କୁଆରମୁଣ୍ଡା, ପୋଷ୍ଟ - କୁଆରମୁଣ୍ଡା, ଥାନା - ବିରମିତ୍ରାପୁର, ଜିଲ୍ଲା - ସୁନ୍ଦରଗଡ଼, ଓଡିଶା, ପିନ୍ - ୭୭୦୦୩୯, ଏହି ଅଫିଡାବିଟ୍ ନଂ A/32 ତାରିଖ 30/05/2025 ଦ୍ୱାରା ଘୋଷଣା କରୁଛି ଯେ ବର୍ତ୍ତମାନରୁ ଆଗକୁ ମୋ ନାମ **ଶଶି ଶର୍ମା** ଭାବରେ ସମସ୍ତ କାର୍ଯ୍ୟପାଇଁ ବ୍ୟବହୃତ ହେବ।

### ନିଘୋଡ଼ ନିଦ୍ରାରେ ଅବକାରୀ ବିଭାଗ

# ବଢୁଛି ଅପମିଶ୍ରିତ ଦେଶୀ ମଦ ବିକ୍ରି



ନୟାଗଡ଼,୩୦।୬(ସମିସ)

ନୟାଗଡ଼ ଜିଲ୍ଲାରେ ବେଆଇନ ନିଶା କାରବାର ଚରମ ସ୍ଥିତିରେ ପହଞ୍ଚିଛି। ଜିଲ୍ଲାରେ ଅବକାରୀ ବିଭାଗ ଦ୍ୱାରା ନିଲାମପ୍ରାପ୍ତ ଦେଶୀ ମଦ ଦୋକାନରେ ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ବିକ୍ରି ହେଉନି। ଏହି ଦୋକାନଗୁଡ଼ିକ ନିଲାମ ନେଇ ମଦ ମାଫିଆମାନେ ଗଞ୍ଜାମ ଜିଲ୍ଲାରୁ ଆସୁଥିବା ଦେଶୀ ମଦ ପାଉଚ୍ ତଥା ଅପମିଶ୍ରିତ ମଦକୁ ବିକ୍ରି କରୁଛନ୍ତି। ନୟାଗଡ଼ ଜିଲ୍ଲାର ଭାପୁର, ଖଣ୍ଡପଡ଼ା, ବାଲୁଗାଁ, ଇଟାମାଟି, ନୟାଗଡ଼ ଓ ରଣପୁର ଅଞ୍ଚଳରେ ଗଞ୍ଜାମରୁ ଆସୁଥିବା କଳାହାତୀ, ନାଲିହାତୀ, ସବୁଜ ହାତୀ, ସିଂହ ଓ ଗୋଲାପ ମାର୍କା ପାଉଚ୍ ବିକ୍ରି ହେଉଛି। ଦୀର୍ଘଦିନ ହେବ ଏହି ବେଆଇନ ଦେଶୀ ପାଉଚ୍ କାରବାର ଚାଲିଥିବାବେଳେ ଅବକାରୀ ବିଭାଗ, ପୁଲିସ ନୀରବଦ୍ରଷ୍ଟା ସାଜିଛନ୍ତି।

ନୟାଗଡ଼ ଜିଲ୍ଲାକୁ ଗଞ୍ଜାମ ଜିଲ୍ଲାରୁ ଟ୍ରିପ୍ ଟ୍ରିପ୍ ଦେଶୀ ମଦ ପାଉଚ୍ ଆଣି ନିଶାଖୋର୍‌ଙ୍କ ନିକଟରେ ପହଞ୍ଚାଇ ଦିଆଯାଉଛି। ନୟାଗଡ଼ ଜିଲ୍ଲାର ବାଲୁଗାଁ, ଖଣ୍ଡପଡ଼ା, ଶରଣକୁଳ, ଭାପୁର, ନୟାଗଡ଼ ଓ ଇଟାମାଟି ଅଞ୍ଚଳକୁ ଗଞ୍ଜାମ ଜିଲ୍ଲାର ଜଣେ ମଦ ମାଫିଆ ନିଜେ ନିୟନ୍ତ୍ରଣ କରୁଛି। ଇଟାମାଟି ଅଞ୍ଚଳରେ ଗୋଲାପ ଫୁଲ ମାର୍କା ପାଉଚ୍ ବିକ୍ରି ହେଉଥିବାବେଳେ ଖଣ୍ଡପଡ଼ାରେ କଳାହାତୀ, ଭାପୁରରେ ନାଲି ହାତୀ ମାର୍କା ପାଉଚ୍ ବିକ୍ରି କରାଯାଉଛି। ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦ ବିକ୍ରି କରାଯାଉନାହିଁ। ନୟାଗଡ଼ ଜିଲ୍ଲାରେ ଶସ୍ତା ପାଉଚ୍ ମଦ ବିକ୍ରି କରାଯାଉଥିବା ବେଳେ ସରକାରୀ ଯୋଗାଣ ଆସ୍କା ୪୦କୁ ନୟାଗଡ଼ ଜିଲ୍ଲାର ବିଭିନ୍ନ କାଉଣ୍ଟର ନାଁରେ ବିଲ୍ କରି ଅନ୍ୟ ଜିଲ୍ଲାକୁ ପଠାଯାଉଛି। ପ୍ରତ୍ୟେକ ଦିନ ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ବୋଝେଇ ଦେଶୀ ମଦ ପାଉଚ୍ ନୟାଗଡ଼ ଜିଲ୍ଲାକୁ ଆସୁଛି। ଓଡ଼ଗାଁ, ଦର୍ପନାରାୟଣପୁରଠାରୁ ସୁନାଖଳା ପର୍ଯ୍ୟନ୍ତ ଅଞ୍ଚଳ ଏବଂ ଚାନ୍ଦପୁର, କେରେଣ୍ଡାଟାଙ୍ଗୀ ଅଞ୍ଚଳକୁ ରଣପୁର ଅଞ୍ଚଳର ଜଣେ ମଦ ମାଫିଆ କଣ୍ଟ୍ରୋଲ କରୁଛି। ଉକ୍ତ ଅଞ୍ଚଳକୁ ଗଞ୍ଜାମ ମଦ ମାଫିଆ ଅପମିଶ୍ରିତ ମଦ ଯୋଗାଣ କରୁଛନ୍ତି। ୫ ଟଙ୍କାରେ ମିଳୁଥିବା ପାଉଚ୍ ମଦକୁ ଏମାନେ ନୟାଗଡ଼ ଜିଲ୍ଲାର ଗ୍ରାହକଙ୍କୁ ୨୫ରୁ ୩୦ ଟଙ୍କାରେ ବିକ୍ରି କରୁଛନ୍ତି। ଅବକାରୀ ବିଭାଗ, ବିଭିନ୍ନ ଥାନା ପୁଲିସକୁ ମାସିକ ଚାନ୍ଦା ଦେଇ ଗଞ୍ଜାମ ମଦ ମାଫିଆ ଜିଲ୍ଲାର ଅଧା ଅଞ୍ଚଳରେ ରାଜୁତି ଆରମ୍ଭ କରିଛନ୍ତି। କେବଳ ସରକାରୀ ଖାତା ଖତିଆନରେ ଦେଶୀ ମଦ ତଥା ଆସ୍କା ୪୦ ବେପାର ହେଉଥିବାବେଳେ ବାସ୍ତବରେ ଅପମିଶ୍ରିତ ପାଉଚ୍ ମଦ କାରବାର ହେଉଛି। ଦେଶୀ ମଦ ଦୋକାନ ନିଲାମ ନାଁରେ ଏମାନେ ଉକ୍ତ ଅଞ୍ଚଳକୁ ନିଜର ଆଜ୍ଞା ଭାବେ ଅକ୍ତିଆର କରିଛନ୍ତି। ବିଭିନ୍ନ ଥାନା ଅଞ୍ଚଳରେ ଏହି ବେଆଇନ ଦେଶୀ ମଦ କାରବାର ହେଉଥିବାବେଳେ ପୁଲିସ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ମଦ ମାଫିଆମାନେ ଥାନାକୁ ମାସିକ ଚାନ୍ଦା ଦେଇ ସେମାନଙ୍କ କାରବାର ବୃଦ୍ଧି କରି ଚାଲିଛନ୍ତି। ଏହି ଅପମିଶ୍ରିତ ପାଉଚ୍ ମଦ ପାଇଁ ଗଞ୍ଜାମ ଜିଲ୍ଲାରେ ମଦମୃତ୍ୟୁ ଘଟଣା ଘଟିଥିବାବେଳେ ନୟାଗଡ଼ ଜିଲ୍ଲାରେ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଅପମିଶ୍ରିତ ମଦପିଇ ଅନେକ ନିଶାଡ଼ିଙ୍କ ପରିବାର ଉଜୁଡ଼ି ପଡୁଥିବାବେଳେ ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଅଞ୍ଚଳରେ ଚାଲୁଥିବା ଏହି ବେଆଇନ ଦେଶୀ ମଦ କାରବାର ପଛରେ ଜଣେ ଅବକାରୀ ବିଭାଗ କନେଷ୍ଟବଳ ମଧ୍ୟସ୍ଥି ସାଜିଥିବା ଅଭିଯୋଗ ହେଉଛି। ଗଞ୍ଜାମ ମଦ ମାଫିଆ ଏବଂ ଅବକାରୀ ଅଧିକାରୀଙ୍କ ମଧ୍ୟରେ ସେ ଯୋଗସୂତ୍ର ରକ୍ଷା କରି ବେପାର ବଢ଼ାଇବାରେ ସହଯୋଗ କରୁଥିବା ଆଲୋଚନା ହେଉଛି। ନୟାଗଡ଼ ଜିଲ୍ଲା ଅବକାରୀ ଅଧୀକ୍ଷକ ଏସବୁ ଜାଣି ନୀରବଦ୍ରଷ୍ଟା ସାଜିଥିବା ଆଲୋଚନା ହେଉଛି। ସରକାରଙ୍କ ରାଜସ୍ୱ ବୃଦ୍ଧି ସହ ନିଜସ୍ୱ ରାଜସ୍ୱ ବୃଦ୍ଧି ପାଉଥିବାରୁ ସମସ୍ତେ ଜାଣିଶୁଣି ଅପମିଶ୍ରିତ ନିଶା କାରବାରକୁ ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି।

- କିଏ ଯୋଗାଉଛି ହାତୀ, ସିଂହ ମାର୍କା ପାଉଚ୍
- ମାଫିଆଙ୍କ ଆଗରେ ମୁଣ୍ଡ ନୁଆଁଇଛି ବିଭାଗ
- ଖଣ୍ଡପଡ଼ାରେ କନେଷ୍ଟବଲ ସାଜିଛନ୍ତି ମଧ୍ୟସ୍ଥ
- ଥାନା ନେଉଛି ଚାନ୍ଦା; ପ୍ରଶାସନ ଚୁପ୍

### କିଏ ସେ 'ଓମ୍'

ଗଞ୍ଜାମ ଜିଲ୍ଲାରୁ ନିୟନ୍ତ୍ରଣ ହେଉଥିବା ଏହି ବେଆଇନ ମଦ କାରବାର ପଛରେ ଓମ୍ ନାମକ ଜଣେ ବ୍ୟକ୍ତିଙ୍କ ହାତ ଥିବା ନେଇ ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିଛି। ଅବକାରୀ କର୍ମଚାରୀମାନେ ପରୋକ୍ଷରେ ଏହାକୁ ସ୍ୱୀକାର କରିଥିବାବେଳେ ସମସ୍ତ ଚାନ୍ଦା ଆଗରେ ଚୁପ୍ ବୋଲି ଆଲୋଚନା ହେଉଛି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ନିହାତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ନଚେତ୍ ନୟାଗଡ଼ରେ ମଦମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ଆଲୋଚନା ହେଉଛି।

### ● ଲୁଟେରାଙ୍କ ଟାର୍ଗେଟ୍‌ରେ ସୁନାମୁହିଁ ପର୍ଯ୍ୟଟନସ୍ଥଳୀ

## ମୂଲ୍ୟବାନ ସାମଗ୍ରୀ ଚୋରି ପରେ ବି ଚେତୁନି ପ୍ରଶାସନ



ଖଣ୍ଡପଡ଼ା,୩୦।୬(ସମିସ): ଖଣ୍ଡପଡ଼ା ସହର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀରେ ଲୁଟେରା ଓ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବେଳକୁବେଳ ବୃଦ୍ଧି ପାଇବାରେ ଲାଗିଛି। ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀର ସାମଗ୍ରିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଜରିଆରେ ଓ କ୍ଷୁଦ୍ର ଜଳସେଚନ ବିଭାଗ ଜରିଆରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। ମାତ୍ର ପର୍ଯ୍ୟଟନସ୍ଥଳୀର ସୁରକ୍ଷା ଦିଗ ପ୍ରତି ପ୍ରଶାସନ ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ଏହାର ସୁଯୋଗ ନେଇ ଖଣ୍ଡପଡ଼ା ସହରର ଜନବସତିଠାରୁ ଦୂରରେ ଥିବା ଏହି ପର୍ଯ୍ୟଟନସ୍ଥଳୀ ଉପରେ ଅସାମାଜିକ ଯୁବକ ଓ ଲୁଟେରାଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିବା ଜଣାପଡ଼ିଛି। ପର୍ଯ୍ୟଟନସ୍ଥଳୀ ପରିସରରୁ ବହୁ ମୂଲ୍ୟବାନ ସାମଗ୍ରୀ ଲୁଟ୍‌ପାଟ୍ ହୋଇଥିଲେ ହେଁ ପ୍ରଶାସନିକ ଅଧିକାରୀମାନେ ସବୁ ଜାଣି କିଛି ନ ଜାଣିବା ଭଳି ଅଭିନୟ କରୁଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ଏହି ପର୍ଯ୍ୟଟନସ୍ଥଳୀଟି ରହିଛି। ଦୈନିକ ଶହଶହ ସଂଖ୍ୟାରେ ଜନସାଧାରଣ ଏହି ପର୍ଯ୍ୟଟନସ୍ଥଳୀକୁ ପରିଦର୍ଶନରେ ଆସୁଥିବାବେଳେ ସେଠାରେ ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଥିବା ବ୍ୟାୟାମ ଉପକରଣଗୁଡ଼ିକୁ ଦେଖି ଦୁଃଖ ପ୍ରକାଶ କରୁଛନ୍ତି। ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀର ସୁରକ୍ଷା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

## ୫ ମାସ ହେଲା ଝିଅ ନିଖୋଜ; ପୁଲିସ ନେଉନି ପଦକ୍ଷେପ

### ଏସ୍‌ପିଙ୍କୁ ଭେଟିଲେ ପରିବାର

ନୟାଗଡ଼,୩୦।୬(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ପୁଲିସ ଏକ ଅଭିଯୋଗର ୫ ମାସ ପରେ ବି କୌଣସି ପଦକ୍ଷେପ ନେଉ ନ ଥିବା ନେଇ ସୋମବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ଝିଅ ନିଖୋଜ ନେଇ ପରିବାର ଲୋକେ ଏତଲା ଦେଇଥିଲେ ସୁଦ୍ଧା ପୁଲିସ ଉଦ୍ଧାର କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଜଣାପଡ଼ିଛି।

ନୟାଗଡ଼ ଜିଲ୍ଲା ରଣପୁର ଥାନା ହରିପୁର ଗାଁର ଶରତ ପରିଡ଼ା ଏବଂ କୁମୁଦିନୀ ଦେଇଙ୍କ ୨୨ ବର୍ଷର ଝିଅ ନିରୂପମା ବିଏ ପାସ୍ କରିବା ପରେ ଭୁବନେଶ୍ୱର ପାତ୍ରପଡ଼ାରେ ଜଣେ ବ୍ୟକ୍ତିଙ୍କ ଘରେ କେୟାରଟେକର ଭାବେ କାମ କରୁଥିଲେ। ଗତ ଜାନୁଆରୀ ୨୪ ତାରିଖରେ ନିଜର ସାର୍ଟିଫିକେଟ୍ ନେବା ପାଇଁ ଗାଁକୁ ଆସୁଥିବା ମା'ଙ୍କୁ ଫୋନ୍ କରିଥିଲେ। ଏପରିକି କେଉଁ ବସ୍‌ରେ ଆସୁଥିବା ମା'ଙ୍କୁ ମଧ୍ୟ କହିଥିଲେ। ହେଲେ ସେ ଘରକୁ ଆସିନଥିଲେ। ବହୁ ଖୋଜାଖୋଜି ପରେ ନିରାଶ ହୋଇ ରଣପୁର ଥାନାରେ ୨୬ ତାରିଖରେ ଶରତ ଅଭିଯୋଗ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ପୁଲିସ କୌଣସି ପଦକ୍ଷେପ ହେଲା ନାହିଁ ବୋଲି ବାପା-ମାଆ ଅଭିଯୋଗ କରିଛନ୍ତି। ଝିଅ ନାମରେ ଥିବା ଆକାଉଣ୍ଟରୁ ଜାନୁଆରୀ ୨୫ ଏବଂ ୨୬ ତାରିଖରେ ଗାଁ ନିକଟ ମଝିଆଖଣ୍ଡ ଏଟିଏମ୍‌ରୁ ୬୦ ହଜାର ଟଙ୍କା ଉଠାଯାଇଥିବା ପରିବାର ଲୋକେ କହିଛନ୍ତି। ଗାଁର ଜଣେ ଯୁବକ ଝିଅକୁ କେଉଁଆଡ଼େ ନେଇ ଛାଡ଼ି ଦେଇଥିବା ପରିବାର ଲୋକେ ଥାନାରେ କହିଥିଲେ ମଧ୍ୟ ପୁଲିସ ତାକୁ ପଚରାଉଚରା କରୁନଥିବା ସେମାନେ ଅଭିଯୋଗ କରିଛନ୍ତି। ଶେଷରେ ନିରାଶ ହୋଇ ସୋମବାର ଉଭୟ ବାପା-ମାଆ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## କଳାକାର ସଙ୍ଘ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଶରଣକୁଳ,୩୦।୬(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ଗାଁ ବ୍ଲକ୍ କଳାକାର ସଙ୍ଘ ମିଳିତ ସହଯୋଗରେ ନିଶାଦ୍ରବ୍ୟ, ଅପମିଶ୍ରିତ ଖାଦ୍ୟ ଓ ମାଦକ ଦ୍ରବ୍ୟ ବ୍ୟବହାର ବିରୋଧରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଗୋଡ଼ିପଡ଼ା ଅଞ୍ଚଳର ୪ଟି ପଞ୍ଚାୟତରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗାୟକ କଳାନିଧି ମନୋଜ କୁମାର ମିଶ୍ରଙ୍କ ସହିତ ଦୀନବନ୍ଧୁ ପୃଷ୍ଟି, ଫକୀର ସେନାପତି, ରାମଚନ୍ଦ୍ର ମହାରଣା, ମନମୋହନ ବିଶ୍ୱାଳ, ପଦ୍ମଲୋଚନ ମଲ୍ଲ ଓ ରାଜେଶ ମିଶ୍ର ଲୋକକଳା ପାଲା ମାଧ୍ୟମରେ ଭାଲିଆଡିହି, ପଞ୍ଚୁମୁ, କାଜଳାଇପଲ୍ଲୀ, ଡିମିଶର ଗ୍ରାମ ପଞ୍ଚାୟତ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

### ■ ଜମି କିଣିବାକୁ ରଖିଥିଲେ ଟଙ୍କା; କଳାକନା ବୁଲାଇଲେ ଲୁଟେରା

# ୬ ଲକ୍ଷ ଟଙ୍କା ଓ ୩୦୦ ଗ୍ରାମ୍ ସୁନା ଅଳଙ୍କାର ଲୁଟ୍



ନୟାଗଡ଼,୩୦।୬(ସମିସ): ନୟାଗଡ଼ ସହର ନିକଟସ୍ଥ ନବଘନପୁର ଗାଁର ଜଣେ ବ୍ୟକ୍ତିଙ୍କ ଘରୁ ବଡ଼ଧରଣର ଚୋରି ହୋଇଛି। ଚୋରମାନେ ଘରେ ଥିବା ଲୋକଙ୍କୁ ତାଲା ପକାଇ ଟଙ୍କା, ସୁନା ଲୁଟିନେଇଛନ୍ତି। ରବିବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆଶଙ୍କା ସୃଷ୍ଟି ହୋଇଛି। ଟାଉନ୍ ଥାନା ପୁଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଥିବା ସୂଚନା ମିଳିଛି। ନବଘନପୁର ଗାଁର ଅଞ୍ଜନ ପ୍ରଧାନଙ୍କ ଘରୁ ବ୍ୟାପକ ସୁନା ଓ ଅଳଙ୍କାର ଚୋରି ହୋଇଛି। ସେ ରବିବାର ରାତିରେ ପରିବାର ସହ ଶୋଇଥିଲେ। ରାତି ୩ଟା ବେଳକୁ ଉଠି ତାଙ୍କ ଘରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଚୋରମାନେ ଘର ପଛପଟୁ ଭିତରକୁ ପଶିଥିବା ଜଣାପଡ଼ିଛି। ପଛପାଖରୁ ୩ଟି ଗେଟ୍ ଓ କବାଟ ତାଲା ଭାଙ୍ଗି ଚୋରମାନେ ଘର ଭିତରେ ପଶିଥିବା ଅନୁମାନ କରାଯାଉଛି। ଅଞ୍ଜନ ଏବଂ ତାଙ୍କ ପରିବାର ଶୋଇଥିବା ରୁମ୍‌ରେ ତାଙ୍କୁ ତାଲା ପକାଇ ଦେଇଥିଲେ। ଘରର ଉପର ମହଲା ଏବଂ ତଳ ମହଲାରେ ଥିବା ତାଙ୍କ ଭାଇଙ୍କ ରୁମ୍‌ରୁ ସମସ୍ତ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ହୋଇଛି। ଜାଗା କିଣିବା ପାଇଁ ରଖିଥିବା ୬ ଲକ୍ଷ ଟଙ୍କା ଏବଂ ୩୦୦ ଗ୍ରାମ୍ ସୁନା ଅଳଙ୍କାର ଚୋରି ହୋଇଥିବା ଅଞ୍ଜନ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ସମସ୍ତ ସୁନା ଅଳଙ୍କାର ମୂଲ୍ୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏକ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ଏହା ସହିତ ସାଇଣ୍ଟିଫିକ୍ ଟିମ୍ ସହାୟତା ନିଆଯାଇଛି। ଏହି ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ବିଭିନ୍ନ ସ୍ଥାନରେ ରହିଥିବା ସିସିଟିଭିକୁ ଆଧାର କରି ତଦନ୍ତ ଚଳାଇଛି।

### ବଢୁଛି ଚୋରି, ଡକାୟତି ଓ ରାହାଜାନୀ

ନୟାଗଡ଼ ସହର ଏବଂ ଆଖପାଖ ଅଞ୍ଚଳରେ ଚୋରି, ଡକାୟତି ଓ ରାହାଜାନୀ ଦିନକୁ ଦିନ ବୃଦ୍ଧି ପାଉଛି। ପୁଲିସ ଲୁଟେରାଙ୍କ ଟେର୍ ମଧ୍ୟ ପାଉନାହିଁ। ଅନେକ ଚୋରି ଘଟଣା ଉପରୁ ରହସ୍ୟ ଖୋଲାଯାଇପାରୁ ନାହିଁ। ନୟାଗଡ଼ ଲକ୍ଷ୍ମଣନଗର ଚୋରି ଘଟଣା ତାହା ମଧ୍ୟରୁ ଗୋଟିଏ। ଗତ ବର୍ଷକ ମଧ୍ୟରେ ସହରରୁ ଅନେକ ଲୋକଙ୍କ ଘରୁ ଚୋରି ହୋଇଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଧରିବାରେ ସଫଳ ହୋଇନାହିଁ। ଜିଲ୍ଲା ତଥା ରାଜ୍ୟ ବାହାରୁ ଲୁଟେରାମାନେ ଆସି ଲୁଟ୍ କରି ଚାଲି ଯାଉଥିବା ଅନୁମାନ କରାଯାଉଛି। ଯାହାର ଚୋରି ହେଉଛି, ସେ ତଳିତଳାନ୍ତ ହୋଇପଡୁଥିବାବେଳେ ଚୋରି ସାମଗ୍ରୀ ଉଦ୍ଧାର ହୋଇପାରୁନାହିଁ।

## ଝାଡ଼ାବାନ୍ତିରେ ଜଣେ ମୃତ

ନୟାଗଡ଼,୩୦।୬(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଜଣେ ବ୍ୟକ୍ତିଙ୍କ ଝାଡ଼ାବାନ୍ତି କାରଣରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଶରଣକୁଳ ଥାନା ଅନ୍ତର୍ଗତ ମଗରବନ୍ଧ ଗାଁର ସନ୍ୟାସୀ ନାୟକ। ସେ ଗତ ୭ଦିନ ହେବ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇଥିଲେ। ମଗରବନ୍ଧ ଡାକ୍ତରଖାନାକୁ ଆସି ଔଷଧ ନେଇ ଖାଉଥିଲେ। ରବିବାର ଜ୍ୱର ସହ ଝାଡ଼ାବାନ୍ତି ହୋଇ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା। ତାଙ୍କୁ ପରିବାର ଲୋକେ ରାତି ୧ଟା ବେଳକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଶରଣକୁଳ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଝାଡ଼ାବାନ୍ତିରେ ସନ୍ୟାସୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଥିବାବେଳେ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ ବୋଲି ଏଡିଏମ୍‌ଓ ଶତ୍ରୁଘ୍ନ ନାୟକ ଗଣମାଧ୍ୟମକୁ କହିଛନ୍ତି। ଜିଲ୍ଲାରେ ଝାଡ଼ାବାନ୍ତି ରୋଗ ନିୟନ୍ତ୍ରଣାଧୀନ ଥିବାବେଳେ ଏଭଳି ଅଭିଯୋଗ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ାଇଛି।

### ● ୧୫ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ; ୧୬ ଅଧପନ୍ତରିଆ

# ବାରଣ୍ଡାରେ ଚାଲିଛି ଶିଶୁ ବିକାଶ ଯୋଜନା

ଗଣିଆ,୩୦।୬(ସମିସ): ରାଜ୍ୟ ଓ କେନ୍ଦ୍ର ସରକାର କୋମଳମତି ଶିଶୁଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି ଅନେକ କାର୍ଯ୍ୟ ହାତକୁ ନେଉଛନ୍ତି। ଏଥିପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ରେ ଏହା ଉପହାସ ସଦୃଶ ହୋଇଛି। ଅନେକ ସ୍ଥାନରେ ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ନିଜସ୍ୱ ଗୃହ ନ ଥିବାରୁ ଶିଶୁମାନେ ବିଦ୍ୟାଳୟ ବାରଣ୍ଡା ତଥା କର୍ମୀଙ୍କ ଘର ବାରଣ୍ଡାରେ ପାଠ ପଢୁଛନ୍ତି। ଗାଁ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯାଇ ଶିଶୁମାନଙ୍କୁ ସରକାର ମାଗଣାରେ ପୋଷାକଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ଦିଆଯାଉଥିବାବେଳେ ପ୍ରତି କେନ୍ଦ୍ରରେ ପାଚିକା ସହାୟିକା ନିଯୁକ୍ତି ହୋଇଛନ୍ତି। ବ୍ଲକ୍‌ଗୁଡ଼ିକରେ ଥିବା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧୀନରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ପରିଚାଳନା କରାଯାଉଛି। ତେବେ ଏହି କେନ୍ଦ୍ରଗୁଡ଼ିକ ପ୍ରକୃତରେ ଠିକ୍‌ରେ ଚାଲିଛି କି ନାହିଁ ଅଥବା ସେମାନଙ୍କର ଆବଶ୍ୟକତା ପୂରଣ ହୋଇଛି କି ନାହିଁ ସେକଥା କେହି ବିଚାରକୁ ନେଉନାହାନ୍ତି। ଫଳରେ କେଉଁଠି କେନ୍ଦ୍ରଗୁଡ଼ିକର ନିଜସ୍ୱ ଗୃହ ନାହିଁ ତ ଆଉ କେଉଁଠି ସ୍କୁଲ ବାରଣ୍ଡାରେ ଚାଲିଛି। କେଉଁଠି ଗୃହ ଥିଲେ ମଧ୍ୟ ପିଲା ନାହାନ୍ତି କିମ୍ବା ଆବଶ୍ୟକୀୟ ଭିତ୍ତିଭୂମି ନାହିଁ। ସିଡିପିଓ ଉଷାରାଣୀ ସାହୁଙ୍କଠାରୁ ମିଳିଥିବା ତଥ୍ୟ ଅନୁସାରେ, ଗଣିଆ ବ୍ଲକ୍‌ରେ ୮୨ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ସେଥିମଧ୍ୟରୁ ୧୫ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ୧୬ଟି ଗୃହ ଅଧପନ୍ତରିଆ ହୋଇ ପଡ଼ିରହିଛି। ଗୃହଗୁଡ଼ିକ ଦୀର୍ଘଦିନ ହେବ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ। ଗଣିଆ ବ୍ଲକ୍ ପ୍ରଶାସନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ବର୍ଷ ବର୍ଷ ଧରି ସମୟ ଅତିବାହିତ କରୁଛି। ୧୫ଟିର ନିଜସ୍ୱ ଗୃହ ନ ଥିବାରୁ ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘର ନ ଥିବାରୁ ସ୍କୁଲ ବାରଣ୍ଡାରେ କେନ୍ଦ୍ର ଚାଲୁ ରହିଛି। ବର୍ଷା ସମୟରେ କୋମଳମତି ଶିଶୁମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଅସମ୍ପୂର୍ଣ୍ଣ ଥିବା ଗୃହଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।

## ବିଶ୍ୱ କଲ୍ୟାଣ ପାଇଁ ଶୈବଯଜ୍ଞ

ଓଡ଼ଗାଁ,୩୦।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ସନ୍ନିକଟ ପନ୍ତିଖାରି ଗ୍ରାମପଞ୍ଚାୟତ ମଶାବାରି ଗ୍ରାମରେ ବିଜେ ଶ୍ରୀନୀଳକଣ୍ଠେଶ୍ୱରଙ୍କ ପୁଣ୍ୟ ପୀଠରେ ତ୍ରିଦିବସୀୟ ବିଶ୍ୱଶାନ୍ତି ଶୈବଯଜ୍ଞ ଏବଂ ବାର୍ଷିକୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଆଚାର୍ଯ୍ୟ ଲଳିତ ମୋହନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପ୍ରଚାରକ ଗୋଦାବରୀଶ ହୋତା, ବ୍ରହ୍ମା ଅଭିଷେକ ସର୍ବେଶ୍ୱର ଦାଶ, ଚଣ୍ଡୀପାଠ ଜଳନ୍ଧର ରଥ, ଚରୁ ହେମନ୍ତ କୁମାର ହୋତା, ସମିଧ ପ୍ରଦିପ କୁମାର ଦାଶ, ଦ୍ୱାର ଅଶୋକ କୁମାର ଷଡ଼ଙ୍ଗୀ, ଅରୁପ ବିହାରୀ ଆଚାର୍ଯ୍ୟ, ଚିନ୍ମୟ ହୋତା, ଚନ୍ଦ୍ରଶେଖର ତ୍ରିପାଠୀ, ଗିରିଶ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ବୈଦିକ ବ୍ରାହ୍ମଣମାନେ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ମଶାବାରି ଗାଁର ପବିତ୍ର ମହାନ୍ତି ଦମ୍ପତି କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରିଥିବାବେଳେ ମଶାବାରି ଗ୍ରାମର ଜନସାଧାରଣ ସହଯୋଗ କରିଥିବାବେଳେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଓଡ଼ଗାଁ ବନାଞ୍ଚଳ ଅଧିକାରୀଙ୍କ ଅବସର

ଓଡ଼ଗାଁ,୩୦।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଲେଶ ମଲ୍ଲିକ ସୋମବାର ସରକାରୀ କାର୍ଯ୍ୟରୁ ଅବସରଗ୍ରହଣ କରିଛନ୍ତି। ବନପାଳ ସରିତା ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଅବସରକାଳୀନ ସଭାରେ ପ୍ରକୃତି ବନ୍ଧୁ ପ୍ରଫୁଲ୍ଲ ମାଝୀ, ସୁକାନ୍ତ ଚୌଧୁରୀ, ପଞ୍ଚାନନ ପଣ୍ଡା, ରଞ୍ଜନ କୁମାର ଦାଶ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର, ସାରସ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଓଡ଼ଗାଁ ବନାଞ୍ଚଳରେ ଅଧିକାରୀଙ୍କ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ, ବନ୍ୟପ୍ରାଣୀ ସୁରକ୍ଷା, ଅଗ୍ନି ନିର୍ବାପନ କାର୍ଯ୍ୟ, କାଠ ମାଫିଆଙ୍କୁ ଦମନ ଭଳି କାର୍ଯ୍ୟ ସହିତ ଚନ୍ଦ୍ରମଣି ତୋଟା ନିକଟରେ ସୃଷ୍ଟି କରିଥିବା ସହରାଞ୍ଚଳ ବନୀକରଣ କାର୍ଯ୍ୟ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ ଜଣେ ସରଳ, ଶିଷ୍ଟ, ଶାନ୍ତ, ନିଷ୍କପଟ ଓ ଅମାୟିକ ମଣିଷ ଭାବେ ଉତ୍ତମ ବ୍ୟବହାର ଦ୍ୱାରା କର୍ମଚାରୀଙ୍କୁ ପ୍ରଭାବିତ କରିଥିଲେ। ଏଣୁ ଅଫିସର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିପାରୁଥିବା କର୍ମଚାରୀମାନେ କହିଥିଲେ। ଶେଷରେ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଦ୍ୱାରା ତାଙ୍କୁ ଉପହାର, ଉପଢୌକନ ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୩୦।୬(ସମିସ): ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଗ୍ରନ୍ଥାଗାରିକ ବଂଶୀଧର ହରିଚନ୍ଦନ ସୋମବାର କାର୍ଯ୍ୟରୁ ଅବସରଗ୍ରହଣ କରିଛନ୍ତି। ଏ ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ଡ. ସ୍ୱଚ୍ଛ ସଲୀଳା ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଅଧ୍ୟାପକ ବଳରାମ ସାହୁ, ଭାଗିରଥି ମହାରଣା, ପ୍ରିୟରଞ୍ଜନ ରଥ, ଗୋପବନ୍ଧୁ ଚୌଧୁରୀଙ୍କ ସମେତ ଅନ୍ୟ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅବସରଗ୍ରହଣ କରିଥିବା ଗ୍ରନ୍ଥାଗାରିକ ଶ୍ରୀ ହରିଚନ୍ଦନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନୁଷ୍ଠାନର ସମସ୍ତ କର୍ମଚାରୀ ଅବସରପ୍ରାପ୍ତ କର୍ମଚାରୀଙ୍କ ନିରାମୟ ଜୀବନ କାମନା କରିଥିଲେ।

## ଅନ୍ଧାରରେ ନୀଳମାଧବଙ୍କ ପୂର୍ବଦ୍ୱାର

କଣ୍ଟିଲୋ,୩୦।୬(ସମିସ): ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଚାଲିଥିବାବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଜଗନ୍ନାଥଙ୍କ ଦର୍ଶନ ସହିତ ଜଗନ୍ନାଥଙ୍କ ଆଦିପୀଠ ଭାବେ ପରିଚିତ ଶ୍ରୀନୀଳମାଧବଙ୍କ ଦର୍ଶନ ପାଇଁ ପ୍ରତ୍ୟହ ଆସୁଛନ୍ତି। ଏହା ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଓ ନୟାଗଡ଼ ଜିଲ୍ଲାରେ ନୀଳମାଧବ କ୍ଷେତ୍ର ନାମରେ ପରିଚିତ। ପୂର୍ବ ସରକାରରେ ମନ୍ଦିରର ବିକାଶ ପାଇଁ ୧୦୦ କୋଟି ଟଙ୍କା ଅଟକଳ କରାଯାଇଥିଲେ ମଧ୍ୟ ତାହା ଏଯାବତ୍ ଅସମ୍ପୂର୍ଣ୍ଣ। ମନ୍ଦିରର ବିକାଶ ପ୍ରକଳ୍ପ ବଂଶଲ ଘରୋଇ ସଂସ୍ଥା ନିଜ ହାତକୁ ନେଇଥିବାବେଳେ ମନ୍ଦିରର ମୁଖ୍ୟଦ୍ୱାର ତଥା ପୂର୍ବଦ୍ୱାର ସମ୍ପୂର୍ଣ୍ଣ ଅନ୍ଧକାରମୟ। ଯାହା ସ୍ଥାନୀୟ ବାସିନ୍ଦା ଓ ଯାତ୍ରୀମାନଙ୍କ ମନରେ ତୀବ୍ର ଅସନ୍ତୋଷଭାବ ସୃଷ୍ଟି ହେଉଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



### ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

# ବିନା ଟେଣ୍ଡରରେ ୫୦ ଲକ୍ଷର କାର୍ଯ୍ୟକୁ ନେଇ ଉଦ୍‌ବେଗ

ଗଣିଆ,୩୦।୬(ସମିସ): ଗଣିଆ ବ୍ଲକ୍ ସଭାଗୃହରେ ନୟାଗଡ଼ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ତହସିଲଦାର ପ୍ରିତିବାଳା ରଣା, ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରାଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବନ ବିଭାଗ, କୃଷି, ପ୍ରାଣୀ ଚିକିତ୍ସା ବିଭାଗ, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ। ଗଣିଆ ରଘୁନାଥଜୀଉ ମହାବିଦ୍ୟାଳୟ ପରିସରରେ ୫୦ ଲକ୍ଷ ଟଙ୍କାର କାର୍ଯ୍ୟ ଡିପାର୍ଟମେଣ୍ଟାଲି ହେଉଥିବାରୁ ଏହି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରିବାକୁ ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା ଗତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ଆଜି ପର୍ଯ୍ୟନ୍ତ କାହିଁକି ଟେଣ୍ଡର ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ। ବିଡିଓ ଅନୁପସ୍ଥିତ ଥିବାରୁ ତାଙ୍କ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଜଣାଇଥିଲେ। ଗଣିଆ କଳା ଓ ସଂସ୍କୃତି ସଂଘ ସଦସ୍ୟ ଜିଲ୍ଲାପାଳଙ୍କୁ ଭେଟି କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା କଳାକାରଙ୍କୁ ଭତ୍ତା ପ୍ରଦାନ କରିବାକୁ ଦାବି କରିଥିଲେ। ନଚେତ୍ ଆଗାମୀ ଦିନରେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ବିଜୟନଗରରେ ସୋଲାର ପାନୀୟଜଳ ପ୍ରକଳ୍ପ ଅଚଳ ହୋଇଥିବାରୁ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଧବା ଭତ୍ତା, ପାନୀୟଜଳ, ରାସନ କାର୍ଡ ସମ୍ପର୍କିତ ବହୁ ଅଭିଯୋଗ ଶୁଣାଣି ହୋଇଥିଲା। ସୋମବାର ୬୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ୨୦ଟି, ରାସନ କାର୍ଡ ୯ଟି, ଭତ୍ତା ୫ଟି, କଳାକାର ଭତ୍ତା ୨ଟି, ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା ୭ ଜଣ, ପାନୀୟଜଳ ୪ଟି, ମନରେଗା ୧ ଏବଂ ଅନ୍ୟାନ୍ୟ ୧୫ଟି ବୋଲି ଜଣାପଡ଼ିଛି। କିଶୋରପ୍ରସାଦ ଭରତ ରାଉତଙ୍କୁ ଜିଲ୍ଲାପାଳ ଟ୍ରାଇ ସାଇକଲ ପ୍ରଦାନ କରିଥିଲେ। ରାଉତପଡ଼ାର ବିକ୍ରମ ରଣାଙ୍କୁ ୨୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା ରାଶି ପ୍ରଦାନ କରାଯାଇଥିଲା।




# ପାନୀୟଜଳ ଯୋଗାଣ ବିପର୍ଯ୍ୟସ୍ତ; ଲୋକେ ହନ୍ତସନ୍ତ

■ ପାଇପ୍ ଫାଟି ରାସ୍ତାସାରା ଭାସୁଛି ଜଳ
■ ଚ୍ୟାମ୍ବରରେ ଘୋଡ଼ଣି ନାହିଁ; ଜମିରହୁଛି ଆବର୍ଜନା

ବାଲୁଗାଁ,୩୦।୬(ସମିସ)

ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର ବ୍ୟୟରେ 'ବସୁଧା' ଯୋଜନାରେ ଘରେ ଘରେ ମଧୁର ପାନୀୟଜଳ ଯୋଗାଣର ସୁବ୍ୟବସ୍ଥା କରାଯାଇଥିବାବେଳେ ବାଲୁଗାଁ-ବାଣପୁର ଅଞ୍ଚଳରେ ପାଇପ୍ ଯୋଗେ ଜଳଯୋଗାଣ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଞ୍ଚଳବାସୀ ଦିନେ ପିଇବା ପାଣି ପାଇଲେ ଦିନେ ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ଅଞ୍ଚଳରେ ପ୍ରବଳ ଖରା ସହ ଅସହ୍ୟ ଗୁଳୁଗୁଳି ପରିଲକ୍ଷିତ ହୋଇଥିବାବେଳେ ମଧୁର ପାନୀୟଜଳରୁ ବଞ୍ଚିତ ହୋଇ ଅଞ୍ଚଳବାସୀ ହନ୍ତସନ୍ତ ହେଉଥିବା ଦେଖାଦେଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ହେତୁ ଏଭଳି ପରିସ୍ଥିତି ଉପୁଜିଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।





ଦିନ ଦିନ ଅଞ୍ଚଳର କୂଅ ଓ ନଳକୂଅର ଜଳସ୍ତର ହ୍ରାସ ପାଇଥିବା ସହ ବାଲୁଗାଁ ଅଞ୍ଚଳଟି ଚିଲିକା ତଟବର୍ତ୍ତୀ ହୋଇଥିବାରୁ ଏଠାରେ କୂଅ, ପୋଖରୀ, ନଳକୂଅ ଇତ୍ୟାଦିର ପାଣି ପ୍ରାୟତଃ ଲବଣାକ୍ତ ହୋଇଥିବାରୁ ତାହା ପାନୀୟ ଉପଯୋଗୀ ନୁହେଁ। ସେଥିପାଇଁ ମଧୁର ପାନୀୟଜଳ ଯୋଗାଣ ନିତାନ୍ତ ଆବଶ୍ୟକ ଥିବାରୁ ୨୦୦୬ରେ ବାଲୁଗାଁ ଏନ୍ଏସିରେ ଏବଂ ପରେ ବାଣପୁର ଅଞ୍ଚଳରେ ପାଇପ୍ ଯୋଗେ ପାନୀୟଜଳ ଯୋଗାଣର ବ୍ୟବସ୍ଥା ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସ୍ଥାନୀୟ ନାଭାଲ୍ ଛକଠାରେ ବୋରିଂ କରାଯାଇ ସେଠାରୁ ପାଇପ୍ ଯୋଗେ ବାଲୁଗାଁ ଏନ୍ଏସିର ୧୧ଟି ୱାର୍ଡକୁ ଜଳଯୋଗାଣ ହୋଇଆସୁଛି। ତେବେ ଅଧିକାଂଶ ସମୟରେ ଜଳଯୋଗାଣ ବ୍ୟାହତ ହେବା ସହ ବିଭାଗୀୟ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଅଞ୍ଚଳବାସୀ ଜଳଯୋଗାଣରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଜନସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତା ଯୋଗୁଁ ବାରମ୍ବାର ବଜାର ରାସ୍ତାଘାଟରେ ପାଇପ୍ ଫାଟି ରାସ୍ତାରେ ପାଣିର ସୁଅ ଛୁଟୁଥିବା ସହ ବିଭିନ୍ନ ସାହି ଗଳିରେ ପାନୀୟଜଳ ଯୋଗାଣ ଲାଗି ବସାଯାଇଥିବା ଟ୍ୟାପ୍ ଭାଙ୍ଗି ସାହିରେ ପାଣି ଭାସୁଛି। ଏଥିସହ ବିଭାଗ ତରଫରୁ ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟଜଳରେ ବ୍ଲିଚିଙ୍ଗ୍ ପକାଯାଉ ନ ଥିବା ସହ ସଠିକ୍ ଭାବେ ବିଶୋଧନ କରାଯାଉ ନ ଥିବାରୁ ଉକ୍ତ ପାନୀୟଜଳକୁ କୌଣସି ପାତ୍ରରେ କିଛି ଘଣ୍ଟା ରଖିବା ପରେ ଉକ୍ତ ପାତ୍ର ଜଳର ତଳସ୍ତରରେ ଏକ ମଇଳା ଜମିଯିବା ସହିତ ଗୋଟିଏ ଦିନ ପରେ ଉକ୍ତ ଜଳରେ ହିଆଳି(ଏକପ୍ରକାର ଆସ୍ତରଣ) ବସିଯାଉଥିବା ଦେଖିବାକୁ ମିଳୁଛି। ବିଶେଷକରି ପାନୀୟଜଳ ଯୋଗାଣ ନିମନ୍ତେ ବିଭାଗ ପକ୍ଷରୁ ବିଭିନ୍ନ ଛକରେ ଚ୍ୟାମ୍ବରମାନ ନିର୍ମାଣ କରାଯାଇ ଚାବି ବସାଯାଇଥିବା ବେଳେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହାର ସଠିକ୍ ରକ୍ଷଣାବେକ୍ଷଣ କରାଯାଉନାହିଁ। ଉକ୍ତ ଚ୍ୟାମ୍ବରମାନଙ୍କରେ ଘୋଡ଼ଣି ଦିଆ ନ ଯାଇ ଖୋଲାମେଲାରେ ରହୁଛି। ସେଥିରେ ବହୁ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିବା ସହ ସେଥିରେ ଅପରିଷ୍କାର ଦୂଷିତ ଜଳ ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ତେବେ ଉକ୍ତ ଚ୍ୟାମ୍ବରରେ ଜମିରହିଥିବା ଆବର୍ଜନା ମିଶ୍ରିତ ଦୂଷିତଜଳ ପାନୀୟଜଳରେ ମିଶୁଥିବା ଦେଖାଯାଇଛି, ଯାହା ରୋଗର ବାହକ ସାଜିବାକୁ ରୋକାଯାଇ ନ ପାରେ। ଅନ୍ୟପକ୍ଷେ ବର୍ତ୍ତମାନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡ଼ାବାନ୍ତି ରୋଗ ବ୍ୟାପୀ ବହୁ ଧନଜୀବନ ହାନୀ ହେଉଥିବା ଚିନ୍ତାର କାରଣ ହୋଇପଡ଼ିଥିବାବେଳେ ତାହା ଦୂଷିତ ଜଳ ଯୋଗୁଁ ବ୍ୟାପୁଥିବା ନେଇ ତଦନ୍ତରୁ ଜଣାପଡ଼ିଛି। ଏପରି ସ୍ଥଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ବାଲୁଗାଁ-ବାଣପୁର ଅଞ୍ଚଳରେ ଏପରି ଦୂଷିତ ପାନୀୟଜଳ ଯୋଗାଣ ଅଞ୍ଚଳରେ ଝାଡ଼ାବାନ୍ତି ରୋଗକୁ ବ୍ୟାପିବାକୁ ଅମନ୍ତ୍ରଣ କରାଯାଉଥିବା ନେଇ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ବାଲୁଗାଁ ଏନ୍ଏସି ଅନ୍ତର୍ଗତ ୧୧ଟି ୱାର୍ଡକୁ କୌଣସି ଏକ ନିର୍ଦ୍ଦିଷ୍ଟ ତଥା ସଠିକ୍ ସମୟରେ ପାନୀୟଜଳ ଯୋଗାଇ ଦିଆଯାଉ ନ ଥିବା ସହ ସମସ୍ତ ୱାର୍ଡ ମଧ୍ୟରୁ କିଛି ୱାର୍ଡକୁ ଦୈନନ୍ଦିନ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ହେଉଥିବାବେଳେ ଅନ୍ୟ ସମସ୍ତ ୱାର୍ଡକୁ ପାନୀୟଜଳ ଦିନେ ଛଡ଼ାଗଲେ ଦିନେ ଆସୁନଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଏପରି ପାନୀୟଜଳ ଯୋଗାଣରେ ସମସ୍ୟା ଉପୁଜୁଛି ବୋଲି ସଫେଇ ଦିଆଯାଉଛି। ଖରାଦିନେ ପିଏଚ୍‌ଡି ସମସ୍ତ ୱାର୍ଡକୁ ଟ୍ୟାଙ୍କର ଯୋଗେ ସମ୍ପୃକ୍ତ ବିଭାଗ ତରଫରୁ ସଠିକ୍ ଭାବେ ଜଳ ଯୋଗାଇବାର ନିୟମ ରହିଥିବାବେଳେ ଏଥିରେ ମଧ ବ୍ୟତିକ୍ରମ ଦେଖାଦେଉଛି। ବିଭାଗୀୟ ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ ଏହାର କୌଣସି ସମାଧାନ ହେଉ ନ ଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଏକ ପ୍ରମୁଖ ସହର ହୋଇଥିବାବେଳେ ଏଠାରେ ପାନୀୟଜଳ ଯୋଗାଣ ବିପର୍ଯ୍ୟସ୍ତ ହେତୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଅନ୍‌ଲାଇନ୍ ଗେମ୍‌ରେ ଟଙ୍କା ହାରି ଲୁଟ୍‌ର ନାଟକ

ନିରାକାରପୁର,୩୦।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ପେଟ୍ରୋଲ ପମ୍ପରୁ ରବିବାର ରାତିରେ ୨ ଲକ୍ଷ ୬୩ ହଜାର ଟଙ୍କା ଲୁଟ୍ ହୋଇଥିବା ଜଂକିଆ ଥାନାରେ ଅଭିଯୋଗ ହୋଇଥିଲା। ଅନ୍‌ଲାଇନ ଗେମ୍ ଖେଳି ଟଙ୍କା ହାରିବା ଫଳରେ ଏହା ଏକ ଲୁଟ୍‌ର ନାଟକ ବୋଲି ଶୁଣିବାକୁ ମିଳୁଛି। ସୂଚନାଯୋଗ୍ୟ କି, ପେଟ୍ରୋଲ୍ ପମ୍ପ୍ ପରିଚାଳକ ଅନ୍‌ଲାଇନ୍ ଗେମ୍ ଖେଳି ପ୍ରଥମେ ୧ ଲକ୍ଷ ୬୦ ହଜାର ଟଙ୍କା ହାରିବା ଫଳରେ ଏହିପରି ସୁପରିକଳ୍ପିତ ଯୋଜନା କରି ଟଙ୍କା ଲୁଟ୍ ଘଟଣା ନିଜେ ରଚିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ପୁଲିସ ପଚରାଉଚରା କରିବା ପରେ ୧ ଲକ୍ଷ ୩ ହଜାର ଟଙ୍କା ମିଳିଥିବା ମଧ ସୂଚନା ମିଳିଛି। ପୁଲିସ ତଦନ୍ତ ଜାରି ରଖିଛି। ମଙ୍ଗଳବାର ସମସ୍ତ ତଥ୍ୟ ମିଳିବ ବୋଲି ଆଇଆଇସି ସୁଶାନ୍ତ ବେହେରା ପ୍ରକାଶ କରିଛନ୍ତି।

## ଅତିରିକ୍ତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଜଟଣୀ,୩୦।୬(ସମିସ): ସୋମବାର ଜଟଣୀ ବ୍ଲକ୍ ବେଣାପଞ୍ଜରୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରବିବାର ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ହଠାତ୍ ପୁରୀ ଜିଲ୍ଲାକୁ ବଦଳି ହେବାରୁ ଏହି ଶୁଣାଣି ଶିବିରରେ ସୋମବାର ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ମୋଟ୍ ୭୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୬୦ଟି ବ୍ୟକ୍ତିଗତ ଥିବାବେଳେ ୧୭ଟି ସାମୂହିକ ଅଭିଯୋଗ ରହିଥିଲା। ୧୯ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ଜଟଣୀ ବ୍ଲକ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଶିବିରରେ ଭୁବନେଶ୍ୱର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ, ଏସିପି ଜୋନ୍-୨ ତାପସ ପ୍ରଧାନ, ଜଟଣୀ ବ୍ଲକ୍ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ବିଡିଓ ରଶ୍ମିତା ନାଥ, ବେଣାପଞ୍ଜରୀ ସରପଞ୍ଚଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩ ପେସାଦାର ଅପରାଧୀ ଗିରଫ

ଜଟଣୀ,୩୦।୬(ସମିସ): ଜଟଣୀ ଥାନା ଆକାଉଣ୍ଟ୍ସ କଲୋନୀରେ ଗତ ୧୬ ତାରିଖ ରାତି ୮ଟା ସମୟରେ ଜଣେ ମହିଳାଙ୍କ ଘରେ ପଶି ଲୁଟ୍ ଘଟଣାରେ ୩ ଅଭିଯୁକ୍ତଙ୍କୁ ରବିବାର ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗନ୍ନାଥ ବାରିକ, ବିଭୂତି ଦାସ, ସୋମନାଥ ପ୍ରଧାନ। ପୁଲିସ ସୂଚନା ମୁତାବକ, ଆକାଉଣ୍ଟ୍ସ କଲୋନୀର ନୋଭାଲିନ୍ ପାଢ଼ୀ ନାମକ ଜଣେ ମହିଳା ୧୬ ତାରିଖ ରାତି ୮ଟାବେଳେ ନିଜ ଝିଅକୁ ଟ୍ୟୁସନରୁ ଆଣିବାକୁ ଘରେ ତାଲା ପକାଇ ଯାଇଥିଲେ। ଫେରିବା ପରେ ଘରର ପଛପଟ ତାଲା ଭଙ୍ଗାଯାଇ ଘର ଭିତରେ ପଶି ଆଲମିରା ଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସୁନା ଅଳଙ୍କାର, ନଗଦ ଟଙ୍କା ଓ ଜରୁରୀ କାଗଜପତ୍ର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ତେବେ ପୁଲିସ ରବିବାର ରେତଙ୍ଗ କଲୋନୀ ଅଞ୍ଚଳର ଏକ ନିଛାଟିଆ ସ୍ଥାନରୁ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେମାନଙ୍କଠାରୁ କାନ ଫୁଲ, ସୁନାଚେନ୍, ମୁଦି ଏବଂ ୯ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତମାନେ ଅଭ୍ୟାସଗତ ଅପରାଧୀ ହୋଇଥିବା ଯାଞ୍ଚ ସମୟରେ ଜଣାପଡ଼ିଛି।

## ଅଧ୍ୟାପକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଟାଙ୍ଗୀ,୩୦।୬(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପକ ନରେନ୍ଦ୍ର କୁମାର ପ୍ରଧାନଙ୍କୁ ସୋମବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବା ଜଣାପଡ଼ିଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ବନଶ୍ରୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପିକା ନଳିନୀ ପ୍ରଭା ରାଉତ ମାନପତ୍ର ପାଠ କରିଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଗଙ୍ଗାଧର ଦାଶ, ଅଧ୍ୟାପକ ବସନ୍ତ କୁମାର ସାହୁ, ଅପର୍ତି ବେହେରା, ଅନୀଲ କୁମାର ସୁବୁଦ୍ଧି, ଡେମୋନ୍‌ଷ୍ଟ୍ରେଟର ପ୍ରମୋଦ କୁମାର ଶୁକ୍ଳା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦାୟୀ ଅଧ୍ୟାପକଙ୍କ ଗୁଣାବଳି ବର୍ଣ୍ଣନା କରିବା ସହ ତାଙ୍କର ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଶ୍ରୀ ପ୍ରଧାନଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## 'ମାନବିକତା ହେଉଛି ବିଶ୍ୱର ଶ୍ରେଷ୍ଠ ଧର୍ମ'

ବୋଲଗଡ଼,୩୦।୬(ସମିସ): ବୋଲଗଡ଼ ବ୍ଲକ୍ ମାଣିକାଗୋଡ଼ା ଗ୍ରାମର ଅହମ୍ମଦିଆ ମୁସ୍‌ଲିମ ସଂଗଠନ ପକ୍ଷରୁ ବିଶ୍ୱଶାନ୍ତିର ବାର୍ତ୍ତା ପ୍ରଦାନ ପାଇଁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଧର୍ମଗୁରୁ ମୌଲାନା ଜାଫର ଅଲ୍ଲୀ ଖାଁ ଯୋଗଦେଇ ମାନବିକତା ଧର୍ମ ହେଉଛି ସବୁଠାରୁ ଶ୍ରେଷ୍ଠ ଧର୍ମ। ଏହା ଦ୍ୱାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ସମସ୍ତ ଧର୍ମର ବୁଦ୍ଧିଜୀବୀମାନେ ପ୍ରୟାସ କରିବା ଉଚିତ୍। ହିନ୍ଦୁ ସମାଜ ପକ୍ଷରୁ ଶିକ୍ଷାବିତ୍ ଇଂ. କର୍ପୂର ସାହୁ ଯୋଗଦେଇ ଭାଇଚାରା ହିଁ ମାନବ ଧର୍ମର ପରମ ଉଦ୍ଦେଶ୍ୟ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଇସ୍‌ଲାମ ଧର୍ମର ଅନ୍ୟତମ ଧର୍ମ ଗୁରୁ ମିର୍ଜା ଫିରୋଜ ଅଲ୍ଲୀ ବେଗ ଦେଶଗୁଡ଼ିକ ଅସହିଷ୍ଣୁ ହୋଇ ପରସ୍ପର ମଧ୍ୟରେ ଯୁଦ୍ଧରେ ଲିପ୍ତ ରହୁଥିବାରୁ ଆଲ୍ଲାଙ୍କ ସୁନ୍ଦର ସୃଷ୍ଟି ଧ୍ୱଂସର ତାଣ୍ଡବଲୀଳା ଦେଖୁଛି ବୋଲି କହିଥିଲେ। ଶତାଧିକ ମୁସଲିମ ବୁଦ୍ଧିଜୀବୀ ଉକ୍ତ ଆଲୋଚନାରେ ଭାଗ ନେଇ ସମସ୍ତେ ଶାନ୍ତି, ମୈତ୍ରୀ ଓ ପ୍ରେମର ବାର୍ତ୍ତା ବାଣ୍ଟିଲେ ବିଶ୍ୱବାସୀ ଖୁସି ଓ ଆନନ୍ଦରେ ଜୀବନ ଅତିବାହିତ କରିପାରିବେ ବୋଲି ଅବ୍‌ଦୁଲ ରଉଫ ଖାଁ କହିଥିଲେ। ସବୁ ଧର୍ମ ମଧ୍ୟରେ ବିଶ୍ୱାସ ଓ ସମନ୍ୱୟ ରହିଲେ ରକ୍ତପାତ ଓ ଯୁଦ୍ଧ ବିଭୀଷିକାର ଆଶଙ୍କା ରହିବ ନାହିଁ। ଶେଷରେ ମିର୍ଜା ଅଖତର ଅଲ୍ଲୀ ବେଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ

ନିରାକାରପୁର,୩୦।୬(ସମିସ): ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁର ଆର୍ଥିକ ସହାୟତା ଦ୍ୱାରା "ଓଡ଼ିଶାର ବିଦ୍ୟୁତ୍ ସଂରକ୍ଷଣ'ର ସହଯୋଗ ଦ୍ୱାରା ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍‌ର ରାମଚନ୍ଦ୍ର ବିଦ୍ୟାନିକେତନ, ରମାବିଲିର ସଭାଗୃହ ପ୍ରାଙ୍ଗଣରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ "ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ବିଦ୍ୟୁତ୍ ବିଭାଗର ମୁଖ୍ୟ ଯନ୍ତ୍ରୀ ତଥା ବିଦ୍ୟୁତ୍ ନିରୀକ୍ଷକ ହୃଷୀକେଶ ମେହେର ଯୋଗଦେଇ ବିଦ୍ୟୁତ୍‌ର ଅପଚୟ ଓ ବିଦ୍ୟୁତ୍‌ର ବ୍ୟବହାର ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ଭିଡିଓ, ପ୍ଲା କାର୍ଡ ଦ୍ୱାରା ସ୍ମାର୍ଟ ବୋର୍ଡରେ ଶିକ୍ଷା ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟୁଲୁ ମାଝୀ, ବିଦ୍ୟାଳୟର ପୂର୍ବତନ ସଭାପତି ନିତ୍ୟାନନ୍ଦ ମଙ୍ଗରାଜ, ବିଦ୍ୟାଳୟ ଖାଦ୍ୟ କମିଟି ସଭାପତି ସୁରେଶ୍ୱର ମହାପାତ୍ର ଉପସ୍ଥିତ ରହି ବିଦ୍ୟୁତ୍ ବିଷୟରେ ଅନେକ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ବିଜ୍ଞାନ ଶିକ୍ଷକ ମୁରଲୀଧର ହରିଚନ୍ଦନ, ନରେନ୍ଦ୍ର ପାଇକରାୟ, ନାରାୟଣ ପାତ୍ର, ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତି ବିଶୋଇ ସମେତ ଦୁଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ, ଅଭିଭାବକ, ଅଭିଭାବିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଇଂରାଜୀ ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାର ବିଦ୍ୟୁତ୍ ସଂରକ୍ଷଣର ଶପଥପାଠ କରାଇ ସମସ୍ତ ଅତିଥି ବନ୍ଧୁଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ।

## ରଘୁନାଥାଦି ଚତୁର୍ଦ୍ଧାମୂର୍ତ୍ତି ଓ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା

ବେଗୁନିଆ,୩୦।୬(ସମିସ): ବେଗୁନିଆ ବ୍ଲକ୍ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୌଡ଼ିଆପଡ଼ା- ଇନ୍ଦିପୁର ଗ୍ରାମବାସୀଙ୍କ ସହଯୋଗରେ ୪ଦିନ ଧରି ଚାଲିଥିବା ରଘୁନାଥାଦି ଚତୁର୍ଦ୍ଧା ମୂର୍ତ୍ତି ଓ ସଙ୍କଟ ମୋଚନ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞାଚାର୍ଯ୍ୟ ରମେଶ ଚନ୍ଦ୍ର କର ଓ ପ୍ରଚାରକ ପ୍ରସନ୍ନ ରଥଙ୍କ ତତ୍ତ୍ୱାବଧାନରେ ଆରତ ଚନ୍ଦ୍ର ମାଝୀ ଓ ପତ୍ନୀ ମମତା, ପ୍ରମୋଦ ଦାସ ଓ କାଦମ୍ବିନୀ କର୍ତ୍ତା ଭାବେ ଉପବେସନ କରିଥିଲେ। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀ, ସରପଞ୍ଚ କରୁଣାକର ଦଳସିଂହାର ରାୟ, ସମିତିସଭ୍ୟ ଭଗବାନ ପ୍ରଧାନ ଓ ସମାଜସେବୀ ପଦ୍ମଲୋଚନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ବଧୂ ନିର୍ଯାତନା ଅଭିଯୋଗ; କାର୍ଯ୍ୟାନୁଷ୍ଠାନ ଦାବି

ବାଣପୁର,୩୦।୬(ସମିସ): ନାଚୁଣୀ ଥାନା ଅଞ୍ଚଳରେ ସ୍ୱାମୀ ଓ ଶାଶୂ ମିଶି ବୋହୂକୁ ମାଡ଼ମାରି ଶଶୁର ଘରୁ ବାହାର କରି ଦେଇ ସ୍ୱାମୀ ଦ୍ୱିତୀୟ ବିବାହ କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ସ୍ତ୍ରୀ। କିନ୍ତୁ ଅଭିଯୋଗ ହେବାର ୨୦ ଦିନ ବିତିଯାଇଥିଲେ ମଧ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଜୀବନରେ ମାରିଦେବାକୁ ସ୍ୱାମୀ ଧମକ ଦେଉଥିବାବେଳେ ବାରଦ୍ୱାର ହେଉଛନ୍ତି ସ୍ତ୍ରୀ। ଅଭିଯୋଗ ମୁତାବକ, ନାଚୁଣୀ ଥାନା ଅନ୍ତର୍ଗତ ଆୟଉପୁର ବେଲଡିହ ଗ୍ରାମର ବୁଧିଆ ନାୟକ ସୋସିଆଲ ମିଡିଆ ମାଧ୍ୟମରେ ରାୟଗଡ଼ା ଜିଲ୍ଲାର ଆମ୍ବାବାଡ଼ି ଗ୍ରାମର ମଥୁରା ଗରଡ଼ିଆଙ୍କ ସହ ପରିଚୟ ପରେ ସମ୍ପର୍କରେ ଆସି ପ୍ରାୟ ୨ ବର୍ଷ ପୂର୍ବେ ଉଭୟେ ବେଲଡିହ ଗ୍ରାମରେ ପ୍ରେମ ବିବାହ କରିଥିଲେ। ବାହାଘର ପରେ ମଥୁରା ବାପଘରୁ ଆଣିଥିବା ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଅଳଙ୍କାର ଶାଶୂ ରଖିଦେବା ପରେ ଆରମ୍ଭ ହୋଇଥିଲା ନିର୍ଯାତନା। ସ୍ୱାମୀ ଓ ଶାଶୂ ଖାଇବାକୁ ନ ଦେଇ ମାର୍‌ପିଟ୍ କରୁଥିବା ମଥୁରା ଅଭିଯୋଗ ଆଣିଥିଲେ। ବୁଧିଆ ବିଦେଶକୁ ଯାଇ କାମ କରୁଥିବାବେଳେ କିଛିଦିନ ହେବ ଗ୍ରାମକୁ ଫେରିଥିଲେ। ହେଲେ ବୁଧିଆ ଅନ୍ୟତ୍ର ବିବାହ କରିଥିବାରୁ ବିଭିନ୍ନ ସମୟରେ ସ୍ତ୍ରୀ ମଥୁରାଙ୍କୁ ବାପ ଘରକୁ ପଳେଇଯିବା ପାଇଁ ଶାଶୂ ଓ ସ୍ୱାମୀ କହିବା ସହ ଶାରୀରିକ, ମାନସିକ ନିର୍ଯାତନା ଦେଇଥିବା ନେଇ ମଥୁରା ଅଭିଯୋଗ କରିଛନ୍ତି। ଗତ ୫ ତାରିଖରେ ବୁଧିଆ ସ୍ତ୍ରୀ ମଥୁରାଙ୍କୁ ମାଡ଼ମାରି ଘରୁ ବାହାର କରିଦେବାରୁ ମଥୁରା ଉକ୍ତ ଗ୍ରାମସ୍ଥିତ ମାଇଁ ଶାଶୂଙ୍କ ଘରେ ଆଶ୍ରୟ ନେଇଥିବାରୁ ବୁଧିଆ ମାଇଁଙ୍କୁ ମଧ ମାଡ଼ ମାରିଥିବା ନେଇ ମଥୁରା ନାଚୁଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ନାମକୁ ମାତ୍ର ଏକ ମାମଲା ରୁଜୁ କରିଦେଇ ଚୁପ୍ ବସିଯାଇଛି। ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତ୍ୱର ସହ ନେଇ ଏଥିପ୍ରତି ଦୃଷ୍ଟିଦେବାକୁ ମଥୁରା ଅନୁରୋଧ କରିଛନ୍ତି।

## ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର; କାରଣ ଅସ୍ପଷ୍ଟ



ଜଟଣୀ,୩୦।୬(ସମିସ): ଜଟଣୀ ଥାନା ଅଞ୍ଚଳରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ଛାତ୍ର ଜଣକ ହେଲେ କୁସୁମାଟିର ସ୍ୱାଧୀନ ଦାସ (୧୩)। ସ୍ୱାଧୀନ ହଷ୍ଟେଲ୍‌ରେ ରହି ପାଠ ପଢୁଥିଲେ। ଖରା ଛୁଟି ଯୋଗୁଁ ଘରକୁ ଆସିଥିଲେ। ଘଟଣାନୁଯାୟୀ, ରବିବାର ରାତିରେ କୌଣସି ଏକ କାରଣକୁ ନେଇ ସ୍ୱାଧୀନ ତାଙ୍କ ବାପା-ମାଆଙ୍କ ଉପରେ ରାଗିଥିଲେ। ରାତିରେ ନିଜ ରୁମ୍ ଭିତର ପଟୁ ଲକ୍ କରି ଶୋଇଥିଲେ। ସକାଳୁ ପରିବାର ଲୋକ କବାଟ ବାଡ଼େଇଥିଲେ, କିନ୍ତୁ ସ୍ୱାଧୀନ କବାଟ ଖୋଲି ନ ଥିଲେ। କବାଟ ଭାଙ୍ଗି ଫ୍ୟାନ୍‌ରେ ପୁଅର ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଖବର ପାଇ ପୁଲିସ ମୃତଦେହକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୁଲିସ। ଅନ୍ୟପଟେ ସ୍ୱାଧୀନ ତମଣ୍ଡୋସ୍ଥିତ ବିବେକାନନ୍ଦ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ଦୁଇବର୍ଷ ହେଲା ସେ ବିଦ୍ୟାଳୟ ହଷ୍ଟେଲ୍‌ରେ ରହୁଥିଲେ। ଖରା ଛୁଟି ଯୋଗୁଁ ସେ ଘରକୁ ଆସିଥିଲେ। ଛୁଟି ଖୋଲିବା ପରେ ସୋମବାର ସ୍ୱାଧୀନ ହଷ୍ଟେଲ୍‌କୁ ଯାଇଥାନ୍ତେ। କିନ୍ତୁ ଝୁଲନ୍ତା ମୃତଦେହ ଘର ଭିତରୁ ଉଦ୍ଧାର କରାଯାଇଛି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପ୍ରେମବ୍ୟାପାର କିମ୍ବା ପରିବାର ଲୋକଙ୍କ ଚାପରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି।

## ବରିଷ୍ଠ ନାଗରିକ ମଞ୍ଚର ସାମାଜିକ ସେବା



ଖୋର୍ଦ୍ଧା,୩୦।୬(ସମିସ): ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚର ସଭାଗୃହରେ ଆୟୋଜିତ ସଂଗତ ଓ ଫଂଗତ କାର୍ଯ୍ୟକ୍ରମରେ ଏକ ପରିବାରକୁ ଆର୍ଥିକ ସ୍ୱାବଲମ୍ବୀ କରିବା ଦିଗରେ ସିଲେଇ ପ୍ରଶିକ୍ଷଣ ସହିତ ସିଲେଇ ମେସିନ୍ ଦେବା ଆରମ୍ଭ କରିଛି। ମୁକୁନ୍ଦପ୍ରସାଦସ୍ଥିତ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଏହି ଉଦ୍ଦେଶ୍ୟରେ ୧୨ଟି ସିଲେଇ ମେସିନ୍ ପ୍ରଦାନ କରିଥିବାରୁ ମଞ୍ଚ ତରଫରୁ ଟ୍ରଷ୍ଟକୁ ଧନ୍ୟବାଦ ଅର୍ପଣ କରାଯାଇଛି। ସେହିପରି ଖୋର୍ଦ୍ଧାସ୍ଥିତ ଏସ୍‌ଡିଏ ବିଦ୍ୟାଳୟରେ ଚଳିତବର୍ଷ +୨ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀ ମେରିୟମ ବାନୋ ଏବଂ ଶିକ୍ଷୟିତ୍ରୀ ମନ୍ଦିରା ଦେଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ରମେଶ ଚନ୍ଦ୍ର ମିଶ୍ର ଓ ମୈଳସ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ ଏବଂ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ। ଦେବପ୍ରସାଦ ମଜୁମ୍‌ଦାର, ଅଖିଳ ଚନ୍ଦ୍ର ପ୍ରଧାନ, ହାଜି ନସିମୁଦ୍ଦିନ ଖାଁ, ପ୍ରତାପ ଚନ୍ଦ୍ର ମହାପାତ୍ର, ବିପ୍ର ଚରଣ ବେହୁରା, କ୍ଷେତ୍ରବାସୀ ସାହୁ, ରତ୍ନାକର ରଣସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା, ହରମୋହନ ମହାପାତ୍ର, ନବୀନ ସାମନ୍ତସିଂହାର, ଗଦାଧର ଗୋଛି, ଗଗନ ପାଣିଗ୍ରାହୀ, ବିଜୟ ପଣ୍ଡା, ବିପିନ ବିହାରୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମଞ୍ଚର ସମ୍ପାଦକ ରାମଶଙ୍କର ସ୍ୱାଗତଭାଷଣ ଓ ସହସମ୍ପାଦକ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

● ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

## 'ପ୍ରତ୍ୟେକ କାର୍ଯ୍ୟାଳୟ ଓ ଯୋଜନା ପାଇଁ ପରିସଂଖ୍ୟାନ ଅପରିହାର୍ଯ୍ୟ'

ଖୋର୍ଦ୍ଧା,୩୦।୬(ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ଏବଂ ପର୍ଯ୍ୟାଲୋଚନା ୟୁନିଟ୍ ଆନୁକୂଲ୍ୟରେ ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ତଥା ବିଶିଷ୍ଟ ପରିସଂଖ୍ୟାନବିତ୍ ସ୍ୱର୍ଗତ ପ୍ରଫେସର ପି.ସି.ମହାଲାନୋବିଶଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଦିବସ ପାଳନ ପରିପ୍ରେକ୍ଷୀରେ ଜିଲ୍ଲାସ୍ତରରେ ପ୍ରତ୍ୟେକ କାର୍ଯ୍ୟାଳୟରେ ପରିସଂଖ୍ୟାନ ଗଣନାକୁ ସୁଦୃଢ଼ କରିବା ଉପଲକ୍ଷେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ପରିସଂଖ୍ୟାନବିତ୍ ପ୍ରଫେସର ଆଲୋକ ରଞ୍ଜନ ବେହେରା ଯୋଗଦେଇ ପରିସଂଖ୍ୟାନ ପ୍ରତ୍ୟେକ କାର୍ଯ୍ୟାଳୟ ଏବଂ ଯୋଜନାର ସଫଳତା ଦିଗରେ ଅପରିହାର୍ଯ୍ୟ ବୋଲି ବକ୍ତବ୍ୟ ରଖି ପରିସଂଖ୍ୟାନର ଆବିଷ୍କାର, ଆବଶ୍ୟକତା ଏବଂ ପରିସଂଖ୍ୟାନ ପ୍ରତ୍ୟେକ ଯୋଜନାର କିଭଳି ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ସେହିପରି ବିଭିନ୍ନ ବିଭାଗର ଅନୁ ପ୍ରେରଣାଦାୟକ ଭିଡିଓ ଏବଂ ବସ୍ତୁ/ ପଦାର୍ଥ/ ଦ୍ରବ୍ୟର ଦର ନିର୍ଦ୍ଧାରଣ ପରିସଂଖ୍ୟାନ ସଂଘମିତ୍ରା ମହାନ୍ତି ପାୱାର ପଏଣ୍ଟ ଉପକରଣରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ସେହିପରି ଈଶ୍ୱର ଚନ୍ଦ୍ର ମଲ୍ଲିକ ବିଭିନ୍ନ ଚାଷର ସର୍ଭେ, ଧାନ, ଗହମ, ମକା, ମାଣ୍ଡିଆ, ଡାଲିଜାତୀୟ ଓ ତୈଳଜାତୀୟ ଫସଲ, ଆଖୁ, ଝୋଟ ଓ ଆଳୁ ଜାତୀୟ ଫସଲର ବିସ୍ତୃତ ପରିସଂଖ୍ୟାନ ତଥ୍ୟ ଉପସ୍ଥାପନା କରିଥିଲେ। ଡିପିଏମ୍‌ୟୁ ଉପନିର୍ଦ୍ଦେଶକ ଶଙ୍କର ବେହେରା ସ୍ୱାଗତ ଭାଷଣ ଦେବା ସହ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚିଲିକା ବ୍ଲକ୍ ପରିସଂଖ୍ୟାନ ଅଧିକାରୀ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଭୁବନେଶ୍ୱର ବ୍ଲକ୍ ପରିସଂଖ୍ୟାନ ଅଧିକାରୀ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଗୁନିଆ ବ୍ଲକ୍ ପରିସଂଖ୍ୟାନ ଅଧିକାରୀଙ୍କୁ ସଭାପତି ଓ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ କିରଣ ପ୍ରଭା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଡିପିଏମ୍‌ୟୁ କାର୍ଯ୍ୟାଳୟର କର୍ମଚାରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସସ୍ମିତା ମିଶ୍ର ସଭା ସଞ୍ଚାଳନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ୍ ପରିସଂଖ୍ୟାନ ଅଧିକାରୀ, କ୍ଷେତ୍ର କର୍ମଚାରୀମାନେ ଏଥିରେ ଯୋଗଦେଇଥିଲେ।

## ସ୍କୁଲରୁ ଫ୍ୟାନ୍ ଓ ବେଞ୍ଚ୍ ଚୋରି

ନିରାକାରପୁର, ୩୦।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ନରଣଗଡ଼ ପଞ୍ଚାୟତ ଚିନ୍ତାମଣି ସରକାରୀ ହାଇସ୍କୁଲରୁ ଫ୍ୟାନ୍ ଓ ବେଞ୍ଚ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ କି, ୨୮ ତାରିଖରେ ଉକ୍ତ ବିଦ୍ୟାଳୟ ଜଗୁଆଳି ସକାଳୁ ଦେଖିବାକୁ ପାଇଥିଲେ କି ବିଦ୍ୟାଳୟ ତୃତୀୟ ବ୍ଲକ୍ ଗେଟ୍ ଚାବି ଭାଙ୍ଗି କେହି ଅସାମାଜିକ ବ୍ୟକ୍ତି ୩ଟି ଶ୍ରେଣୀଗୃହ ଖୋଲି ଲାଗିଥିବା ଫ୍ୟାନ୍ ଓ ବେଞ୍ଚ୍ ଚୋରି କରି ନେଇଯାଇଛନ୍ତି। ଏ ନେଇ ଜଂକିଆ ଥାନାରେ ଅଭିଯୋଗ କରାଯାଇଛି।

## କ୍ରୀଡ଼ା ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବେଗୁନିଆ,୩୦।୬(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ବଡ଼ବେରଣା ଗ୍ରାମସ୍ଥିତ ଡମଣୀ କୃପା ସୁରେନ୍ଦ୍ର ନାଥ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ପ୍ରଭାତ କୁମାର ମହାରଣାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଶତପଥିଙ୍କ ଅଧ୍ୟକ୍ଷତା ଓ ସଂସ୍କୃତ ଶିକ୍ଷକ ବେଣୁଧର ପଣ୍ଡାଙ୍କ ସଂଯୋଜନାରେ ଶିକ୍ଷାବିତ୍ ତଥା ବରିଷ୍ଠ ସାମ୍ବାଦିକ ଭଗବାନ ପଣ୍ଡା ମୁଖ୍ୟଅତିଥି, ପରିଚାଳନା କମିଟିର ପୂର୍ବତନ ସଭାପତି ଭିକାରୀ ଚରଣ ପଣ୍ଡା ମୁଖ୍ୟବକ୍ତା, ଭାରପ୍ରାପ୍ତ ଏବିଇଓ ନଳିନୀ ପ୍ରଭା ଦେବୀ, ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ପଣ୍ଡା ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୩୩ ବର୍ଷ ଧରି କାର୍ଯ୍ୟ କରିଥିବା ବିଦାୟୀ ଖେଳ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବ୍ରଜବନ୍ଧୁ ନିଶଙ୍କ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ମହାପାତ୍ର, ସମାଜସେବୀ ରବି ନାରାୟଣ ମହାପାତ୍ର, ରବୀନ୍ଦ୍ର ନାଥ ପଣ୍ଡା, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ପ୍ରାରମ୍ଭରେ ହିନ୍ଦୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଦେଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।






ସକାଳ THE SAKALA
www.sakalaepaper.com



# ଜନ୍ମବେଦୀରେ ଦର୍ଶନ ଦେଲେ ଦାରୁଦିଅଁ

ଜନ୍ମବେଦୀରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଦାରୁଦିଅଁ। ଯଜ୍ଞବେଦୀରେ କଳାସାଆନ୍ତଙ୍କୁ ଦେଖି ଓଦା ହୋଇଛି ଭକ୍ତଙ୍କ ଆଖି। ସୋମବାର ଆଡ଼ପ ମଣ୍ଡପରେ ହଜାର ହଜାର ଶ୍ରଦ୍ଧାଳୁ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଛନ୍ତି। ଖରା-ଛାଇ ଭିତରେ ବିଶ୍ୱନିୟନ୍ତାଙ୍କ ସାନ୍ନିଧ ପାଇବା ପାଇଁ ଦର୍ଶନାର୍ଥୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଅନ୍ୟପଟେ ରାସମଣ୍ଡପରେ ସୋମବାର ଦାରୁବିଗ୍ରହଙ୍କୁ ଲାଗି ହୋଇଛି ଅନ୍ନପ୍ରସାଦ। ଶ୍ରଦ୍ଧାଳୁ ବି ପାଇଛନ୍ତି ଚଳିତବର୍ଷ ପ୍ରଥମ ଆଡ଼ପ ଅବଢ଼ା। ପୁଣି ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ଶ୍ରୀମୁଖ ଶୃଙ୍ଗାର।

ରବିବାର ଗୋଟିପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଥିଲେ ଚତୁର୍ଦ୍ଧା ମୂର୍ତ୍ତି। ସ୍ୱାଭାବିକ ହୋଇଥିଲା ଆଡ଼ପ ପହଣ୍ଡି। ସନ୍ଧ୍ୟା ୬ଟା ୫୦ରେ ପହଣ୍ଡି ଆରମ୍ଭ ହୋଇଥିବା ବେଳେ ରାତି ୧୦ଟାରେ ଶେଷ ହୋଇଥିଲା। ଜନ୍ମବେଦୀରେ ଠାକୁର ପହଞ୍ଚିବା ପରେ ବଡ଼ସିଂହାର ଓ ପହୁଡ଼ ନୀତି ହେବାର ବିଧି ରହିଛି। କିନ୍ତୁ ସମୟ ଅଭାବରୁ ଏହି ନୀତି ହୋଇପାରିନଥିଲା। ରାତି ୧ଟା ୪୦ରେ ରୁନ୍ଧା ଶେଷ ହୋଇଥିଲା। ରାତି ୨ଟା ୧୫ରେ ଚାରମାଳ ଫିଟାଇବାକୁ କୋଠସୁଆଁସିଆମାନେ ପ୍ରବେଶ କରି ୩ଟା ୩୫ରେ ବାହାରିଥିଲେ। ଏହାପରେ ସୁଦର୍ଶନ ରୁନ୍ଧା, ଶ୍ରୀମୁଖ ଖଣ୍ଡୁଆ ମଇଲମ, ଚକାପୋଛା, ସିଂହାସନ ଧୂଆ ହୋଇ ଭୋର୍ ୫ଟା ୧୦ରେ ମହାସ୍ନାନ ଶେଷ ହୋଇଥିଲା। ସୋମବାର ସକାଳ ୭ଟା ୪୦ରେ ମଙ୍ଗଳ ଆଳତି କରାଯାଇଥିଲା। ପୂର୍ବାହ୍ନ ୯ଟା ୫୫ରେ ଅବକାଶ ବଢ଼ିବା ପରେ ପୂର୍ବାହ୍ଣ ୧୦ଟା ୧୦ରେ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ମନ୍ଦିର ମୁଖ୍ୟଦ୍ୱାର ଦେଇ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି



ନାକଚଣା ଦ୍ୱାର ଦେଇ ବାହାରକୁ ବାହାରିଥିଲେ। ମଧ୍ୟାହ୍ନ ୧୨ଟା ୩୦ରେ ଗୋପାଳବଲ୍ଲଭ ସରିଥିବା ବେଳେ ଅପରାହ୍ଣ ୧ଟା ୪୫ରେ ସକାଳ ଧୂପ ନୀତି ବଢ଼ିଥିଲା। ଏହାପରେ ବାହାରିଥିଲା ଆଡ଼ପ ଅବଢ଼ା। ପ୍ରଥମ ଦିନରେ ହଜାର ହଜାର ଶ୍ରଦ୍ଧାଳୁ

## ମହାପ୍ରଭୁଙ୍କର ହେଲା ଶ୍ରୀମୁଖ ଶୃଙ୍ଗାର

ଆଡ଼ପ ଦର୍ଶନ କରି ପାଇଥିଲେ ଆଡ଼ପ ଅବଢ଼ା। ସକାଳ ଧୂପରେ କମ୍ ଅବଢ଼ା ବାହାରିଥିବା ବେଳେ ଭୋଗମଣ୍ଡପରେ ପର୍ଯ୍ୟାପ୍ତ ମହାପ୍ରସାଦ ବାହାରିଥିଲା। ବର୍ଷକୁ ଥରେ ଆଡ଼ପ ଅବଢ଼ା ମିଳୁଥିବାରୁ ଶ୍ରଦ୍ଧାଳୁମାନେ ଉତ୍କଣ୍ଠାର ସହ ପାଇ ସାଙ୍ଗରେ ମଧ୍ୟ ନେଇଯାଉଥିଲେ।

ଅନ୍ୟପକ୍ଷରେ ମଙ୍ଗଳବାର ହେରାପଞ୍ଚମୀ। ଏହାର ପୂର୍ବ ଦିନ ମହାପ୍ରଭୁଙ୍କ ବନକଲାଗି ହେବାର ପରମ୍ପରା ରହିଛି। ତେଣୁ ସୋମବାର ଗୁଣ୍ଡିଚା ମନ୍ଦିରରେ ଦ୍ୱିତୀୟ ଭୋଗମଣ୍ଡପ ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ସନ୍ଧ୍ୟାରେ ଦତ୍ତମହାପାତ୍ର ସେବକମାନେ ପ୍ରବେଶ କରି ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ଏହି ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ।







## ଆଜି ହେରା ପଞ୍ଚମୀ



**ରଥଯାତ୍ରାର ଏକ ବିଶେଷ ନୀତି ହେଉଛି ହେରାପଞ୍ଚମୀ। ଏହା ରଥଯାତ୍ରାରୁ ପଞ୍ଚମ ଦିବସରେ ଅର୍ଥାତ୍ ଆଷାଢ଼ ଶୁକ୍ଳ ଷଷ୍ଠୀରେ ପାଳିତ ହୋଇଥାଏ। ମହାପ୍ରଭୁ ଗୁଣ୍ଡିଚା ଘରେ ବିଜେ କରିଥିବା ସମୟରେ ଏହି ନୀତି ପାଳିତ ହୋଇଥାଏ। ଏଥିରେ ଦାମ୍ପତ୍ୟ ଜୀବନର ମାନଅଭିମାନ ପ୍ରତିଫଳନ ଦେଖିବାକୁ ମିଳିଥାଏ। ଶ୍ରୀ ଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ଯାଇଥାନ୍ତି। କିନ୍ତୁ ସାଙ୍ଗରେ ମା' ଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ ସେ ଅଭିମାନ କରନ୍ତି। ସେଥିପାଇଁ ମହାଲକ୍ଷ୍ମୀ ରାଗରେ ନନ୍ଦିଘୋଷ ରଥର ଖଣ୍ଡେ କାଠ ଭାଙ୍ଗି ଦିଅନ୍ତି।**

ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)ଙ୍କୁ ଛାଡ଼ି ଜଗନ୍ନାଥ ମହାପ୍ରଭୁ ଭାଇ-ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରା କରିଛନ୍ତି। ତାଙ୍କୁ ସାଙ୍ଗରେ ନ ଆଣିଥିବାରୁ ଅଭିମାନରେ ରହିଛନ୍ତି ଶ୍ରୀଦେବୀ। ତେଣୁ କାଳିଆ ଠାକୁରଙ୍କୁ ଫେରାଇ ନେବାକୁ ଗୁଣ୍ଡିଚା ମନ୍ଦିର ଆସନ୍ତି ଶ୍ରୀଦେବୀ। ହେଲେ ୯ ଦିନର ଯାତ୍ରା ନ ସରିବା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀମନ୍ଦିର ଫେରିବେ ନାହିଁ ବୋଲି ଶ୍ରୀଦେବୀଙ୍କୁ କୁହନ୍ତି। ଏଥିରେ ରାଗିଯାଇ ଫେରିବା ବେଳେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଭାଙ୍ଗି ଦେଇଯାଆନ୍ତି। ଏହି ପରମ୍ପରାକୁ ହେରାପଞ୍ଚମୀ କୁହାଯାଏ। ଆସନ୍ତାକାଲି (ମଙ୍ଗଳବାର) ଏହି ନୀତି ପାଳିତ ହେବ। ଶ୍ରୀମନ୍ଦିରରୁ ଶ୍ରୀଦେବୀ ଆସିବେ ଗୁଣ୍ଡିଚା ମନ୍ଦିର। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି।

ଭୋର୍ ୪ଟାରେ ଦ୍ୱାରଫିଟା ଯାଇ ୫ଟା ସୁଦ୍ଧା ମଙ୍ଗଳଆଳତି ବଢ଼ିବ। ମଇଲମ, ତଡ଼ପଲାଗି ନୀତି ପରେ ସକାଳ ୬ଟାରେ ଅବକାଶ ନୀତି ସମ୍ପନ୍ନ ହେବ। ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟା ସାହାଣମେଲା ଦର୍ଶନ ରହିଛି। ଏହାପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ହୋଇ ଠାକୁରଙ୍କ ବେଶ ବଢ଼ିବ। ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦ ମଧ୍ୟରେ ସକାଳ ଧୂପ ଏବଂ ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଭୋଗମଣ୍ଡପ ବଢ଼ିବ। ପରେ ମହାପ୍ରଭୁଙ୍କ ମଇଲମ, ଯାତ୍ରାଙ୍ଗୀ ମହାସ୍ନାନ, ଘଣ୍ଟଛତା ସର୍ବାଙ୍ଗ, ନୂଆଲୁଗା ଲାଗି ବେଶ ହେବ। ଅପରାହ୍ଣ ୩ଟାରୁ ୪ଟା ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ ନୀତି ବଢ଼ି ଅପରାହ୍ଣ ୫ଟା ୩୦ ସୁଦ୍ଧା ଦ୍ୱିତୀୟ ଭୋଗମଣ୍ଡପ ବଢ଼ିବ। ଏହାପରେ ମଇଲମ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ ବାଡ଼ରେ ମହାସ୍ନାନ, ତିନିବାଡ଼ରେ ଘଣ୍ଟଛତା ସର୍ବାଙ୍ଗ, ନୂଆଲୁଗା ଲାଗି ଏବଂ ଅଳଙ୍କାର ଲାଗି ଠାକୁରଙ୍କ ବେଶ ହେବ। ପରେ ସନ୍ଧ୍ୟାଧୂପ ସମ୍ପନ୍ନ ହେବ। ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ରଥ ନିକଟରେ ନୀତି ସାରି ଶ୍ରୀଦେବୀ ରାତି ୯ଟା ୩୦ରେ ଜଗମୋହନକୁ ବିଜେ କରିବେ। ଏହାପରେ ଶ୍ରୀଦେବୀଙ୍କୁ ଆଜ୍ଞାମାଳ ଲାଗି ହେବା ପରେ ସନ୍ଧ୍ୟାଧୂପ ଟେରା ପଡ଼ିବ। ରାତି ୯ଟା ୫୦ ସୁଦ୍ଧା ସନ୍ଧ୍ୟାଧୂପ ବଢ଼ିବ। ପରେ ମଇଲମ, ଚନ୍ଦନଲାଗି ଓ ବଡ଼ସିଂହାର ହୋଇ ରାତି ୧ଟା ସୁଦ୍ଧା ପହୁଡ଼ ହେବାକୁ ନୀତି ନିର୍ଘଣ୍ଟ କରାଯାଇଛି।

### ନନ୍ଦିଘୋଷ ରଥ ଭାଙ୍ଗିବେ ଲକ୍ଷ୍ମୀ ସାଆନ୍ତାଣୀ

# ମିଳିଲା ଆଡ଼ପ ଅବଢ଼ା

## ତୃପ୍ତ ହେଲା ଭକ୍ତ ପ୍ରାଣ

ମହାପ୍ରଭୁ ଆଡ଼ପମଣ୍ଡପରେ ବିଜେ କରିଥିବା ବେଳେ ବାହାରିଥାଏ ଆଡ଼ପ ଅବଢ଼ା। ଏହି ଆଡ଼ପ ଅବଢ଼ା କେବଳ ରଥଯାତ୍ରା ସମୟରେ ହିଁ ମିଳିଥାଏ। ଏହାକୁ ପାଇବା ପାଇଁ ଭକ୍ତ ଉତ୍ସୁକତାର ସହ ଅପେକ୍ଷା କରିଥା'ନ୍ତି। ସୋମବାର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ପାଇଛନ୍ତି ଆଡ଼ପ ଅବଢ଼ା। ତୃପ୍ତ ହୋଇଛି ଭକ୍ତ ପ୍ରାଣ। ଅନେକ ଭକ୍ତ ସକାଳୁ ଆସି ଦର୍ଶନ ସାରିଥିଲେ ହେଁ ଅବଢ଼ା ପାଇଁ ଅପେକ୍ଷା କରିଥିଲେ। ପ୍ରଥମ ଆଡ଼ପ ଅବଢ଼ା ପାଇବା ପରେ ସେମାନେ ବେଶ୍ ଖୁସି ହୋଇଥିଲେ।

ନୟାଗଡ଼ର ତିଳୋତ୍ତମା ସାହୁ କହିଛନ୍ତି, ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ ଶୁଣିଥିଲି। ତେଣୁ ଦର୍ଶନ କରିବାକୁ ଇଚ୍ଛା ଥିଲା।



ରବିବାର ପୁରୀରେ ପହଞ୍ଚି ଜଣେ ବନ୍ଧୁଙ୍କ ଘରେ ରହିଥିଲି। ସୋମବାର ଦର୍ଶନ ସହ ଆନନ୍ଦ ବଜାରରେ ବସି ଆଡ଼ପ ଅବଢ଼ା ଖାଇବାର ସୌଭାଗ୍ୟ ପାଇଲି। ମନ ମୋର ତୃପ୍ତ ହୋଇଗଲା। ଅନ୍ୟ ଜଣେ ଶ୍ରଦ୍ଧାଳୁ ଗୀତା ସୁବୁଦ୍ଧି ବେଶ୍ ଭାବବିହ୍ୱଳ ହୋଇ କହିଥିଲେ, ଆଡ଼ପ ମଣ୍ଡପରେ ମହାବାହୁଙ୍କୁ ଭଲ ଭାବେ ଦର୍ଶନ ସହ ଗୁଣ୍ଡିଚା ମନ୍ଦିରରେ ଅବଢ଼ା ସେବନ କଲୁ। ଏହାଠୁ ଆନନ୍ଦ ଜୀବନରେ ଆଉ କିଛି ନାହିଁ। ମନ ପୂରିଗଲା। ତେବେ ଏହି ଭିଡ଼ ଭିତରେ ଏମିତି କିଛି ବ୍ୟକ୍ତି ଥିଲେ ଯେଉଁମାନେ ଆଡ଼ପ ଅବଢ଼ା କିଣି ଆଣି ଶ୍ରଦ୍ଧାଳୁଙ୍କୁ ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ନାକଚଣା ଦ୍ୱାରରେ ବସିଥିବା ଅସହାୟ ବ୍ୟକ୍ତିଙ୍କୁ ମଧ୍ୟ ନିଜେ ଅବଢ଼ା ପରଷି ଦେଉଥିଲେ। ଅଳପ ହେଉ ପଛେ ଆଡ଼ପ ଅବଢ଼ା ପାଇ ତୃପ୍ତ ହେଉଥିଲେ ଭକ୍ତ।

## ନବଦିନାତ୍ମକ ବ୍ରତରେ ମୋକ୍ଷପ୍ରାପ୍ତି

ମହାପ୍ରଭୁଙ୍କ ଘୋଷଯାତ୍ରାଠାରୁ ଅନେକ ବ୍ରତଧାରୀ ୯ ଦିନାତ୍ମକ ହବିଷ୍ୟ ବ୍ରତ କରିଥା'ନ୍ତି। କାହିଁକେଉଁ କାଳରୁ ଏହି ନବଦିନାତ୍ମକ ବ୍ରତ ପାଳନ କରିଆସୁଛନ୍ତି ବ୍ରତଧାରୀ। ବିଶେଷ କରି ସେବାୟତ ଘରର ବୟସ୍କା ମହିଳାମାନେ ଏହି ବ୍ରତ ଅଧିକ କରିଥା'ନ୍ତି। ଇନ୍ଦ୍ରଦ୍ୟୁମ୍ନରେ ବୁଡ଼ ପକାଇ ସଂକଳ୍ପ କରିବା ପରେ ଯଜ୍ଞ ନୃସିଂହଙ୍କୁ ପ୍ରଣାମ କରି ରଥାରୂଢ଼ ବିଗ୍ରହଙ୍କୁ ମଧ୍ୟ ଦର୍ଶନ କରନ୍ତି। ରଥରେ ମହାପ୍ରଭୁଙ୍କୁ ଶୁଖିଲା ଭୋଗ ଲାଗି ହୋଇଥିବାରୁ ବ୍ରତଧାରୀମାନେ ମଧ୍ୟ ଫଳ ଓ ଜଳଖିଆ ଖାଦ୍ୟ ଭାବରେ ଗ୍ରହଣ କରିଥା'ନ୍ତି। ମହାପ୍ରଭୁ ଆଡ଼ପ ମଣ୍ଡପକୁ ବିଜେ କରିବା ପରେ ବ୍ରତଧାରୀମାନେ ମଧ୍ୟ ଆଡ଼ପ ମଣ୍ଡପରେ ଦର୍ଶନ କରି ଆଡ଼ପ ଅବଢ଼ା ସେବନ କରନ୍ତି। ପୁରୀର ଷୋହଳ ଶାସନର ପୁରୁଖା ଲୋକ ଏହି ବ୍ରତ ମଧ୍ୟ କରିଥା'ନ୍ତି। ଏହି ନବଦିନାତ୍ମକ ବ୍ରତ ପାଳନ କରିଲେ ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି।



# ଘଣ୍ଟନାଦରେ କମ୍ପିଉଠେ ପରିବେଶ

ଘଣ୍ଟର ଧ୍ୱନୀ ଶୁଣିଲେ ଦେହରେ ଏକ ପ୍ରକାରର ଶିହରଣ ଖେଳିଯାଏ। ମନ, ଆତ୍ମା ସବୁ ଚିହିଁକି ଉଠିପଡ଼ନ୍ତି। ଏହିଭଳି ମଧ୍ୟ ମହାପ୍ରଭୁଙ୍କର ରଥଯାତ୍ରାରେ ଘଣ୍ଟୁଆମାନଙ୍କ ଘଣ୍ଟନାଦରେ ଚତୁର୍ଦ୍ଦିଗ କମ୍ପି ଉଠେ। ଘଣ୍ଟୁଆମାନେ ଅଣ୍ଟାକୁ ହଲେଇ ହଲେଇ, ନାଚି ନାଚି ସମତାଳରେ ଘଣ୍ଟ ବାଦନ କରୁଥିବାବେଳେ ଗଗନ ପବନ ବି ଏହି ଘଣ୍ଟ ନାଦରେ ପ୍ରକମ୍ପିତ ହୋଇ ଉଠେ। ଏହି ସମତାଳରେ ଘଣ୍ଟ ଶବ୍ଦକୁ ଅନୁଭବ କରିବା ପାଇଁ ଶ୍ରଦ୍ଧାଳୁମାନେ ଚାତକ ପରି ଚାହିଁ ରହିଥା'ନ୍ତି। ମହାପ୍ରଭୁ ଶ୍ରୀମନ୍ଦିରରୁ ପହଣ୍ଡି, ରଥଟଣାବେଳେ ଏହି ଘଣ୍ଟୁଆମାନେ ଶ୍ରଦ୍ଧାଳୁଙ୍କୁ ଭେଟିଦିଅନ୍ତି ଏକ ଆଧ୍ୟାତ୍ମିକ ସିହରଣ। ଏହି ଘଣ୍ଟୁଆ ସେବାକୁ ପ୍ରାୟ ୮୦ରୁ ୯୦ ଜଣ ଘଣ୍ଟୁଆ ଗୋଷ୍ଠୀଗତ ଭାବେ ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଏହି ଘଣ୍ଟନାଦ ସେବା ଯୋଗାଇ ଦିଅନ୍ତି।

ଘଣ୍ଟ ଏକ କାଠିଆରୁ ଆରମ୍ଭ ହୋଇ ୧୬ କାଠିଆ ତାଳରେ ବଜାଯାଇଥାଏ। ଜଣେ ଘଣ୍ଟୁଆ ସେବକ ଏକ ତାଳରେ ଘଣ୍ଟ ବଜାଇଲେ ଏହାକୁ ସମସ୍ତେ ଅନୁକରଣ କରିଥା'ନ୍ତି। ଘଣ୍ଟୁଆମାନେ ନାଚି ନାଚି ଅଣ୍ଟା ହଲେଇ ହଲେଇ ଘଣ୍ଟ ବଜାଇବା ଶୈଳୀ କେଉଁଠି ଦେଖିବାକୁ ମିଳେନାହିଁ। ଏଣୁ ଏହାକୁ ବିଜେଘଣ୍ଟ ବୋଲି କୁହାଯାଇଥାଏ। ରଥଯାତ୍ରା ସମୟରେ ସବୁ ଘଣ୍ଟୁଆଙ୍କୁ ନିଯୋଗ ପକ୍ଷରୁ ନୂଆ ବସ୍ତ୍ର ଓ ଘଣ୍ଟ ଯୋଗାଇ ଦିଆଯାଏ। ଏହି ସେବାରେ ପୁରୀର ୨୪ ଘର ଏବଂ କଟକ ଭଟିମୁଣ୍ଡି ଗାଁର ୧୨ ଘର ନିୟୋଜିତ ହୁଅନ୍ତି। ଆଠ ତାଳରେ ଘଣ୍ଟ ବାଦ୍ୟ ପରିବେଷଣ ହୋଇଥାଏ। ରଥ ଓ ପହଣ୍ଡି ସମୟର ଘଣ୍ଟ ତାଳ ଅଲଗା ଅଲଗା ରହିଥାଏ। ବିଶେଷକରି ପହଣ୍ଡିବେଳେ ତାଳ ମହାପ୍ରଭୁ ଯେତେ ଆଗକୁ ବଢ଼ନ୍ତି ଘଣ୍ଟର ଧ୍ୱନୀ ସେତେ ତୀବ୍ର ହୁଏ। ଏକତାଳି, ଝୁମ୍ପା, ପପଟା, ଖଣ୍ଡିକିଆ, ଅଠର, କାଠିଆ, ଘଣ୍ଟବାଦ୍ୟ ପରିବେଷଣବେଳେ ଘଣ୍ଟୁଆଙ୍କ ଅଣ୍ଟା ମଧ୍ୟ ସେହି ଅନୁରୂପ କମନୀୟ ହେଉଥାଏ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।


**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ


- ୧୮୬୨: କଲିକତା ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୮୭୯: ଭାରତରେ ପୋଷ୍ଟ କାର୍ଡ ପ୍ରଚଳନ ହେଲା।
- ୧୯୨୧- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ହେଲା।
- ୧୯୯୭- ଭାରତର ପ୍ରଥମ ସାଇନ୍ସ ସିଟି କଲିକତାରେ ଖୋଲାଗଲା।
- ୨୦୧୩- କ୍ରୋଏସିଆ ୟୁରୋପୀୟ ସଂଘର ୨୮ ତମ ଦେଶ ହେଲା।
- ୨୦୧୭- ଭାରତରେ ପ୍ରଥମ ଥର ଜିଏସ୍‌ଟି(ବସ୍ତୁ ଏବଂ ସେବା କର) ଲାଗୁ କରାଗଲା।

## ଆଜି ବାହୁଡ଼ିଥିଲେ
# ପଲ୍ଲୀକବି ନନ୍ଦକିଶୋର ବଳ



ନନ୍ଦ କିଶୋର ବଳ ଓଡ଼ିଆ ସାହିତ୍ୟର ପ୍ରାକ୍-ଆଧୁନିକ କାଳର ଜଣେ କବି ଥିଲେ। ସେ ଓଡ଼ିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ 'ପଲ୍ଲୀ କବି' ବୋଲି ସମ୍ବୋଧନ କରାଯାଇଥାଏ। ତାଙ୍କ କବିତାରେ ପଲ୍ଲୀର ଦୃଶ୍ୟ, ପଲ୍ଲୀ ଜୀବନ, ମାଟି ପ୍ରତି ଭଲପାଇବା ଏବଂ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବାର ଆବେଗ ପ୍ରତିଫଳିତ ହୋଇଥାଏ। ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀବୃଦ୍ଧି କରିବାରେ ସେ ନିରନ୍ତର ପ୍ରୟାସ କରିଥିଲେ। ତାଙ୍କ ଲେଖାରେ ପଲ୍ଲୀ ଜୀବନର ସୁନ୍ଦର ଚିତ୍ର ଅତି ନିଖୁଣ ଭାବେ ପ୍ରତିଫଳିତ ହୋଇଥିଲା। ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା। ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ। ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା। ୧୮୭୫ ମସିହା ଡିସେମ୍ବର ୨୨ତାରିଖରେ ନନ୍ଦକିଶୋର କଟକ ଜିଲ୍ଲା କୁସୁପୁର ଗ୍ରାମରେ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା। ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ। ନନ୍ଦକିଶୋର କଲେଜ ପଢ଼ିବା ଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ। ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି। ତାଙ୍କ ସନେଟ୍‌ଗୁଡ଼ିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ଛୋଟ ପିଲାଙ୍କ ପାଇଁ 'ନାନାବାୟା ଗୀତ' ଲେଖି ଓଡ଼ିଶାର ପୁରପଲ୍ଲୀରେ ସେ ପରିଚିତ ଥିଲେ। ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି। ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ। ସେହପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି। ଶୋକ କବିତା ଲେଖିବାରେ ମାହିର ଥିଲେ ନନ୍ଦକିଶୋର। ସରଳ, ସାବଲୀଳ ଭାଷା ଓ ମନୋରମ ଶବ୍ଦ ସଂଯୋଜନା ତାଙ୍କ ଶୋକ କବିତାର ମୁଖ୍ୟ ବୈଶିଷ୍ଟ୍ୟ ଥିଲା। କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା। ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ। ଗାଉଁଲି ସରଳ ଜୀବନକୁ ଯୌତୁକ ଓ ବାଲ୍ୟବିବାହ କିପରି କଳୁଷିତ କରିଥାଏ, ତାହାର ଛବି ଏଥିରେ ଦେଖିବାକୁ ମିଳିଥାଏ। ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ଉଦ୍ୟମ କରିଥିଲେ। ତାଙ୍କର ଦକ୍ଷତା ଓ କୃତିତ୍ୱକୁ ସ୍ୱୀକୃତି ଜଣାଇ ୧୯୨୪ ମସିହାରେ ଇଂରେଜ ସରକାର ତାଙ୍କୁ "ରାୟ ବାହାଦୂର" ଉପାଧି ପ୍ରଦାନ କରିଥିଲେ।

# ଜାତୀୟ ଚିକିତ୍ସକ ଦିବସ



ମାନବ ସମାଜ ପାଇଁ ଡାକ୍ତରମାନେ ହେଉଛନ୍ତି ଆଶୀର୍ବାଦ ସ୍ୱରୂପ। ଏଥିପାଇଁ ସେମାନଙ୍କୁ ଦ୍ୱିତୀୟ ଭଗବାନର ଆଖ୍ୟା ଦିଆଯାଏ। ଡାକ୍ତରମାନେ ହିଁ ଜଣେ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତ କରିବାରେ ସାହାଯ୍ୟ କରନ୍ତି। ଡାକ୍ତରଙ୍କ ତ୍ୟାଗ ଓ ସମର୍ପିତ ଭାବନାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ରେ 'ଜାତୀୟ ଚିକିତ୍ସକ ଦିବସ' ପାଳନ କରାଯାଇଥାଏ। ଜଣେ ରୋଗୀ ଯେତେବେଳେ ନିଜ ରୋଗ ସହ ଲଢୁଥାଏ ସେତେବେଳେ ତାକୁ ଆରୋଗ୍ୟ କରିବାରେ ଡାକ୍ତରଙ୍କ ଗୁରୁ ଦାୟିତ୍ୱ ରହିଥାଏ। ତେବେ ଡାକ୍ତରମାନଙ୍କ ଏହି ମହାନ ଅବଦାନ, ଉତ୍ସର୍ଗୀକୃତ ସେବା ପାଇଁ ସେମାନଙ୍କୁ କୃତଜ୍ଞତା ଏବଂ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଏ। ଏହା ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ଉଭୟ ଜନ୍ମ ଓ ମୃତ୍ୟୁ ଦିବସ। ୧୮୮୨ ମସିହା ଜୁଲାଇ ୧ ତାରିଖରେ ବିଧାନ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ଓ ୧୯୬୨ରେ ସେହି ଦିନରେ ଅଶୀ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ସେ ତାଙ୍କ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ। ତାଙ୍କର ସମ୍ମାନାର୍ଥେ ତଥା ଡାକ୍ତରମାନଙ୍କ ତ୍ୟାଗ, ସେବା, ଚିକିତ୍ସାକୁ ଉଚିତ ସମ୍ମାନ ପ୍ରଦର୍ଶନ ନିମନ୍ତେ ୧୯୯୧ ମସିହାରେ ପ୍ରଥମ ଥର ପାଇଁ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଇଥିଲା। ପ୍ରତିବର୍ଷ ଏହି ବିଶେଷ ଦିନ ପାଳନ କରିବାକୁ ଏକ ଥିମ୍ ରଖାଯାଏ। ଚଳିତବର୍ଷର ଥିମ୍ ରହିଛି- "Behind the Mask: Who Heals the Healers?"।

# ସୌରଭଙ୍କ ବାୟୋପିକ୍‌ରେ ରାଜକୁମାର



ବଲିଉଡ୍ ଅଭିନେତା ରାଜକୁମାର ରାଓ ଖୁବ୍‌ଶୀଘ୍ର ପୂର୍ବତନ ଭାରତୀୟ କ୍ରିକେଟର୍ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍‌ରେ ନଜର ଆସିବେ। ନିକଟରେ ଖୋଦ୍ ରାଜକୁମାର ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଏକଥା କହିଛନ୍ତି। ରାଜକୁମାର କହିଥିଲେ ଯେ, "ଦାଦା ଯେତେବେଳେ କହି ସାରିଲେଣି, ମୁଁ ବି କହିଦେଉଛି। ହଁ ମୁଁ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍‌ରେ ଅଭିନୟ କରୁଛି। ଏହା ମୋ ପାଇଁ ଗୁରୁ ଦାୟିତ୍ୱ। ଏଥିପାଇଁ ମୁଁ ନର୍ଭସ୍ ମଧ୍ୟ ଅଛି। ଏଥିରେ ଅଭିନୟ କରିବାବେଳେ ବହୁତ ମଜା ମଧ୍ୟ ଲାଗିବ।"

କିଛି ଦିନ ପୂର୍ବରୁ ସୌରଭ ଏକ ସାକ୍ଷାତକାରରେ କହିଥିଲେ ଯେ, 'ମୋ ବାୟୋପିକ୍ ପାଇଁ ରାଜକୁମାର ସବୁଠୁ ଭଲ କଳାକାର ହେବେ।' ଏହାର ସୁଟିଂ ୨୦୨୬ରେ ହେବ ଓ ଏହା ଡିସେମ୍ବର ୨୦୨୬ରେ ମୁକ୍ତିଲାଭ କରିବ ବୋଲି ସେ କହିଥିଲେ। ହେଲେ ଏଯାଏଁ ଫିଲ୍ମର ନିର୍ଦ୍ଦେଶକ ଅନ୍ୟ କଳାକାରଙ୍କ ସମ୍ପର୍କରେ ଘୋଷଣା କରି ନାହାନ୍ତି। ତେବେ ବିକ୍ରମାଦିତ୍ୟ ମୋଟୱାନି ଏହାର ନିର୍ଦ୍ଦେଶନା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାପୂର୍ବରୁ ରାଜକୁମାର ବିକ୍ରମାଦିତ୍ୟଙ୍କ ଫିଲ୍ମ 'ଟ୍ରାପ୍‌ଡ'ରେ କାମ କରିଥିଲେ।




# ଫଟୋରୁ ଜାଣିହେବ ଛେଳିର ଓଜନ



ଏଆଇ ଦିନକୁ ଦିନ ଦ୍ରୁତ ଗତିରେ ବିକଶିତ ହେଉଛି। ଏଆଇ କୃଷି ଯାନ୍ତ୍ରିକରଣରେ ଦକ୍ଷତା, ଉତ୍ପାଦକତା, ପାଣିପାଗର ସଠିକ୍ ପୂର୍ବାନୁମାନ, ମୃତ୍ତିକା ପରୀକ୍ଷଣ, ସାର ବା କୀଟନାଶକ ଆବଶ୍ୟକ, ତାହା ବତାଇପାରିବ। ଏହି କ୍ରମରେ ଏବେ ଛେଳିପାଳନରେ ଏଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାଧାରଣତଃ ଛେଳିର ଓଜନ ଅନୁଯାୟୀ ମୂଲ୍ୟ ମିଳିଥାଏ। ବେଳେ ବେଳେ ଛେଳିର ଅଧିକ ଓଜନ ଥାଇ ବି ଛେଳିପାଳକ ଉଚିତ ମୂଲ୍ୟ ପାଇ ପାରନ୍ତିନି। ତେଣୁ କେନ୍ଦ୍ରୀୟ ଛେଳି ଗବେଷଣା ପ୍ରତିଷ୍ଠାନ (ସିଆଇଆର୍‌ଜି) ଏଆଇ ଆଧାରିତ ସ୍ମାର୍ଟଫୋନ୍ ଆପ୍ ବିକଶିତ କରିଛନ୍ତି। ଏହି ଆପ୍ ଜରିଆରେ ଏବେ ଛେଳିପାଳକ ଭିନ୍ନ ଭିନ୍ନ କୋଣରୁ ଛେଳିର ଫଟୋ ନେଇ ଏହାର ସଠିକ୍ ଓଜନ ଏବଂ ଦାମ୍ ବିଷୟରେ ଜାଣିପାରିବେ। ଫଳରେ ଛେଳିପାଳକଙ୍କୁ ଆଉ ତୃତୀୟ ପାର୍ଟି ଲୋକ ଠକି ପାରିବେନି। ସିଆଇଆର୍‌ଜି ନିର୍ଦ୍ଦେଶକ ଡା ମନୀଷ କୁମାର ଚଟଲୀ କୁହନ୍ତି, ଏହି ଆପ୍ ୩ରୁ ୪ ମାସମଧ୍ୟରେ ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ହୋଇପାରେ। ଏହାର ଉପଯୋଗ ବହୁତ ସରଳ। ତେଣୁ କ୍ଷୁଦ୍ର ଏବଂ ମଧ୍ୟମ ଚାଷୀଙ୍କ ପାଇଁ ଏହା ଅଧିକ ଲାଭଦାୟକ ହେବ।

# କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ



- ଖରିଫ ମକା/ଡାଲିଜାତୀୟ ଫସଲରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ୬ଧାଡ଼ି ଚିନାବାଦାମ ସହିତ ୨ ଧାଡ଼ି ହରଡ଼ ସମ ବ୍ୟବଧାନରେ ଅନ୍ତଃ ଫସଲ ହିସାବରେ ଚାଷ କଲେ ଯବକ୍ଷାରଜାନ ସାର ମିଳିବା ସହିତ ଉପକାରୀ କୀଟମାନଙ୍କର ସଂରକ୍ଷଣ ଓ ବଂଶ ବୃଦ୍ଧି ହୋଇଥାଏ।
- ଏକ ଏକର ମକା ଚାଷ ପାଇଁ ୬ରୁ ୭ କିଗ୍ରା ବିହନ ଦରକାର ପଡ଼ିଥାଏ। ଉପଯୁକ୍ତ ଗଛ ସଂଖ୍ୟା ରଖିବା ପାଇଁ ମକା ବିହନକୁ ବିହନ ବୁଣାଯନ୍ତ୍ର ବ୍ୟବହାର କରି ଲଙ୍ଗଳ ସିଆର ପଛରେ ଧାଡ଼ିରେ ୪ରୁ ୫ସେମି ଗଭୀରରେ ବୁଣନ୍ତୁ।
- ବର୍ଷାଛାଡ଼ିଗଲା ପରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ କପର ହାଇଡ୍ରୋକ୍ସାଇଡ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାରବେନଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ।

# ରାଗ ଲଙ୍କା





**ଲଙ୍କା ଏକ ଅର୍ଥକରୀ ଫସଲ। ଭାରତୀୟ ଜଳବାୟୁରେ ଭିନ୍ନ ଭିନ୍ନ ସ୍ଥାନରେ ଲଙ୍କା ଚାଷ କରାଯାଇଥାଏ। ତନ୍ମଧ୍ୟରୁ କିଛି ଲଙ୍କା ସବୁଠାରୁ ରାଗ ଲଙ୍କା ଭାବେ ମାନ୍ୟତା ପାଇଛି। ତେବେ ଭାରତକୁ ବାଦ୍ ଦେଲେ, ବିଶ୍ୱର ଭିନ୍ନ ଭିନ୍ନ ସ୍ଥାନରେ ମଧ୍ୟ ଲଙ୍କା ଚାଷ କରାଯାଇଥାଏ। ତେବେ ଏହି ରାଗ ଲଙ୍କାର ବିଶେଷତ୍ୱ କ'ଣ, ଏହି ଲଙ୍କା ଚାଷ କରି ଜଣେ ଲାଭବାନ ହୋଇପାରିବେ କି ନାହିଁ ଜାଣିବା...**

**ଭୂତ ଜୋଲୋକିଆ:** ପୂର୍ବୋତ୍ତର ଭାରତ ଯଥା- ଆସାମ, ନାଗାଲାଣ୍ଡ ଏବଂ ମଣିପୁରରେ ଚାଷ କରାଯାଉଥିବା ଭୂତ ଜୋଲୋକିଆ ବିଶ୍ୱର ସବୁଠୁ ରାଗୁଆ ଲଙ୍କା ଭାବେ ଗିନିଜ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଏହାକୁ "ଘୋଷ୍ଟ ପେପର, ରାଜା ମିର୍ଚ୍ଚ, କିଙ୍ଗ ମିର୍ଚ୍ଚ କୁହାଯାଏ। ଏହି ଲଙ୍କା ଛୁଇଁଲେ ହାତ ଜଳାପୋଡ଼ା ହୁଏ। ଏହି ଲଙ୍କାକୁ ୧୦ଲକ୍ଷରୁ ଅଧିକ ସ୍କୋଭିଲ ୟୁନିଟ୍ (ଏସ୍‌ଏଚ୍‌ୟୁ) ରେ ମାପ କରାଯାଇଛି। ଆଚାର, ସସ୍, ପାଉଡର, ତେଲ ଆଦି ପାଇଁ ଏହାକୁ ବ୍ୟବହାର କରାଯାଇଥାଏ। ଏହି ଲଙ୍କା ଚାଷ ପାଇଁ ନିଗିଡ଼ା, ବାଲିଆ ଦୋରସା ମାଟି ସର୍ବୋତ୍ତମ। ୨୦ରୁ ୩୦ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରା, ୭୦% ଆର୍ଦ୍ରତାରେ ଚାଷ ଭଲ ହୁଏ। ଫସଲରେ ଜୈବିକ ଖତ ଯଥା ପ୍ରୟୋଗ କରାଯାଏ। ନିୟମିତ ହାଲୁକା ଜଳ ସିଞ୍ଚନ କରାଗଲେ ଗଛ ଲଗାଇବାର ୭୫ରୁ ୯୦ ଦିନରେ ଫଳ ପ୍ରଥମ ଅମଳଯୋଗ୍ୟ ହୋଇଥାଏ। ଏକ ଏକର ଜମିରେ ୮ରୁ ୧୦ କ୍ୱିଣ୍ଟାଲ ଲଙ୍କା ଉତ୍ପାଦନ ହୁଏ। କିଲୋପ୍ରତି ୫୦୦୦ରୁ ୭୦୦୦ ଟଙ୍କା ବିକ୍ରି ହୁଏ। ଏହି ଲଙ୍କାକୁ ଶୁଖାଇ କିମ୍ବା ପ୍ରକ୍ରିୟାକୃତ ଉତ୍ପାଦ ରୂପେ ବିକ୍ରି କଲେ ଏଥିରୁ ଅଧିକ ଲାଭ ମିଳିଥାଏ।

**କାରୋଲିନା ରିପର:** ଆମେରିକାର ଏଡକରି ଏହାକୁ ବିକଶିତ କରିଥିଲେ। ୨୦୧୩ରେ ଗିନିଜ ବିଶ୍ୱ ରେକର୍ଡସ ଏହାକୁ ବିଶ୍ୱର ସବୁଠୁ ରାଗ ଲଙ୍କା ବୋଲି ଦାବି କରିଥିଲା। ଏହି ଲଙ୍କାରେ ୧୬, ୪୦,୦୦୦ ଏସ୍‌ଏଚ୍‌ୟୁ (ରାଗର ଏକକ) ରହିଛି। ଦକ୍ଷିଣ କାରୋଲିନା, ଆମେରିକାରେ ଏହି ଚାଷ ହୁଏ। ଚାଷ ପାଇଁ ଆର୍ଦ୍ର ଜଳବାୟୁ, ଜଳନିଷ୍କାସିତ ମାଟି ଏବଂ ସୂର୍ଯ୍ୟକିରଣର ଆବଶ୍ୟକତା ଥାଏ। ୧୨ରୁ ୧୬ ଇଞ୍ଚ କୁଣ୍ଡରେ ମଞ୍ଜିରୁ ଗଜା କରି ଚାଷ କରାଯାଇଥାଏ। ଗରମ ସସ୍ ଏବଂ ମସଲା ପାଉଡରରେ ଏହାକୁ ବ୍ୟବହାର କରାଯାଏ। ଏହି ଲଙ୍କାର ଚାହିଦା ମଧ୍ୟ ଅଧିକ।

**ପିପରଏକ୍ସ:** ଆମେରିକାର ଏଡ୍ କରି କାରୋଲିନା ରିପର ସହ ମିଶାଇ ଏହି ରାଗୁଆ ଲଙ୍କା ବିକଶିତ କରିଥିଲେ। ମୁଖ୍ୟତଃ ଏହି ଲଙ୍କା ସସ୍, ଚଟ୍‌ନୀ ଏବଂ ମସଲାଯୁକ୍ତ ଖାଦ୍ୟ ବନାଇବାରେ ଉପଯୋଗ କରାଯାଏ। ବିଭିନ୍ନ ଜଳବାୟୁରେ ଏହି ଚାଷ କରାଯାଇପାରେ। ଏହି ଲଙ୍କା ସବୁଠୁ ରାଗ ଲଙ୍କା ଭାବେ ୨୦୨୩ ମସିହାରେ ଗିନିଜ୍ ବିଶ୍ୱ ରେକର୍ଡରେ ସାମିଲ ହୋଇଥିଲା। ଏହି ଲଙ୍କାରେ ୨୬, ୯୩,୦୦୦ଏସ୍‌ଏଚ୍‌ୟୁ ରହିଛି। ଏହି ଲଙ୍କାର ଡିମାଣ୍ଡ ମଧ୍ୟ ଅଧିକ।

**ତ୍ରିନିଦାଦ ମୋରୁଗା ସ୍କର୍ପିୟନ:** ବିଶ୍ୱର ରାଗୁଆ ଲଙ୍କା ତ୍ରିନିଦାଦ ମୋରୁଗା ସ୍କର୍ପିୟନ ତ୍ରିନିଦାଦ ଏବଂ ଟୋବାଗୋ ଅଞ୍ଚଳରେ ଚାଷ କରାଯାଇଥାଏ। ମୁଖ୍ୟତଃ ୯୦ରୁ ୧୦୦ ଦିନ ମଧ୍ୟରେ ଲଙ୍କା ପ୍ରଥମ ଅମଳଯୋଗ୍ୟ ହୋଇଥାଏ। ନାରଙ୍ଗୀ- ଲାଲ୍ ରଙ୍ଗର ଏହି ଲଙ୍କା ବହୁତ ନରମ। ଏହି ଲଙ୍କା ବହୁତ ରାଗ।

**ଡ୍ରାଗନ୍ସ ବ୍ରିଥ୍:** ୟୁକେ ନିବାସୀ ମାଇକ୍ ସ୍ମିଥ୍ ନଟିଂହାମ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ସହ ମିଳିତ ଭାବେ ଏହି ଲଙ୍କା ବିକଶିତ କରିଥିଲେ। ଏହି ଲଙ୍କା ସବୁଠୁ ରାଗୁଆ ଲଙ୍କା ବୋଲି ବିବେଚନା କରାଯାଏ। ଅନ୍ୟ ଲଙ୍କା ତୁଳନାରେ ଏହା ୨୦୦୦ ଗୁଣ ଅଧିକ ରାଗ। ଜିଭରେ ବାଜିଲେ ଏହା ଜଳାପୋଡ଼ା ହୁଏ। ଏହା ଖାଦ୍ୟପେୟ ପାଇଁ ବ୍ୟବହାର କରାଯାଏନି।

**୭ପଟ୍ ଡଗଲା:** ଏହି ଲଙ୍କା ତ୍ରିନିଦାଦ ଦ୍ୱୀପ ଏବଂ ଟୋବାଗୋରେ ଚାଷ କରାଯାଇଥାଏ। ଏହି ଲଙ୍କା ୭ଟି ପାତ୍ର ଭୋଜନକୁ ରାଗ କରିପାରୁଥିବାରୁ ଏହାର ନାଁ ଏମିତି ରଖାଯାଇଛି।

**ନାଗା ଭାଇପର:** ଭୂତ ଜୋଲୋକିଆ, ତ୍ରିନିଦାଦ ସ୍କର୍ପିୟନ୍ ଆଦି ଲଙ୍କାକୁ ମିଶାଇ ଇଂଲଣ୍ଡର ଗେରାଲ୍ଡ ଫାଉଲର ଏହି ରାଗ ଲଙ୍କା ବିକଶିତ କରିଥିଲେ। ଏହା ସବୁଠୁ ରାଗ ଲଙ୍କା ତାଲିକାରେ ମଧ୍ୟ ସାମିଲ ରହିଛି। ସେହିପରି ୟୁକେର ଇନ୍‌ଫିନିଟ୍ ଲଙ୍କା, ୭ପଟ ପ୍ରିମୋ, ଗୁଣ୍ଟୁର ଲଙ୍କା ଅତ୍ୟଧିକ ରାଗ ପାଇଁ ଖ୍ୟାତି ଅର୍ଜିଛି।

# ଏଫ୍‌ପିଓ ଗଢୁଛନ୍ତି ଶୀତଳ ଭଣ୍ଡାର ଭବିଷ୍ୟତ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ ଏକ୍ସଲେନ୍ସ) ଦ୍ୱାରା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ କୃଷକ ଉତ୍ପାଦକ ସଂଗଠନ( ଏଫପିଓ) ଗୁଡ଼ିକ ନିମନ୍ତେ ଶୀତଳ ଭଣ୍ଡାର ନିର୍ମାଣ ଲାଗି ଆର୍ଥିକ ସହାୟତା ଯୋଗାଇଦେବେ ସରକାର। ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ର, ସିବିବିଓ, ସମ୍ପୃକ୍ତ ସରକାରୀ ଓ ଘରୋଇ ବିଭାଗ, କୃଷକ ଉତ୍ପାଦକ ସଂଗଠନ ଓ ଯୋଜନା କାର୍ଯ୍ୟନ୍ୱୟ ଏଜେନ୍ସି ପ୍ରତିନିଧିଙ୍କୁ ନେଇ ଭୁବନେଶ୍ୱରସ୍ଥିତ ଓୟୁଏଟି ନେତୃତ୍ୱରେ ଏକ ବୈଠକ ହୋଇଥିଲା।

ସେଣ୍ଟର ଅଫ ଏକ୍ସଲେନ୍ସର ଅନୁସନ୍ଧାନକାରୀ ତଥା ଯୁଗ୍ମ ନିର୍ଦ୍ଦେଶିକା ସମ୍ପ୍ରସାରଣ, ଓୟୁଏଟି ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଶୀତଳ ଭଣ୍ଡାର ସ୍ଥାପନ ପାଇଁ ୬.୫ କୋଟି ଏବଂ ଜମି ପାଇଁ ୬୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡ଼ି ମିଳିବାର ସରକାରୀ ସୁବିଧା ଥିବା ଆପିକଲର ସ୍କିମ୍ ଅଫିସର ଚିନ୍ମୟ ବେହେରା କହିଛନ୍ତି। ଶୀତଳ ଭଣ୍ଡାର ଅତି କମ୍‌ରେ ୫୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ହେବା ଦରକାର। କମ୍ ସୁଧ ଋଣ ଏବଂ ପୁରୁଣା ଶୀତଳ ଭଣ୍ଡାରର ପୁନରୁଦ୍ଧାର ପାଇଁ ୧.୫ କୋଟି ସହାୟତା ଦେବାକୁ ଆପିକଲ୍ ବ୍ୟାଙ୍କ ସହିତ ଯୋଗାଯୋଗ କରିଛି। ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଉଭୟ କୃଷକ ଉତ୍ପାଦକ ସଂଗଠନ ଏବଂ ଘରୋଇ ସଂସ୍ଥାମାନେ ଆବେଦନ କରିପାରିବେ। ଏହି ଯୋଜନାରେ ୨୫୨ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା ରହିଛି। ଏଥିନିମନ୍ତେ ଗୋ -ସୁଗମ (GO-Sugam)ପୋର୍ଟାଲ ମାଧ୍ୟମରେ ଆବେଦନ କରାଯାଇଥାଏ। ଆଗାମୀ ଦିନରେ ଏଫ୍‌ପିଓମାନଙ୍କୁ ଏହି ଯୋଜନାରେ ସାମିଲ କରି ସେମାନଙ୍କୁ ମଧ୍ୟ ଶୀତଳ ଭଣ୍ଡାର ତିଆରି କରିବାର ସୁଯୋଗ ଦିଆଯିବ।

● ୪୦ ବର୍ଷ ବୟସ ପରେ ଟି-୨୦ରେ ୨ଟି ଶତକ

## ଡୁ ପ୍ଲେସିସ୍ ବିଶ୍ୱର ପ୍ରଥମ ବ୍ୟାଟର୍

ଡଲାସ୍, ୩୦।୬ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର୍ ଫାଫ୍ ଡୁ ପ୍ଲେସିସ୍ ବିଶ୍ୱର ପ୍ରଥମ ବ୍ୟାଟର୍ ଭାବେ ୪୦ ବର୍ଷ ବୟସ ଅତିକ୍ରାନ୍ତ କରିସାରିବା ପରେ ଟି-୨୦ରେ ଦୁଇଟି ଶତକ ହାସଲ କରିବାର ବିରଳ କୀର୍ତ୍ତିମାନ କରିଛନ୍ତି। ଆମେରିକାରେ ଚାଲିଥିବା ମେଜର କ୍ରିକେଟ୍ ଲିଗ୍ (ଏମ୍‌ସିଏଲ୍)ରେ ସୋମବାର ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ନ୍ୟୁୟର୍କ ଦଳ ବିପକ୍ଷରେ ଶତକ ଅର୍ଜନ କରି ଡୁ ପ୍ଲେସିସ୍ ଏହି ସଫଳତା ପାଇଛନ୍ତି। ଏହି ମ୍ୟାଚରେ ଡୁ ପ୍ଲେସିସ୍ ୯ ଛକା ଓ ୫ ଚୌକା ବଳରେ ୫୩ ବଲରେ ୧୦୩ ରନ କରିଥିଲେ। ଫଳରେ ତାଙ୍କ ଦଳ ଟେକ୍ସାସ ସୁପର୍ କିଙ୍ଗ୍‌ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୩ ରନ କରିଥିଲା। ଜବାବରେ ଏମ୍‌ଆଇ ନ୍ୟୁୟର୍କ କାଇରନ ପୋଲାର୍ଡଙ୍କ ୭୦ ରନ ସତ୍ତ୍ୱେ ୯ ୱିକେଟ୍‌ରେ ୧୮୯ ରନ କରି ପରାସ୍ତ ହୋଇଥିଲା। ୪୦ ବର୍ଷୀୟ ଡୁ ପ୍ଲେସିସ୍ ଏମ୍‌ସିଏଲ୍‌ର ଚଳିତ ସିଜନରେ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଏଥିପୂର୍ବରୁ ଜୁନ ୨୦ରେ ସେ ସାନ୍ ଫ୍ରାନସିସ୍କୋ ଦଳ ବିପକ୍ଷରେ ୫୧ ବଲରେ ୧୦୦ ରନ କରିଥିଲେ। ସେତେବେଳେ ଡୁ ପ୍ଲେସିସ୍‌ଙ୍କୁ ୪୦ ବର୍ଷ ୩୪୨ ଦିନ ହୋଇଥିଲା। ଏହାର ୧୧ ଦିନ ପରେ ସେ ଦ୍ୱିତୀୟ ଶତକ ଅର୍ଜନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୪୦ ବର୍ଷ ବୟସ ପରେ ଟି-୨୦ କ୍ରିକେଟ୍‌ରେ ଶତକ ହାସଲ କରିବାରେ ଇଂଲଣ୍ଡର ଗ୍ରେମ୍ ହିକ୍ ପ୍ରଥମ ବ୍ୟାଟର୍ ଥିଲେ।



● ୫ରେ ନୀରଜ ଚୋପ୍ରା କ୍ଲାସିକ୍

## ଓହରିଲେ କିଶୋର ଜେନା

ବେଙ୍ଗାଲୁରୁ, ୩୦।୬ (ଏଜେନ୍ସି): ଚଳିତ ମାସ ୫ରେ ବେଙ୍ଗାଲୁରୁରେ 'ନୀରଜ ଚୋପ୍ରା କ୍ଲାସିକ' ଇଭେଣ୍ଟ ଅନୁଷ୍ଠିତ ହେବ। ଏହି ଅନ୍ତର୍ଜାତୀୟ ଜାଭେଲିନ୍ ଥ୍ରୋ ଇଭେଣ୍ଟର ଦୁଇଦିନ ପୂର୍ବରୁ ଘରୋଇ ଭାରତକୁ ଝଟ୍‌କା ଲାଗିଛି। ଓଡ଼ିଆ ଆଥ୍‌ଲେଟ୍ କିଶୋର ଜେନା ଆଘାତଜନିତ ସମସ୍ୟା ଲାଗି ଏହି ସମ୍ମାନଜନକ ଇଭେଣ୍ଟରୁ ବାଦ୍ ପଡ଼ିଛନ୍ତି। କିଶୋରଙ୍କ ଗୋଇଠିରେ ଆଘାତ ଲାଗିଥିବାରୁ ସେ ଏଥିରେ ଖେଳିପାରିବେ ନାହିଁ ବୋଲି ଜଣାପଡ଼ିଛି। ତାଙ୍କ ସ୍ଥାନରେ ଯଶବୀର ସିଂହଙ୍କୁ ସୁଯୋଗ ମିଳିଛି। ଉଲ୍ଲେଖଯୋଗ୍ୟ, ଗତ ହାଙ୍ଗଝୋଉ ଏସିଆନ୍ ଗେମ୍ସରେ ନୀରଜଙ୍କ ପଛକୁ କିଶୋର ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ। ଏଥିରେ କିଶୋର ୮୭.୫୪ ମିଟର ଜାଭେଲିନ୍ ଫିଙ୍ଗି କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। 'ନୀରଜ ଚୋପ୍ରା କ୍ଲାସିକ' ଇଭେଣ୍ଟରେ ନିଜେ ନୀରଜଙ୍କ ସମେତ ଭାରତରୁ ୫ ଜଣ ଭାଗନେବେ ।



## ଦ୍ୱିତୀୟ ଯୁଥ୍ ଦିନିକିଆରେ ଇଂଲଣ୍ଡର ରୋମାଞ୍ଚକ ବିଜୟ

ନର୍ଥାମ୍ପଟନ, ୩୦।୬ (ଏଜେନ୍ସି): ଭ୍ରମଣକାରୀ ଭାରତ ବିପକ୍ଷରେ ଏଠାରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ଯୁଥ୍ (୧୯ ବର୍ଷରୁ କମ୍) ଦିନିକିଆ ମ୍ୟାଚରେ ଇଂଲଣ୍ଡ ରୋମାଞ୍ଚକ ଭାବେ ୩ ବଲ୍ ଓ ଗୋଟିଏ ୱିକେଟ୍ ବଳକା ଥାଇ ବିଜୟୀ ହୋଇଛି। ଭାରତୀୟ ଯୁଥ୍ ଦଳ ପକ୍ଷରୁ ଧାର୍ଯ୍ୟ ପକ୍ଷରୁ ୨୯୦ ରନର ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୪୯.୩ ଓଭରରେ ୯ ୱିକେଟ୍ ହରାଇ ଶେଷରେ କଷ୍ଟସାଧ ବିଜୟ ଲାଭ କରିଥିଲା। ଇଂଲଣ୍ଡ ପକ୍ଷରୁ ଅଧିନାୟକ ଥୋମାସ ରିଉ ୮୯ ରନରେ ୧୩୧ ରନର ଦ୍ରୁତ ଶତକୀୟ ପାଳି ଖେଳି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ଭାରତ ପକ୍ଷରୁ ଆର୍‌ଏସ୍ ଆମ୍ବ୍ରିସଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଏହି ବିଜୟ ସହ ଇଂଲଣ୍ଡ ୫ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୧-୧ରେ ବରାବର୍‌ସ୍ଥିତିକୁ ଆଣିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଭାରତ ୬ ୱିକେଟ୍‌ରେ ଜିତିଥିଲା। ସୋମବାର ଅନୁଷ୍ଠିତ ଏହି ଦ୍ୱିତୀୟ ମ୍ୟାଚରେ ଭାରତ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତୀୟ ଯୁଥ୍ ଦଳ ୪୯ ଓଭରରେ ୨୯୦ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ବିହାନ ମାଲ୍‌ହୋତ୍ରା ସର୍ବାଧିକ ୪୯, ରାହୁଲ କୁମାର ୪୭ ଓ କନିଷ୍କ ଚୌହାନ ୪୫ ରନ କରିଥିଲେ। ପ୍ରଥମ ମ୍ୟାଚରେ ୧୯ ବଲରେ ୪୮ ରନର ଦ୍ରୁତ ପାଳି ଖେଳିଥିବା ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀ ଆଜି ମଧ୍ୟ ୩୪ ବଲରେ ୪୫ ରନ କରି ଆଉଟ୍ ହୋଇଥିଲେ। ତେବେ ଅଧିନାୟକ ଆୟୁଷ ମହାତ୍ରେ ଖାତା ଖୋଲିପାରି ନ ଥିଲେ।

**ଭାରତ ହାତରୁ ମ୍ୟାଚ୍ ଛଡ଼ାଇନେଲେ ଥୋମାସ୍**

ଗୋଟିଏ ଦିନ ପରେ ଦ୍ୱିତୀୟ ଟେଷ୍ଟ ମୁକାବିଲା

# ଇଂଲଣ୍ଡ ଦଳ ଘୋଷଣା; ଦ୍ୱନ୍ଦ୍ୱରେ ଭାରତ

ଏଜ୍‌ବାଷ୍ଟନ,୩୦।୬ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଠାରେ ଆସନ୍ତା ବୁଧବାର ଖେଳାଯିବ। ଏହା ପୂର୍ବରୁ ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତର ପ୍ରଭାବୀ ପ୍ରଦର୍ଶନକୁ ପ୍ରତିହତ କରି ଇଂଲଣ୍ଡ ବାଜି ମାରିନେଇଥିଲା। ଯାହା ଫଳରେ ଭାରତର ରଣନୀତି ଓ ପ୍ରଦର୍ଶନ ଫେଲ ମାରିଥିଲା। ଏବେ ସିରିଜ୍‌ରେ ଦ୍ୱିତୀୟ ମୁକାବିଲା ଲାଗି ଇଂଲଣ୍ଡ ଦଳ ପ୍ରଥମ ଟେଷ୍ଟ ଭଳି ଗୋଟିଏ ଦିନ ଆଗରୁ ତାହାର ଚୂଡ଼ାନ୍ତ ଦଳ ଘୋଷଣା କରିଛି। ପ୍ରଥମ ଟେଷ୍ଟକୁ ୫ ୱିକେଟରେ ଜିତିଥିବା ଇଂଲଣ୍ଡ ଦଳରେ କୌଣସି ଖେଳାଳି ପରିବର୍ତ୍ତନ କରାଯାଇ ନାହିଁ। ବିଶେଷ କରି ଦଳରେ ଜଣେ ଅଧିକ ଖେଳାଳିଭାବେ ସାମିଲ ହୋଇଥିବା ଜୋଫ୍ରା ଆର୍ଚରଙ୍କୁ ମଧ୍ୟ ଏହି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଅନ୍ୟ ପକ୍ଷରେ ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟରେ ମଧ୍ୟ ଦଳ କାହାକୁ ସାମିଲ କରିବ ଓ କାହାକୁ ବାଦ୍ ଦେବ ତାହାକୁ ନେଇ ଭାରତୀୟ ଦଳ ଦ୍ୱନ୍ଦ୍ୱରେ ରହିଛି। ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି ଭାରତୀୟ ଦଳର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ନେଇ। ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳାଇବ କି ନାହିଁ ତାହାକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ ରହିଛନ୍ତି। ଭାରତ ତାହାର ରଣନୀତି ଆଗୁଆ ପ୍ରସ୍ତୁତ କରିପାରୁ ନାହିଁ।



### ବୁମ୍‌ରାଙ୍କୁ ନେଇ ଆଶଙ୍କା

ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ପୂର୍ବପରି ଫିଟ୍ ନାହାନ୍ତି। ଏଣୁ ସିରିଜ୍ ପୂର୍ବରୁ ତାଙ୍କୁ ୫ଟି ମଧ୍ୟରୁ ୩ଟି ଖେଳାଇବାକୁ ଭାରତର ହେଡ୍ କୋଚ୍ ଗୌତମ ଗମ୍ଭୀର କହିଥିଲେ। କିନ୍ତୁ ସେ କେଉଁ ଦୁଇଟି ଟେଷ୍ଟ ଖେଳିବେ ନାହିଁ ତାହା ବୁମ୍‌ରାଙ୍କ ଫିଟନେସ ଉପରେ ନିର୍ଭର କରେ ବୋଲି ପ୍ରଥମ ଟେଷ୍ଟ ହାରିଯିବା ପରେ ଚାପରେ ପଡ଼ି ଗମ୍ଭୀର କହିଥିଲେ। ଏହା ମଧ୍ୟରେ ବୁମ୍‌ରା ଆଜିକୁ ମିଶାଇ ଜୋରଦାର ଅଭ୍ୟାସ କରିଛନ୍ତି। ଯୋଜନା ଅନୁଯାୟୀ ସେ ଏହି ଟେଷ୍ଟରେ ଖେଳି ନ ଥାନ୍ତେ। କିନ୍ତୁ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ଯେପରି ଦୟନୀୟ ହୋଇଥିଲା, ତାହାକୁ ଦେଖିଲେ ବୁମ୍‌ରାଙ୍କ ବିନା ଭାରତ ଦ୍ୱିତୀୟ ଟେଷ୍ଟକୁ ଜିତିବାର ଆଦୌ ସମ୍ଭାବନା ରହିବ ନାହିଁ। ଏ ସମ୍ପର୍କରେ ପୂର୍ବତନ ହେଡ୍ କୋଚ୍ ରବି ଶାସ୍ତ୍ରୀ ମଧ୍ୟ ଖୋଲାଖୋଲି ବୁମ୍‌ରାଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳାଇବା ସମ୍ପର୍କରେ କହିଥିଲେ। ବୁମ୍‌ରାଙ୍କୁ ଦଳରୁ ବାଦ୍ ଦେବା ପୂର୍ବରୁ ଦୁଇଥର ଚିନ୍ତା କରିବାକୁ ଶାସ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଭଳି ସ୍ଥିତିରେ ଭାରତୀୟ ଏକାଦଶରେ କାହାକୁ ସାମିଲ କରାଯିବ, କାହାକୁ ବାଦ୍ ଦିଆଯିବା ତାହା ଟିମ୍ ମ୍ୟାନେଜମେଣ୍ଟ ଲାଗି ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

● ଭାରତର ଦୁଇ ସ୍ପିନର ଖେଳିବେ

ଏହି ଟେଷ୍ଟ ଲାଗି ପ୍ରଥମଥର ଭାରତୀୟ ଦଳର ସମସ୍ତ ଖେଳାଳି ପଡ଼ିଆରେ ଅଭ୍ୟାସ କରିଥିଲେ। ବୁମ୍‌ରା କମ୍ ବୋଲିଂ କରିଥିଲାବେଳେ କୋଚ୍ ଗମ୍ଭୀରଙ୍କ ସହ ବେଶି ସମୟ ଆଲୋଚନା କରିଥିଲେ। କିନ୍ତୁ ଦଳର ଅନ୍ୟ ପେସ୍ ବୋଲର ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଆକାଶ ଦୀପ ଜୋରଦାର ଅଭ୍ୟାସ କରିଛନ୍ତି। ଅଭ୍ୟାସ ଶେଷରେ ସହକାରୀ କୋଚ୍ ରିୟାନ ଟେନ୍ ଡୋଶ୍ଚେଟ ମଧ୍ୟ ଗଣମାଧ୍ୟମ ଆଗରେ ଭାରତର ଅସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଆମେ ଏହି ଟେଷ୍ଟରେ କିଏ ଖେଳିବ କି ନାହିଁ ତାହା ସ୍ଥିର କରି ନାହୁଁ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ସହକାରୀ କୋଚ୍ ଡୋଶ୍ଚେଟ୍। କିନ୍ତୁ ଏହି ମ୍ୟାଚ୍‌ରେ ଦୁଇଜଣ ସ୍ପିନର ଖେଳିବା ପ୍ରାୟ ନିଶ୍ଚିତ କରାଯାଇଛି। କିନ୍ତୁ ସେହି ସ୍ପିନର ବୋଲର ଦୁଇଜଣ କିଏ ତାହା ଜଣାଇ ନାହାନ୍ତି। ଆଜି ଦଳରେ ସ୍ଥାନ ପାଇଥିବା ସ୍ପିନରଙ୍କ ମଧ୍ୟରୁ କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ଜୋରଦାର ଅଭ୍ୟାସ କରିଥିଲେ। ୱାସି ବହୁତ ଭଲ ବ୍ୟାଟିଂ କରୁଛନ୍ତି ବୋଲି ଡୋଶ୍ଚେଟ କହିଛନ୍ତି। କିନ୍ତୁ ରବୀନ୍ଦ୍ର ଜାଡେଜାଙ୍କୁ ବାଦ୍ ଦେବା ସମ୍ପର୍କରେ ସେ କିଛି ସୂଚନା ଦେଇ ନାହାଁ। ଏହି ଟେଷ୍ଟରେ ଦୁଇଜଣ ନୂଆ ଖେଳାଳି ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି ଡୋଶ୍ଚେଟ୍। ଏହି ଟେଷ୍ଟ ଲାଗି ଜଣେ ଅଧିକ ଖେଳାଳି ଭାବେ ଜୋଫ୍ରା ଆର୍ଚରଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ଘରୋଇ କାମରେ ବ୍ୟସ୍ତ ରହିବାରୁ ସେ ଠିକ୍ ସମୟରେ ଟିମ୍‌ରେ ଯୋଗଦେଇ ପାରି ନ ଥିଲେ। ଏଣୁ ସେ ଅଭ୍ୟାସ କରି ନ ଥିଲେ। ଏବେ ତାଙ୍କୁ ଦ୍ୱିତୀୟ ଟେଷ୍ଟ ଲାଗି ଦଳରେ ସାମିଲ ହୋଇନାହାନ୍ତି। ଦୀର୍ଘ ୪ ବର୍ଷ ପରେ ଆର୍ଚର ଇଂଲଣ୍ଡ ଦଳକୁ ଫେରିଥିଲେ। ତାଙ୍କୁ ବାଦ୍ ଦେବା ଫଳରେ ଇଂଲଣ୍ଡର ପେସ ବାହିନୀ ପୂର୍ବପରି କ୍ରିସ୍ ଓକ୍ସ, ବ୍ରାଇଡନ କାର୍ସ ଓ ଜୋଶ ଟଙ୍ଗ୍ ସମ୍ଭାଳିବେ। ବେନ୍ ଷ୍ଟୋକ୍ସ ଚତୁର୍ଥ ପେସର ଦାୟିତ୍ୱ ନେବେ।

**ଇଂଲଣ୍ଡ ଏକାଦଶ**

ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ଓକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

## ରାଜ୍ୟ ଓପନ ବନ୍ଧୁକଚାଳନା ଉଦ୍‌ଯାପିତ




ଭୁବନେଶ୍ୱର,୩୦।୬ (ସମିସ): ଓଡ଼ିଶା ରାଇଫଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଓପନ ବନ୍ଧୁକ ଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ ସୁଟିଂ ରେଞ୍ଜ (୫୦ମିଟର) ଓ ଉତ୍କଳ କରାଟେ ସ୍କୁଲ ସୁଟିଂ ରେଞ୍ଜ (୧୦ ମିଟର) ପରିସରରେ ଅନୁଷ୍ଠିତ ହୋଇଥଲା। ୪୦୦ ପ୍ରତିଯୋଗୀଙ୍କୁ ନେଇ .୨୨ ପିସ୍ତଲ, .୩୨ ପିସ୍ତଲ ଓ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ଆର୍‌କେ ନନ୍ଦ ଓ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଇଫଲ ସଂଘ ସଭାପତି ଗୌରୀ ମହାନ୍ତି, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବଳଭଦ୍ର ଦାସ, ଆଶିଷ ନାୟକ, ସୋନୁ କୁମାର ପଣ୍ଡା ଓ ସତ୍ୟଜିତ ପ୍ରଧାନ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। .୩୨ ପିସ୍ତଲରେ ଆକାଶ ଲୋହାର ଓ ଆଦ୍ୟାଶଙ୍କର ସାହୁ, ୧୦ ମିଟର ଏୟାର ରାଇଫଲ ଓପନ କନିଷ୍ଠରେ ଆୟୁଷ୍ମାନ ଦାଶ, ଦିବ୍ୟ ପ୍ରିୟଦର୍ଶିନୀ ଚେପାଦାର, ବରିଷ୍ଠରେ ବିଶ୍ୱଜିତ ପାତ୍ର ଓ ମୃଦୁଳା ଦେ, ୧୦ ମିଟର ରାଇଫଲ ପିପ୍ କନିଷ୍ଠରେ ବିଭୁପ୍ରସାଦ ସାମଲ ଓ ପ୍ରାଂଶା ହୋତା, ବରିଷ୍ଠରେ ଇଶାନ ମହାନ୍ତି, ୧୦ ମିଟର ଏୟାର ପିସ୍ତଲ କନିଷ୍ଠରେ ଯଶ ରାଉତ୍ ଓ ସୁଶ୍ରୀ ଛୁଆଳସିଂ, ବରିଷ୍ଠରେ ଅର୍ଦ୍ଧେନ୍ଦୁ ପାଢ଼ୀ ଓ ସ୍ୱାତୀରାଣୀ ଗଡନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ମାଷ୍ଟର ବିଭାଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ୱିମ୍ବଲଡନ୍- ୨୦୨୫

## ଆରମ୍ଭରୁ ବିପର୍ଯ୍ୟୟ; ମେଡ୍‌ଭେଡେଭ୍ ବିଦା

ଲଣ୍ଡନ, ୩୦।୬ (ଏଜେନ୍ସି): ସ୍ଥାନୀୟ ଅଲ୍‌ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ସୋମବାରଠାରୁ ଐତିହାସିକ ଗ୍ରାଣ୍ଡସ୍ଲାମ ଟେନିସ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୧୩୮ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ହିଁ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୂର୍ବତନ ୟୁଏସ୍ ଓପନ୍ ଚାମ୍ପିଅନ ୯ମ ସିଡ୍ ରୁଷିଆର ଡାନିଲ ମେଦ୍‌ଭେଦେଭ ଓ ୮ମ ସିଡ୍ ଡେନମାର୍କର ହୋଲ୍‌ଗର ର୍ୟୁନ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ବିଶ୍ୱ ମାନ୍ୟତାର ୬୪ତମ ସ୍ଥାନରେ ରହିଥିବା ଫ୍ରାନ୍ସର ବେଞ୍ଜାମିନ ବୋନଜି ୭-୬ (୭/୨), ୩-୬, ୭-୬ (୭/୩), ୬-୨ ସେଟ୍‌ରେ ମେଦ୍‌ଭେଦେଭଙ୍କୁ ହରାଇ ବିଦାୟର ରାସ୍ତା ଦେଖାଇଛନ୍ତି। ୯ମ ସିଡ୍ ମେଡଭେଡେଭ ଗତ ଦୁଇ ସଂସ୍କରଣ ହେବ ଏଠାରେ ସେମିଫାଇନାଲରେ ପ୍ରବେଶ କରିଥିଲେ। ମେଡ୍‌ଭେଡେଭ ୭ମଥର ଲାଗି ୱିମ୍ବଲଡନ ଖେଳୁଥିବାବେଳେ ପ୍ରଥମଥର ପ୍ରଥମ ରାଉଣ୍ଡ ଉଠିପାରିନାହାନ୍ତି। ସେହିଭଳି ହୋଲ୍‌ଗର୍ ୬-୪, ୬-୪, ୫-୭, ୩-୬, ୪-୬ ସେଟ୍‌ରେ ଚିଲିର ଯୋଗ୍ୟତା ଅର୍ଜନକାରୀ ଖେଳାଳି ନିକୋଲାସ ଜେରୀଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ଅନ୍ୟ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ୭-୫, ୬-୭ (୫), ୭-୫, ୨-୬, ୬-୧ ସେଟ୍‌ରେ ଇଟାଲୀର ଭେଟେରାନ ଖେଳାଳି ଫାବିଓ ଫୋନିନିଙ୍କୁ ହରାଇ ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିଭଳି ବିଶ୍ୱ ମାନ୍ୟତାର ୨୬ତମ ସ୍ଥାନରେ ରହିଥିବା ଗ୍ରୀସର ଷ୍ଟିଫାନୋସ୍ ସିତ୍‌ସିପାସ୍ ଆଘାତ ଲାଗି ପ୍ରଥମ ରାଉଣ୍ଡ ମ୍ୟାଚ୍ ଅଧାରୁ ଓହରିଯାଇଥିଲେ।



### ସାବାଲେଙ୍କାଙ୍କ ବିଜୟ ଅଭିଯାନ

ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ବେଲାରୁଷା ଆରିନା ସାବାଲେଙ୍କା ସହଜ ବିଜୟ ସହ ଅଗ୍ରଗତି କରିଛନ୍ତି। ପ୍ରଥମ ରାଉଣ୍ଡରେ ସାବାଲେଙ୍କା ୬-୧, ୭-୫ ସିଧାସଳଖ ସେଟ୍‌ରେ କାନାଡାର ଯୋଗ୍ୟତା ଅର୍ଜନକାରୀ କାରସନ ବ୍ରାନଷ୍ଟିନଙ୍କୁ ପରାସ୍ତ କରିଥିଲେ। ସେହିଭଳି ୧୪ତମ ସିଡ୍ ୟୁକ୍ରେନର ଏଲିନା ଭିତୋଲିନା ୬-୩, ୬-୧ ସିଧାସଳଖ ସେଟ୍‌ରେ ହଙ୍ଗେରୀର ଆନ୍ନା ବୋନ୍ଦାରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଆମେରିକାର ତାରକା ଖେଳାଳି ତଥା ୬ଷ୍ଠ ସିଡ୍ ମାଡିସନ୍ କିଜ୍ ୬-୭, ୭-୫, ୭-୫ ସେଟରେ ଏଲିନା ଗ୍ରାବିଏଲ୍ ରୁସ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। କିନ୍ତୁ ଦୁଇଥରର ରନର୍ସଅପ୍ ଟ୍ୟୁନିସିଆର ଓନସ୍ ଜାବେଉର୍ ଆଘାତ ପାଇ ପ୍ରଥମ ରାଉଣ୍ଡ ଅଧାରୁ ରିଟାୟର୍ଡ ନେଇଥିଲେ। ଫଳରେ ତାଙ୍କ ପ୍ରତିପକ୍ଷ ବୁଲ୍‌ଗେରିଆର ଭିକ୍ଟୋରିଆ ତୋମୋଭା ବିଜୟୀ ହୋଇଥିଲେ।

ଓଡ଼ିଶା ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଯୁବ ମୁଷ୍ଟିଯୋଦ୍ଧାଙ୍କ ଅଭିଯୋଗର ବିଚାର କର

ଭୁବନେଶ୍ୱର, ୩୦।୬ (ସମିସ)

ଓଡ଼ିଶାର ଯୁବ ମୁଷ୍ଟିଯୋଦ୍ଧାଙ୍କ ଅଭିଯୋଗର ବିଚାର କର। ସେମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ତାହାର ତୁରନ୍ତ ସମାଧାନ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବିଚାରପତି ବିପି ରାଉତରାୟଙ୍କ ଖଣ୍ଡପୀଠ ଆବେଦନକାରୀ ସୁନୀତା ଜେନା, ରାକ୍ଷୀ ସ୍ୱାଇଁ ଓ ଅନ୍ୟମାନଙ୍କ ଆବେଦନର ବିଚାର କରି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶର ପ୍ରମାଣିତ କପି ପାଇବାର ଦୁଇମାସ ମଧ୍ୟରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା କୋର୍ଟରେ ଦାଖଲ କରିବାକୁ ମଧ୍ୟ କ୍ରୀଡ଼ା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ।

ହାଇକୋର୍ଟରେ ପୁରୀର ସୁନୀତା ଜେନା, ରାକ୍ଷୀ ସ୍ୱାଇଁ ଓ ଅନ୍ୟମାନେ କରିଥିବା ଆବେଦନ ଅନୁଯାୟୀ, ଜାତୀୟ ବକ୍ସିଂ ଚାମ୍ପିଅନସିପ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ଆବେଦନକାରୀଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯାଇ ନ ଥିଲା। ଏହି ପ୍ରତିଯୋଗିତାଟି ନଏଡାରେ ଚଳିତବର୍ଷ ମାର୍ଚ୍ଚ ୨୧ରୁ ୨୭ ତାରିଖଯାଏ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଓଡ଼ିଶା ସୌଖୀନ ମୁଷ୍ଟିଯୋଦ୍ଧା ସଂଘ (ଓଏବିଏ)ର ମନମାନି ଓ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଏହି ଉଦୀୟମାନ ମୁଷ୍ଟିଯୋଦ୍ଧାମାନଙ୍କୁ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ଦିଆଯାଇ ନ ଥିଲା। ଆବେଦନକାରୀମାନେ ସିଧାସଳଖ ଓଏବିଏ ସଭାପତି ଅନୀଲ ବହିଦାର ଜାଣିଶୁଣି ଏପରି କରିଥିବା ସେମାନେ ଆବେଦନରେ ଦର୍ଶାଇଥିଲେ। ବହିଦାର ବାରମ୍ବାର ନିଜ କ୍ଷମତାର ଉଲ୍ଲଙ୍ଘନ କରି ଗତ ଏକ ଦଶନ୍ଧିରେ ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ନ ଦେବାର ଅନେକ ଉଦାହରଣ ରହିଛି। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଥିଲା ପୁରୀର ୫ଜଣ କନିଷ୍ଠ ମୁଷ୍ଟିଯୋଦ୍ଧାଙ୍କ କ୍ଷେତ୍ରରେ। ଏହି ମୁଷ୍ଟିଯୋଦ୍ଧାମାନେ ଜାତୀୟ ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ସେମାନଙ୍କୁ ସୂଚନା ଦିଆ ନ ଯାଇ ଦଳ ପଠାଯାଇଥିଲା। ଏମାନେ କ୍ରୀଡ଼ାମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବାପରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସମର୍ଥ ହୋଇଥିଲେ। ଏଣୁ ଓଏବିଏର ପକ୍ଷପାତିତା ଓ ମନମାନି ଯୋଗୁଁ ରାଜ୍ୟରେ ମୁଷ୍ଟିଯୁଦ୍ଧ କ୍ରୀଡ଼ାରେ ସଫଳତା ମିଳୁନାହିଁ।



ଏହି ରିଟ୍ ପିଟିସନ ଡବ୍ଲ୍ୟୁ/.ପି.(ସି) ନଂ.୧୪୨୨୬ ଅଫ୍ ୨୦୨୫ର ବିଚାର କରି ବିଚାରପତି ରାଉତରାୟ ଆବେଦନକାରୀ ସୁନୀତା ଜେନା ଓ ଅନ୍ୟମାନଙ୍କ ଅଭିଯୋଗର ତୁରନ୍ତ ସାମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଓଡ଼ିଶାରେ ଭାରତୀୟ କ୍ରୀଡ଼ାବିକାଶ ସଂହିତା-୨୦୧୧ କାର୍ଯ୍ୟକାରୀ ନ ହେବା ଫଳରେ କ୍ରୀଡ଼ା ପ୍ରଶାସନରେ ସ୍ୱଚ୍ଛତା ଓ ଦାୟିତ୍ୱ ସୁନିଶ୍ଚିତ କରାଇବାକୁ ମଧ୍ୟ ଆବେଦନ କରାଯାଇଥିଲା। ଓଏବିଏର ଦାୟିତ୍ୱହୀନତା ଓ ନେତୃତ୍ୱର ଦୁର୍ବଳତା ବଳରେ ସମ୍ବିଧାନର ଧାରା ୧୪ ଓ ୨୧ ଅନୁଯାୟୀ ଖେଳାଳିମାନଙ୍କ ମୌଳିକ ଅଧିକାର ଉଲ୍ଲଙ୍ଘନ ହୋଇଛି। ଖେଳାଳିମାନଙ୍କ ଅଧିକାର ରକ୍ଷା କରିବା ଓ ଖେଳର ଉନ୍ନତି କରିବା ଲାଗି ସରକାର ଦୃଢ଼ ପଦକ୍ଷେପ ନେବାକୁ ମଧ୍ୟ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଜେ. ଭୂୟାଁ ମକଦ୍ଦମା ପରିଚାଳନା କରୁଥିଲେ।

ପ୍ରଥମ ଟେଷ୍ଟ: ମୁଲଡର୍‌ଙ୍କ ଶତକ

## ଜିମ୍ବାୱେ ସାମ୍ନାରେ ୫୩୭ ରନ ଟାର୍ଗେଟ୍

ବୁଲାୱାୟୋ, ୩୦।୬ (ଏଜେନ୍ସି): ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୫୩୭ ରନର ବିଶାଳ ବିଜୟ ଲକ୍ଷ୍ୟ ଜିମ୍ବାୱେ ସାମ୍ନାରେ ଧାର୍ଯ୍ୟ କରିଛି। ଜବାବରେ ଘରୋଇ ଜିମ୍ବାୱେ ଏହି କଷ୍ଟସାଧ ଲକ୍ଷ୍ୟକୁ ପିଛା କରି ସୋମବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୮.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୨ ରନ ସଂଗ୍ରହ କରିଛି। ଓପନର୍ ଟି. କାଇଟୋନ ୬୨ ବଲ୍‌ରେ ୧୨ ରନ କରି ଆଉଟ୍ ହୋଇଛନ୍ତି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାବେଳେ ଜିମ୍ବାୱେକୁ ବିଜୟ ଲାଗି ଆଉ ୫୦୫ ରନ ଆବଶ୍ୟକ ହେଉଛି। ସେହିଭଳି ଦକ୍ଷିଣ ଆଫ୍ରିକା ୯ ୱିକେଟ୍ ନେଲେ ବିଜୟୀ ହେବ। ପୂର୍ବରୁ ୧୬୭ ରନରେ ଅଗ୍ରଣୀ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ପାଳି ଆରମ୍ଭ କରି ରବିବାର ଶେଷ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୪୯ ରନ କରିଥିଲା। ସୋମବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୱିଆନ ମୁଲଡର୍‌ଙ୍କ ଶତକ ବଳରେ ୮୨.୫ ଓଭରରେ ୩୬୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମୁଲଡର୍ ୨୦୬ ବଲ୍ ସାମ୍ନା କରି ୧୭ ଚୌକା ଓ ୨ ଛକା ବଳରେ ୧୪୭ ରନ କରି ଆଉଟ୍ ହୋଇଥିଲେ। ଟେଷ୍ଟରେ ଏହା ତାଙ୍କ ଦ୍ୱିତୀୟ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ କେଶବ ମହାରାଜ ୫୧, କୋର୍ବିନ ବୋଷ୍ଟ ଓ କାଏଲ୍ ଭେରେନି ୩୬ ରନ ଲେଖାଏ କରିଥିଲେ। ଘରୋଇ ଜିମ୍ବାୱେ ପାଇଁ ୱେଲିଂଟନ ମାସାକାଜା ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS